Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 207
Saturday, 03 October 2026
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୦୩ ଅକ୍ଟୋବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଦିଲ୍ଲୀରୁ ମୁମ୍ବାଇ: ସବୁଠି ଶୁଭିଲା ଜ୍ଞାନେଶ ବିରୋଧୀ ସ୍ୱର

ନୂଆଦିଲ୍ଲୀ, ୨/୧୦ (ନ୍ୟୁ.ଏ): ଦିଲ୍ଲୀରୁ ମୁମ୍ବାଇ ସବୁଠି ଶୁଭିଲା ଯୁବଗୋଷ୍ଠୀଙ୍କ ଗର୍ଜନ । ପବିତ୍ର ଗାନ୍ଧି ଜୟନ୍ତୀରେ ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଗର୍ଜିଛନ୍ତି ଜେନ ଜି । ଦିଲ୍ଲୀରେ ବିଭିନ୍ନ ଛାତ୍ର ସଂଗଠନ ସହ ଆମ ଆଦମୀ ପାର୍ଟି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିବା ବେଳେ ମୁମ୍ବାଇରେ ଶକ୍ତି ପ୍ରଦର୍ଶନ କରିଛି କଂଗ୍ରେସ ଜନତା ପାର୍ଟି ବା ସିଜେପି । ସମସ୍ତେ ମିଳିତ ଭାବେ ଦେଶରେ ନିର୍ବାଚନରେ ଅନିୟମିତତା ଅଭିଯୋଗ ଆଣି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛନ୍ତି । ଭୋଟର ତାଲିକା ସଂଶୋଧନ ପାଇଁ ନିର୍ବାଚନ କମିଶନ କରୁଥିବା ଏସ୍‌ଆଇଆର ବିରୋଧରେ ନିଜର ସ୍ୱରକୁ ଶାଣିତ କରିଛନ୍ତି । ଛାତ୍ର ସଂଗଠନ ଓ ସିଜେପିର ଏହି ଆନ୍ଦୋଳନକୁ ବିଭିନ୍ନ ରାଜନୀତିକ ଦଳ ଓ ବଡ଼ବଡ଼ ସେଲିବ୍ରେଟି ମଧ୍ୟ ସମର୍ଥନ ଘୋଷଣା କରିଛନ୍ତି । ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଆଜି ଦିଲ୍ଲୀର ଯନ୍ତରମନ୍ତରରେ ଆନ୍ଦୋଳନ ଡାକରେ ଦେଇଥିଲେ ବିଭିନ୍ନ ଛାତ୍ର ସଂଗଠନ । ଆପ, ଅଲ ଇଣ୍ଡିଆ ଷ୍ଟୁଡେଂଟ ଆସୋସିଏସନ (ଏଆଇଏସ୍‌ଏ), ଏନଏସ୍‌ୟୁଆଇ ଓ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ପାଇଁ ପ୍ରସ୍ତୁତି ହୋଇଥିଲେ ହେଁ ପୁଲିସ୍ ଏଥିପାଇଁ ଦେଇ ନଥିଲା ଅନୁମତି । ପୁଲିସ୍‌ର କଡ଼ା ସୁରକ୍ଷା ବଳୟ ସତ୍ତ୍ୱେ ରାଜରାସ୍ତାକୁ ଓହ୍ଲାଇଥିଲେ ବିକ୍ଷୋଭକାରୀ । ଏହାକୁ ନେଇ ପୁଲିସ୍ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ହୋଇଛି ଜବରଦସ୍ତ ଖଣ୍ଡଯୁଦ୍ଧ । ପୁଲିସ୍ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଯନ୍ତରମନ୍ତର ସମେତ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଅତିରିକ୍ତ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଥିଲା । ଶୁକ୍ରବାର ଦିଲ୍ଲୀ ମେଟ୍ରୋର ୧୧ଟି ଷ୍ଟେସନକୁ ବନ୍ଦ ରଖାଯାଇଥିଲା । ସମସ୍ତେ ଦିନ ୧୧ଟା ସୁଦ୍ଧା ଯନ୍ତରମନ୍ତରରେ ଏକାଠି ହେବାକୁ ଯୋଜନା କରିଥିଲେ । ହେଲେ ୩ରୁ ୪ ହଜାର ପୁଲିସ୍ ପୂରା ଯନ୍ତରମନ୍ତରକୁ ସିଲ କରି ଦେଇଥିଲା । ବିଭିନ୍ନ ସ୍ଥାନରେ ବ୍ୟାରିକେଡ ମଧ୍ୟ ଲଗା ଯାଇଥିଲା । ତଥାପି ବିକ୍ଷୋଭକାରୀ ଯନ୍ତରମନ୍ତର ଅଭିମୁଖେ ବଢ଼ିବାରୁ ପୁଲିସ୍ ସେମାନଙ୍କୁ ଅଧା ରାସ୍ତାରୁ ଉଠାଇ ନେଇଥିଲା । ଆପ୍ ନେତ୍ରୀ ଆତିଶୀ, ଆପ୍‌ର ଦିଲ୍ଲୀ ସୌରଭ ଭରଦ୍ୱାଜ, ବାମଦଳର ଅନେକ ନେତା, ଛାତ୍ରୀ ନେହାଙ୍କ ସମେତ ପୁଲିସ୍ ପ୍ରାୟ ୧୧୦୦ ଜଣ ବିକ୍ଷୋଭକାରୀଙ୍କୁ ଆଜି ଉଠାଇ ନେଇ ଅଟକ ରଖିଛି । ହେଲେ ସେମାନେ ଜ୍ଞାନେଶ କୁମାର ଇସ୍ତଫା ନ ଦେବା ଯାଏ ପଛକୁ ହଟିବେ ନାହିଁ ବୋଲି କହିଛନ୍ତି । ଏପଟେ ମୁମ୍ବାଇରେ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ରଣହୁଙ୍କାର ଦେଇଛି ଦେଶର ନୂଆ ବିପ୍ଳବ ସୃଷ୍ଟି କରିଥିବା ସିଜେପି । ଶିବାଜୀ ପାର୍କ ଆନ୍ଦୋଳନ ପାଇଁ ପୁଲିସ୍ ଅନୁମତି ଦେଇ ନଥିଲେ ହେଁ ହଜାର ହଜାର ଜେନ ଜି ଏକାଠି ହୋଇ କେନ୍ଦ୍ର ସରକାର ଓ ଜ୍ଞାନେଶ କୁମାରଙ୍କ ବିରୋଧରେ ଗର୍ଜିଛନ୍ତି । ସିଜେପିର ମଂଚରୁ ସିଧାସଳଖ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିକୁ ଜୋରଦାର କରିଛନ୍ତି ଏହାର ପ୍ରତିଷ୍ଠାତା ଅଭିଜିତ ଦୀପକେ । ଭୋଟର ତାଲିକା ପରିଚାଳନା ଏସ୍‌ଆଇଆରକୁ ନେଇ ଯେଉଁ ପ୍ରଶ୍ନ ଉଠୁଛି, ତା'ର ଉତ୍ତର ଦେବାକୁ ସେ ଦାବି କରିଛନ୍ତି । ସିଜେପିର ଆନ୍ଦୋଳନ ଡାକରାକୁ ଦୃଷ୍ଟିରେ ରଖି ଦାଦର ଷ୍ଟେସନ୍ ଠାରୁ ଶିବାଜୀ ପାର୍କ ଯାଏ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ବିଭିନ୍ନ ସ୍ଥାନରେ ବ୍ୟାରିକେଡ୍ ଲଗାଇଥିଲା ପୁଲିସ୍ । ପୁଲିସ୍ ଆନ୍ଦୋଳନକୁ ବିଭିନ୍ନ କାରଣ ଦର୍ଶାଇ ଅନୁମତି ଦେଇ ନଥିଲେ ହେଁ ପଛକୁ ହଟି ନଥିଲା ସିଜେପି । ଅଭିଜିତ ଦୀପକେଙ୍କ ନେତୃତ୍ୱରେ ଶିବାଜୀ ପାର୍କରେ ଜମିଥିଲା ପ୍ରବଳ ଭିଡ଼ । ସ୍ଲୋଗାନ୍, ପ୍ଲାକାର୍ଡ ଓ ଭାଷଣରେ ନିର୍ବାଚନୀ ବ୍ୟବସ୍ଥାକୁ ନେଇ ଉଠିଥିଲା ପ୍ରଶ୍ନ । ଦୀପକେ କେବଳ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସୀମିତ ନଥିଲେ । ୨୦୨୫ର ଭୋଟର ତାଲିକାକୁ ଫ୍ରିଜ୍ କରି ସେହି ତାଲିକା ଆଧାରରେ ନିର୍ବାଚନ କରାଇବା, ନିର୍ବାଚନ କମିଶନର ନିଯୁକ୍ତି ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିବା ଓ ଏଥିରେ ସାମାଜିକ ସଂଗଠନର ଭୂମିକା ରହିବା ଦାବି ମଧ୍ୟ ସେ ଦୋହରାଇଛନ୍ତି । ପୁଲିସ୍ ଆନ୍ଦୋଳନ ପାଇଁ ଅନୁମତି ଦେଇ ନଥିବାରୁ ଏହାକୁ ସିଜେପି କଡ଼ା ଭାଷାରେ ବିରୋଧ କରିଛି । ସଂଗଠନ ପକ୍ଷରୁ ଜେଲ ଭରୋ ଆନ୍ଦୋଳନର ଚେତାବନୀ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସଙ୍କୁ ସିଜେପି ଖୋଲା ଚ୍ୟାଲେଞ୍ଜ ବିକ୍ଷୋଭକାରୀଙ୍କୁ ଜେଲରେ ଭର୍ତ୍ତି କରିବାକୁ କହିଛି । ସିଜେପିର ଜ୍ଞାନେଶ ବିରୋଧୀ ଆନ୍ଦୋଳନରେ ଅନେକ ଚର୍ଚ୍ଚିତ ଚେହେରା ମଧ୍ୟ ଉପସ୍ଥିତ ରହିଥିଲେ । ଅଭିନେତା ନସିରୁଦ୍ଦିନ ଶାହ ଓ ଗାୟକ ତଥା ସଙ୍ଗୀତକାର ବିଶାଲ ଦଦଲାନି ଶିବାଜୀ ପାର୍କରେ ପହଂଚିଥିଲେ । ଶବାନା ଆଜମୀ ମଧ୍ୟ ମଂଚ ଉପରେ ସିଜେପିର ଆନ୍ଦୋଳନକୁ ସମର୍ଥନ କରିଛନ୍ତି । ନିଟ୍ ପ୍ରଶ୍ନପତ୍ର ଲିକ ବିକ୍ଷୋଭରେ ସାମିଲ ହୋଇଥିବା ପ୍ରକାଶ ରାଜ ଆଜି ଭିଡିଓ କନଫରେନ୍ସିଂ ଜରିଆରେ ସିଜେପିକୁ ସମର୍ଥନ ଦେଇଛନ୍ତି ।

ସବୁ କାମରେ ସରକାର ଫେଲ୍ : ନବୀନ

ଭୁବନେଶ୍ୱର, ୨/୧୦ (ଆ.ପ୍ର) : ଗାନ୍ଧୀ ଜୟନ୍ତୀରୁ ବିଜେଡିର ବାର୍ଷିକ ଜନସମ୍ପର୍କ ପଦଯାତ୍ରା ଏକାମ୍ର ନିର୍ବାଚନମଣ୍ଡଳୀରୁ ଶୁଭାରମ୍ଭ ହୋଇଛି । ନଭେମ୍ବର ଦୁଇ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ବିମାନବନ୍ଦର ନିକଟସ୍ଥ ରଙ୍ଗ ପଡିଆରୁ ପଦଯାତ୍ରାର ଶୁଭାରମ୍ଭ କରି ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି ଯେ, ବିଜୁ ଜନତା ଦଳ ତାର ଭଲ କାମ ପାଇଁ ସବୁବେଳେ ଲୋକଙ୍କ ହୃଦୟରେ ଅଛି ଓ ରହିଥିବ । ଓଡ଼ିଶା ଏବେ ଏକ କଠିନ ପରିସ୍ଥିତି ଦେଇ ଗତି କରୁଛି । ସରକାର କହୁଛନ୍ତି ଲୋକଙ୍କ ସରକାର କିନ୍ତୁ ଲୋକଙ୍କ କଥା ଶୁଣିବାକୁ କେହି ନାହିଁ । ପିଲାଙ୍କ ପଢା ବହି ନାହିଁ । ବୃଦ୍ଧାବୃଦ୍ଧଙ୍କ ପେନସନ ନାହିଁ । ଚାଷୀ ହଇରାଣ । ମା ମାନେ ହଇରାଣ । ଆଇନ ଶୃଙ୍ଖଳା ବୋଲି କିଛି ନାହିଁ । ରାଜ୍ୟ ସରକାରଙ୍କ ବିଫଳତା ଓ ପରିଚାଳନା ଉପରେ ନବୀନ କହିଥିଲେ ଯେ, ସରକାର ଗୋଟିଏ ବି ରଥଯାତ୍ରା ଠିକ୍ ଭାବରେ ପରିଚାଳନା କରି ପାରିଲେନି । ବନ୍ୟା ରିଲିଫରେ କୁପରିଚାଳନା, ଧାନ ସଂଗ୍ରହରେ କୁପରିଚାଳନା, ନିଯୁକ୍ତି ପରୀକ୍ଷା କୁପରିଚାଳନା, ଅର୍ଥ ବ୍ୟବସ୍ଥାରେ କୁପରିଚାଳନା, ସବୁ କାମରେ ଏ ସରକାର ଫେଲ୍ । ଲୋକ କହୁଛନ୍ତି ଯେ, ବିଜେପି ସରକାର କୁପରିଚାଳନାରେ ବିଶେଷ ଦକ୍ଷତା ହାସଲ କରିଛି । କେନ୍ଦ୍ର ସରକାର ଖଣି ଉପରୁ ଓଡ଼ିଶାବାସୀଙ୍କ ଅଧିକାର ନେଇଗଲେ । ଓଡ଼ିଶା ସରକାର ଚୁପ୍ । କୋଡ଼ିଏ ବିଜେପି ସାଂସଦ ଓଡ଼ିଶାବାସୀଙ୍କ ପାଇଁ ଚୁପ୍ । କିନ୍ତୁ ଖଣି ମାଲିକଙ୍କ ପାଇଁ ଲଢ଼ିବାକୁ ପ୍ରସ୍ତୁତ । ପିଲାଙ୍କ ପଢା ବହି କଥା ନ କହିବା ଭଲ । ହଜାର ହଜାର ଭୁଲ । କିନ୍ତୁ ଉତ୍ତରଦାୟିତ୍ୱ ନେବାକୁ ସରକାର ନାରାଜ ବୋଲି କ୍ଷୋଭ ପ୍ରକାଶ କରିଥିଲେ ନବୀନ । ନବୀନ ଆହୁରି କହିଥିଲେ ଯେ ରାଜ୍ୟରେ ରାଜସ୍ୱ ସଂଗ୍ରହ କମୁଛି । ବଜେଟ ବ୍ୟୟ ବରାଦ ଖର୍ଚ୍ଚ ହୋଇ ପାରୁନି । କିଛି କାମ ହେଉନାହିଁ କିନ୍ତୁ ଋଣ ଭାର ବଢ଼ି ଚାଲିଛି । ଟଙ୍କା କୁଆଡେ ଯାଉଛି ବୋଲି ସେ ପ୍ରଶ୍ନ କରିଥିଲେ । ବିଜୁ ଜନତା ଦଳ ବିଜୁ ବାବୁଙ୍କ ଆଦର୍ଶରେ ଓଡ଼ିଶା ପାଇଁ ଲଢ଼ି ଆସିଛି ଓ ଆଗାମୀ ଦିନରେ ଲଢେଇକୁ ଆହୁରି ଜୋରଦାର କରିବାକୁ ନବୀନ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର , ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ଜେନା, ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ ଓ ମନ୍ମଥ ରାଉତରାୟ ପ୍ରମୁଖ ଉଦବୋଧନ ଦେଇଥିଲେ । ସେପଟେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନବୀନ ପଟ୍ଟନାୟକଙ୍କୁ କାଉଂଟର କରିଛନ୍ତି । ସେ କହିଛନ୍ତି ଯେ, ବନ୍ୟା ପରିଚାଳନା ତ୍ରୁଟି ଉପରେ ସେମାନେ କଣ କଥା ରଖିବେ, କିଛି ଯଦି ଭୁଲ ରହିଛି ବିଧାନସଭା ଭଳି ଫୋରମରେ କଥା ଉଠେଇ ଥାନ୍ତେ । ସେଠାରେ କେବଳ ଡ୍ରାମା କଲେ । ଏମ୍ଏମ୍‌ଡିଆର ଓ ପୁସ୍ତକ ତ୍ରୁଟି ଘଟଣାରୁ ଉପରକୁ ଯାଇପାରିଲେ ନାହିଁ । ବିଜୁ ଜନତା ଦଳ କୌଣସି ଭଲ କାମର ପ୍ରଶଂସା କରିପାରେ ନାହିଁ, ସେମାନେ କଣ କହିବେ ? ଲୋକେ ସବୁ ଜାଣିଛନ୍ତି । ମୁଁ ବନ୍ୟା ଓ ବର୍ଷା ସମୟରେ ମଧ୍ୟ ବିଜେଡି ବିଧାୟକମାନଙ୍କ ସହ କଥା ହୋଇଛି, ତାଙ୍କ ନିର୍ବାଚନ ମଣ୍ଡଳୀ ସୁବିଧା ଅସୁବିଧା ବୁଝିଛି । ସହଯୋଗ ପାଇଁ ଧନ୍ୟବାଦ ବି ଦେଇଛି କିନ୍ତୁ ସେମାନେ କାହିଁକି ଅଯଥା ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛନ୍ତି ମୁଁ ଜାଣିନାହିଁ ବୋଲି ମନ୍ତ୍ରୀ କହିଛନ୍ତି ।

ଭୋଟର ତାଲିକା ପାଇଁ ଘରକୁ ଘର ହେବ ସର୍ଭେ

ଭୁବନେଶ୍ୱର, ୨/୧୦ (ଆ.ପ୍ର) : ଗୋଟିଏ ଘର, ଗୋଟିଏ ନମ୍ବର, ଆଉ ସେହି ନମ୍ବର ସହ ଯୋଡ଼ିହେବ ପରିବାରର ଭୋଟର ତଥ୍ୟ । ଭୋଟର ତାଲିକାରେ ଏଣିକି କେବଳ ନାଁ ନୁହେଁ ଘର ସଦସ୍ୟଙ୍କ ରହିବ ପୂରା ଚିତ୍ର । ପ୍ରାଥମିକ ଭାବେ ପ୍ରାୟ ୭ଟି ପ୍ରଶ୍ନକୁ ନେଇ ହେବ ସର୍ଭେ । ଯେମିତିକି ଘରେ କେତେ ଭୋଟର ? ସମସ୍ତଙ୍କର ରହିଛି କି ? ନାମ ଅଛି କି ? କାହାର ନାଁ ଅନ୍ୟ ବୁଥରେ ଅଛି କି ? ଅନ୍ୟ ନିର୍ବାଚନମଣ୍ଡଳୀରେ ନାଁ ରହିଛି କି ? ବିବାହ ପରେ ଅନ୍ୟ ସ୍ଥାନରେ ରହୁଛନ୍ତି କି ? ସର୍ଭେରେ ପ୍ରତ୍ୟେକ ଘରର ନମ୍ବର, ଠିକଣା ଓ ଭୌଗୋଳିକ ସୀମା ଚିହ୍ନଟ କରାଯିବ । ଫଳରେ କେଉଁ ଘର, କେଉଁ ୱାର୍ଡ ଓ କେଉଁ ବୁଥ୍ ଅଧୀନରେ ରହିଛି ତାହାର ସ୍ପଷ୍ଟ ତଥ୍ୟ ମିଳିବ । ୨୦୨୭ରେ ହେବାକୁ ଥିବା ପଂଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଭୋଟର ତାଲିକାକୁ ଅଧିକ ସଠିକ୍ କରିବାକୁ ଆରମ୍ଭ ହୋଇଛି ପ୍ରସ୍ତୁତି । ଏଥିଲାଗି ପ୍ରଥମେ କର୍ମଚାରୀଙ୍କୁ ଟ୍ରେନିଂ ଦିଆଯାଉଛି । ସରକାରଙ୍କ ବିଭିନ୍ନ ସ୍ତରର ଅଧିକାରୀ ପ୍ରଶିକ୍ଷଣ ନେଉଛନ୍ତି । ଅକ୍ଟୋବର ୬, ୭ ଓ ୮ ତାରିଖରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ, ତାପରେ ଅକ୍ଟୋବର ୮ରୁ ୧୬ ଯାଏଁ ବ୍ଲକସ୍ତରୀୟ ଟ୍ରେନିଂ ରହିଛି । ଆଉ ତା'ପରେ ସିଧା ଘରେ ଘରେ ପହଂଚିବେ ସର୍ଭେ କରୁଥିବା କର୍ମଚାରୀ । BLO, ଅଙ୍ଗନବାଡ଼ି କର୍ମୀ, ଶିକ୍ଷକ ଓ ନିୟୋଜିତ କର୍ମଚାରୀ ମୈଦାନକୁ ଓହ୍ଲାଇବେ । ଅକ୍ଟୋବର ୨୬ରୁ ନଭେମ୍ବର ୩ ଯାଏଁ ଚାଲିବ ଏହି ସର୍ଭେ । ଭୋଟର ତାଲିକା ପ୍ରସ୍ତୁତି, ସଂଶୋଧନ, କ୍ଷେତ୍ରସ୍ତରୀୟ ସର୍ଭେ, ନିର୍ବାଚନୀ ପ୍ରସ୍ତୁତି ଓ ପ୍ରଶାସନିକ ପ୍ରକ୍ରିୟା ଉପରେ ଫୋକସ ରହିଛି ।

ଗାନ୍ଧୀ-ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨/୧୦ (ଆ.ପ୍ର) : ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ସ୍ୱତନ୍ତ୍ର ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ବହୁ ମନ୍ତ୍ରୀ ଓ ବିଧାୟକ ଯୋଗଦେଇ ବାପୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭା ଓ ରାମଧୁନ୍ ପରିବେଷଣ ମଧ୍ୟରେ ଗାନ୍ଧୀଜୀଙ୍କ ସତ୍ୟ, ଅହିଂସା, ସ୍ୱଚ୍ଛତା, ସ୍ୱାବଲମ୍ବନ ଓ ଗ୍ରାମ ସ୍ୱରାଜର ଆଦର୍ଶକୁ ସ୍ମରଣ କରାଯିବା ସହ ତାଙ୍କ ବିଚାରଧାରାକୁ ନିଜ ଜୀବନରେ ଆପଣେଇବାକୁ ଆହ୍ୱାନ ଦିଆଯାଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହୁଥିଲେ ଆଜି 'ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଜୟନ୍ତୀ । ଏହି ଅବସରରେ ମୁଁ ଏହି ମହାନ୍ ଯୁଗପୁରୁଷଙ୍କ ପ୍ରତି ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଆଜି ମଧ୍ୟ ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କର ଜୟନ୍ତୀ । ଏହି ଅବସରରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଗାନ୍ଧୀଜୀ କେବଳ ଭାରତକୁ ସ୍ୱାଧୀନତା ଦେଇନଥିଲେ, ବରଂ ସାରା ବିଶ୍ୱକୁ ନୈତିକତା, ସତ୍ୟାଗ୍ରହ ଓ ଅସହଯୋଗ ପରି ନୂଆ ଦିଗଦର୍ଶନ ପ୍ରଦାନ କରିଥିଲେ । ମହାତ୍ମା ଗାନ୍ଧୀଙ୍କର ମୁଖ୍ୟ ସ୍ୱପ୍ନ ଥିଲ ସମାଜରେ ଶେଷ ଧାଡ଼ିରେ ଥିବା ବ୍ୟକ୍ତି କିଭଳି ଭାବରେ ସମ୍ପୂର୍ଣ୍ଣ ଭାବରେ ସେବା ପାଇପାରିବ । ଏଥି ସହିତ ସେ ସ୍ୱଚ୍ଛତା ଏବଂ ସ୍ୱଦେଶୀକୁ ମଧ୍ୟ ଅଧିକ ଗୁରୁତ୍ୱ ଦେଉଥିଲେ । ଗାନ୍ଧୀଜୀଙ୍କର ଏହି ସବୁ ସ୍ୱପ୍ନକୁ ସାକାର କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ ଯୋଜନାମାନ ଏବଂ ପଦକ୍ଷେପମାନ ନେଇଛନ୍ତି । ସ୍ୱଚ୍ଛତା ଆଜି ଦେଶରେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି । ସ୍ୱଦେଶୀ ମନ୍ତ୍ର ଆଜି ଆତ୍ମନିର୍ଭର ଭାରତ ଗଢ଼ିବାରେ ସହାୟକ ହେଉଛି । ସମାଜର ଶେଷ ଧାଡ଼ିର ବ୍ୟକ୍ତି ପାଖରେ ବିକାଶ ପହଂଚାଇବା ପାଇଁ ମୋଦୀଜୀ ଆରମ୍ଭ କରିଛନ୍ତି ଅନ୍ତ୍ୟୋଦୟ ଯୋଜନା । ଏହା ମାଧ୍ୟମରେ ଗରିବ ଜନସାଧାରଣଙ୍କୁ ସଶକ୍ତ କରିବା ପାଇଁ ଜନକଲ୍ୟାଣକାରୀ ବିଭିନ୍ନ ପଦକ୍ଷେପମାନ ସେ ଗ୍ରହଣ କରି କାର୍ଯ୍ୟକାରୀ କରାଉଛନ୍ତି । ଶାନ୍ତିଦୂତ ଲାଲ ବାହାଦୁର ଶାସ୍ତ୍ରୀ ଥିଲେ ସରଳ ଜୀବନ ଏବଂ ଉଚ୍ଚ ଚିନ୍ତାଧାରାର ଜଣେ ଶ୍ରେଷ୍ଠ ବ୍ୟକ୍ତିତ୍ୱ ।

ଅକ୍ଟୋବରରେ ବଢ଼ିଲା ବାତ୍ୟା ଭୟ, ବଙ୍ଗୋପସାଗରରେ ଲଘୁଚାପ ଆଶଙ୍କା

ଭୁବନେଶ୍ୱର, ୨/୧୦ (ଆ.ପ୍ର) : ବାହାରକୁ ବାହାରିଲେ ଟାଙ୍ଗି ଟାଙ୍ଗି ତାତି । ରାତିରେ ଗରମ ଗୁଳୁଗୁଳି କାହିଁରେ କଣ । ହେଲେ ଅସହ୍ୟ ଖରା ଭିତରେ ଓଡ଼ିଶାକୁ ଡରାଇଲାଣି ଅକ୍ଟୋବର । ବଙ୍ଗୋପସାଗରରୁ ଆସିଲାଣି ବାତ୍ୟା ଭୟ । ଛନକା ବଢାଇଛି ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ । ଆଇଏମଡିର ଆକଳନ କହୁଛି, ଅକ୍ଟୋବର ଦ୍ୱିତୀୟ ସପ୍ତାହ ଅର୍ଥାତ ଆସନ୍ତା ୧୨ ତାରିଖ ବେଳକୁ ଆଣ୍ଡାମାନ ସାଗରରେ ପ୍ରବେଶ କରିପାରେ ଆଉ ଏକ ଘୂର୍ଣ୍ଣିବଳୟ । ଯାହାକି ୧୩ରେ ନେବ ଲଘୁଚାପ ରୂପ । ପରେ ଅଧିକ ଘନୀଭୂତ ହୋଇ ୧୫ ତାରିଖ ବେଳକୁ କେନ୍ଦ୍ରୀୟ ଓ ପାର୍ଶ୍ୱବର୍ତ୍ତୀ ବଙ୍ଗୋପସାଗରରେ ଅବପାତରେ ପରିଣତ ହୋଇପାରେ । ତେବେ ତାହା ଅଧିକ ଘନୀଭୂତ ହେବ କି ନାହିଁ ସେନେଇ ସ୍ପଷ୍ଟ ଆକଳନ କରାଯାଇନି । ତଥାପି ସେହି ସମୟରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ମୌସୁମୀ ସଂପୂର୍ଣ୍ଣ ଫେରିସାରିଥିବ । ଏହାସହିତ ମୌସୁମୀ ପରବର୍ତ୍ତୀ ସାଇକ୍ଲୋନ୍ ସିଜିନ୍ ଆରମ୍ଭ ହୋଇଯାଇଥିବା । ସେ ଦୃଷ୍ଟିରୁ ବାତ୍ୟା ସୃଷ୍ଟି ପାଇଁ ପାଗ ଅନୁକୂଳ ଥିବ । ପାଣିପାଗ ବିଜ୍ଞାନୀଙ୍କ କହିବା ଅନୁସାରେ, ବଙ୍ଗୋପସାଗରରେ ଦୁର୍ବଳ ଅବପାତ ଗଠନ ହୋଇପାରେ । ୧୫ ତାରିଖ ପରେ ଏହାର ଗତିପଥ ଓ ଶକ୍ତି କଣ ରହିବ, ସେନେଇ ଏଯାଏଁ ଅନିଶ୍ଚିତତା ଲାଗିରହିଛି । ଏପଟେ ECMWF, GFS ଓ NCUM ପରି କିଛି ବିଶ୍ୱସ୍ତରୀୟ ପାଣିପାଗ ମଡେଲର ଆକଳନ କରୁଛି, ସମ୍ଭାବ୍ୟ ଘୂର୍ଣ୍ଣିବଳୟ ବଙ୍ଗୋପସାଗରରେ ବାତ୍ୟା ରୂପ ନେଇପାରେ । ଯାହାକି ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଉପକୂଳକୁ ମୁହାଁଇପାରେ । ପାଣିପାଗ ବିଶେଷଜ୍ଞ ସୁରେନ୍ଦ୍ରନାଥ ପଶୁପାଳକଙ୍କ ଆକଳନ ମଧ୍ୟ ସାଇକ୍ଲୋନ୍ ଆଡ଼କୁ ଇଙ୍ଗିତ କରୁଛି । ତାଙ୍କ ସୂଚନା ଅନୁସାରେ, ଆସନ୍ତା ୮ରୁ ୧୫ ତାରିଖ ମଧ୍ୟରେ ବଙ୍ଗୋପସାଗରରେ ଘୂର୍ଣ୍ଣିଝଡ଼ ସୃଷ୍ଟି ହୋଇପାରେ । କିନ୍ତୁ ଏହାର ତୀବ୍ରତା, ଗତିପଥ ନେଇ ଏପର୍ଯ୍ୟନ୍ତ ଆକଳନ କରାଯାଇନି । ଓଡ଼ିଶା ପ୍ରତି କୌଣସି ବିପଦ ସଂକେତ ମଧ୍ୟ ମିଳିନାହିଁ । ଆସନ୍ତା ସପ୍ତାହରେ ଏନେଇ ଏକ ସ୍ପଷ୍ଟ ଚିତ୍ର ଆସିପାରେ । ୧୯୯୯ ଅକ୍ଟୋବର ୨୯ରେ ମହାବାତ୍ୟା, ୨୦୧୩ ଅକ୍ଟୋବର ୧୧ରେ ଫାଇଲିନ୍, ୨୦୧୪ ଅକ୍ଟୋବର ୧୨ରେ ହୁଦହୁଦ୍, ୨୦୧୮ ଅକ୍ଟୋବର ୧୧ରେ ତିତିଲି ଓଡ଼ିଶାକୁ ଅନେକ କ୍ଷତି ପହଂଚାଇଛି । ଏବେ ପୁଣି ଅକ୍ଟୋବରରେ ବାତ୍ୟା ଆଶଙ୍କା ଭୟ ବଢାଇଛି । ତେବେ ସମ୍ଭାବ୍ୟ ଘୂର୍ଣ୍ଣିବଳୟ ଶକ୍ତିଶାଳୀ ହୋଇ ସାଇକ୍ଲୋନ୍ ରୂପ ନେବ ନା ପୁଣି ଥରେ ଓଡ଼ିଶାରେ କେବଳ ପ୍ରବଳ ବର୍ଷା କରାଇବ ତା ଉପରେ ନଜର ରହିଛି । ଏସବୁ ଭିତରେ ଦଶହରା ଧୋଇଯିବାର ମଧ୍ୟ ଆଶଙ୍କା ଦେଖାଦେଇଛି । ଅନ୍ୟପଟେ ଚଳିତ ମୌସୁମୀ ଋତୁରେ ୧୨ଟି ଲଘୁଚାପ ପ୍ରଭାବରେ ଏକାଧିକ ଥର ବନ୍ୟା ସହିତ ଜନଜୀବନ ବେହାଲ ହୋଇପଡ଼ିଛି ।

ବାଲିଯାତ୍ରା ଇଭେଂଟ ମ୍ୟାନେଜମେଂଟ ଟେଣ୍ଡର ନିୟମରେ ମନମାନି ଅଭିଯୋଗ

 କଟକ, ୨/୧୦ (ଆ.ପ୍ର) : ବହୁ ଘଂଟାଚକଟା ପରେ ଚଳିତ ବର୍ଷର କଟକ ବାଲିଯାତ୍ରା ଇଭେଂଟ ମ୍ୟାନେଜମେଂଟ୍ ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି । ତେବେ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଏହି କାମ ଦେବା ଲାଗି ମନଇଚ୍ଛା ଟେଣ୍ଡର ନିୟମ ଲାଗୁ କରାଯାଇଛି ବୋଲି ଅଭିଯୋଗ ହେଉଛି । ଯାହାଫଳରେ ଟେଣ୍ଡର ବାହାନାରେ ଜିଲ୍ଲା ପ୍ରଶାସନ ୧୦ କୋଟି ଟଙ୍କାର ଏହି କାମ ସଂପୃକ୍ତ ସଂସ୍ଥା ହାତକୁ ଟେକିଦେଇପାରିବ । ଚଳିତବର୍ଷର ବାଲିଯାତ୍ରା ଇଭେଂଟ ମ୍ୟାନେଜ୍‌ମେଂଟ କାମକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଷ୍ଟେଜ୍ ବାନ୍ଧିବା, ଚେୟାର ପକାଇବା, ଲାଇଟ୍, ସାଜସଜ୍ଜା ଆଦି କାମକୁ କ୍ୱାଲିଟି ବେସ୍ଡ ଇଭାଲ୍ୟୁସନ୍ ଜରିଆରେ କରାଯିବ ବୋଲି ସ୍ଥିର କରାଯାଇଛି । ଏଥିପାଇଁ ୬କୋଟି ଟଙ୍କାର ବଜେଟ୍ କରାଯାଇଛି । ଅର୍ଥାତ ଏହି କାମ ପାଇଁ ଯେଉଁ ସଂସ୍ଥା ସବୁ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବେ ସେମାନଙ୍କୁ ନିଜ ଯୋଜନା ଓ ପ୍ରସ୍ତୁତି ସଂପର୍କରେ ଅବଗତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଡକାଯିବ । ସେମାନେ ଉପସ୍ଥିତ ଅଧିକାରୀଙ୍କୁ ପ୍ରେଜେଂଟେସନ୍ ଜରିଆରେ ଯୋଜନା ଜଣାଇବେ । ପ୍ରେଜେଂଟେସନ୍ ଅନୁସାରେ ଜିଲ୍ଲାପାଳ ସଂସ୍ଥାମାନଙ୍କୁ ମାର୍କ ପ୍ରଦାନ କରିବେ । ଯେଉଁ ସଂସ୍ଥା ଅଧିକ ମାର୍କ ପାଇବେ ସେହି ସଂସ୍ଥା ଏହି କାମ ହାତେଇବ । ଅର୍ଥାତ ମାର୍କ ଜରିଆରେ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଟେଣ୍ଡର ଦିଆଯାଇପାରିବ ।

ପଂଚାୟତ ଭୋଟ ପୂର୍ବରୁ ଗ୍ରାଉଣ୍ଡରେ ତିନି ଦଳ

ଭୁବନେଶ୍ୱର, ୨/୧୦ (ଆ.ପ୍ର) : ପଂଚାୟତ ନିର୍ବାଚନ ପୂର୍ବରୁ ଗାଁ ଗାଁରେ ଜମିବ ରାଜନୀତି । ଗାନ୍ଧୀ ଜୟନ୍ତୀରୁ ଗ୍ରାଉଣ୍ଡକୁ ଓହ୍ଲାଇଛନ୍ତି ତିନି ପ୍ରମୁଖ ଦଳ । ନେତା ଯିବେ ଗାଁକୁ, କର୍ମୀ ପହଂଚିବେ ଘରକୁ । ଆଉ ଲୋକଙ୍କ ପାଖରେ ପହଂଚିବ ଦଳୀୟ ବାର୍ତ୍ତା । ବିଜେଡି ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ ଲୋକଙ୍କ ପାଖକୁ ଯାଉଥିବା ବେଳେ କଂଗ୍ରେସ 'ଗଣତନ୍ତ୍ର ବଂଚାଅ ସପ୍ତାହ' ଏବଂ ବିଜେପି 'ସେବା ସଂକଳ୍ପ' ଅଭିଯାନ ଆରମ୍ଭ କରିଛି । ଗାନ୍ଧୀ ଜୟନ୍ତୀରୁ ମାସେ ବ୍ୟାପୀ 'ଜନସମ୍ପର୍କ ପଦଯାତ୍ରା' ଆରମ୍ଭ କରିଛି ବିଜେଡି । ନଭେମ୍ବର ୨ ପର୍ଯ୍ୟନ୍ତ ଚାଲିବ ଏହି କାର୍ଯ୍ୟକ୍ରମ । ଭୁବନେଶ୍ୱର ୫୨ ନମ୍ବର ୱାର୍ଡରୁ ପଦଯାତ୍ରାର ଶୁଭାରମ୍ଭ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ । ରାଜ୍ୟର ୩୪ଟି ସାଙ୍ଗଠନିକ ଜିଲ୍ଲା ସମେତ ବ୍ଲକ୍, ପୌରାଂଚଳ, ଏନ୍‌ଏସି ଓ ମହାନଗର ନିଗମ ସ୍ତରରେ କାର୍ଯ୍ୟକ୍ରମ ହେବ । ସରକାରଙ୍କ କାର୍ଯ୍ୟକଳାପ, ଜନସମସ୍ୟା ଓ ନିର୍ବାଚନୀ ପ୍ରତିଶ୍ରୁତିକୁ ପ୍ରସଙ୍ଗ କରି ଲୋକଙ୍କ ପାଖକୁ ଯିବ ଦଳ । ସେପଟେ ବିଜେଡିର ପଦଯାତ୍ରା ମଧ୍ୟରେ କଂଗ୍ରେସ ଆରମ୍ଭ କରିଛି 'ଗଣତନ୍ତ୍ର ବଂଚାଅ ସପ୍ତାହ' । ଅକ୍ଟୋବର ୨ରୁ ୮ ପର୍ଯ୍ୟନ୍ତ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରିବ ଦଳ । ପଦଯାତ୍ରା, ମାଲ୍ୟାର୍ପଣ, ସଭା ଓ ଲିଫ୍‌ଲେଟ୍ ବଂଟନ ମାଧ୍ୟମରେ ଲୋକଙ୍କ ପାଖକୁ ଯିବାକୁ ଯୋଜନା ରହିଛି । ଅକ୍ଟୋବର ୬ରେ ଜିଲ୍ଲାସ୍ତରୀୟ ସମାବେଶ ଏବଂ ଅକ୍ଟୋବର ୮ରେ ଓଡ଼ିଶା ବନ୍ଦ ପାଇଁ ଦଳ ଡାକରା ଦେଇଛି । ସେହିପରି ସଭା ଓ ପଦଯାତ୍ରା ବଦଳରେ 'ସେବା' ମାଧ୍ୟମରେ ତଳସ୍ତରକୁ ଯିବାକୁ ଅଭିଯାନ ଆରମ୍ଭ କରିଛି ବିଜେପି । 'ସେବା ସଂକଳ୍ପ' ଅଭିଯାନରେ ସ୍ୱଚ୍ଛତା ଅଭିଯାନ ସହ ଅଙ୍ଗନବାଡ଼ି, ସ୍କୁଲ ଓ କଲେଜରେ ବିଭିନ୍ନ କାର୍ଯ୍ୟକ୍ରମ କରିବ ଦଳ । ବୃଦ୍ଧ ଓ ଯୁବବର୍ଗଙ୍କୁ ଯୋଡ଼ିବା ଉପରେ ମଧ୍ୟ ଫୋକସ୍ ରହିଛି । ପ୍ରତି ବୁଥ୍‌ରେ 'ବିକଶିତ ସଂକଳ୍ପ ଯାତ୍ରା' ଆୟୋଜନ କରିବା ସହ ପଥପ୍ରାନ୍ତ ନାଟକ ମାଧ୍ୟମରେ କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମ ଓ ବିକାଶ ସମ୍ପର୍କିତ ବାର୍ତ୍ତା ଲୋକଙ୍କ ପାଖରେ ପହଂଚାଇବାକୁ ଯୋଜନା କରିଛି ଦଳ । ପଂଚାୟତ ନିର୍ବାଚନ ପୂର୍ବରୁ ତିନି ଦଳର ଏହି ଗ୍ରାଉଣ୍ଡ କ୍ୟାମ୍ପେନ୍‌କୁ ନେଇ ରାଜନୈତିକ ମୈଦାନ ସରଗରମ ହୋଇଛି । ନେତା ଗାଁକୁ ଯିବେ, କର୍ମୀ ଘରେ ଘରେ ପହଂଚିବେ । ଭୋଟରଙ୍କ ନିକଟରେ ନିଜ ନିଜ ଦଳର ବାର୍ତ୍ତା ପହଂଚାଇବା ଉପରେ ତିନି ଦଳର ଫୋକସ୍ ରହିଛି । ନିର୍ବାଚନ ପୂର୍ବରୁ ଆରମ୍ଭ ହୋଇଥିବା ଏହି ତଳସ୍ତରୀୟ ଅଭିଯାନ ଆଗାମୀ ଦିନରେ କେତେ ଦୂର ପ୍ରଭାବ ପକାଉଛି, ତାହା ଉପରେ ନଜର ।

କାହା ମନରେ ସନ୍ତାପ ନ ଦେବା ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଠୁ ଆରମ୍ଭ
SEITHO ARAMBHA

ଏକାଠି ପାଳନ ହେଲା ଗାନ୍ଧୀ ଜୟନ୍ତୀ, ଶାସ୍ତ୍ରୀ ଜୟନ୍ତୀ ଓ ସୁଭଦ୍ରା ଉତ୍ସବ-୨୦୨୬

ଜଗତସିଂହପୁର, ୦୨/୧୦ (ଆ.ପ୍ର) : ଜଗତସିଂହପୁର ବ୍ଲକ ଅନ୍ତର୍ଗତ ପକାଶୋଳସ୍ଥ ୟୁଥ ହେଲପିଙ୍ଗ ହେଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ଅବସରରେ ସୁଭଦ୍ରା ଯୋଜନାର ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ପକାଶୋଳ ପଂଚାୟତରେ ସୁଭଦ୍ରା ଉତ୍ସବ-୨୦୨୬ ଆଜି ଧୂମଧାମରେ ଅନୁଷ୍ଠିତ ହୋଇଥିଲା । ଉତ୍ସବ ପୂର୍ବରୁ ପୂର୍ବାହ୍ନ ୧୦ଟା ୩୦ମିନିଟି ସମୟରେ ସ୍ଥାନୀୟ ପକସୁଧାରେ ଥିବା ହନୁମାନ ମନ୍ଦିର ନିକଟରୁ ପକାଶୋଳ ପଂଚାୟତର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଦସ୍ୟା, ସିଆରପି 'ମା' ମାନେ ମିଳିତ ଭାବେ ଜଗତସିଂହପୁର ର ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କୁ ଏକ ବିଶାଳ ପଦଯାତ୍ରାରେ ଶ୍ରୀ ଶ୍ରୀ ଅଟଳ ବଳଦେବ ଜୀୟୁଙ୍କ ମନ୍ଦିର ସମ୍ମୁଖରେ ଆୟୋଜିତ ସଭା ସ୍ଥଳକୁ ଅଣାଯାଇଥିଲା । ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ, ମୁଖ୍ୟ ବକ୍ତା ଭାବେ ଜଗତସିଂହପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର, ସମ୍ମାନନୀୟ ଅତିଥି ଭାବେ ପକାଶୋଳ ଗ୍ରାମ ପଂଚାୟତର ସରପଂଚ ମେନକା ଦାସ, ସମିତି ସଭ୍ୟ ପ୍ରଦ୍ୟୁମ୍ନ କୁମାର ମଲ୍ଲିକ, ପୂର୍ବତନ ମଣ୍ଡଳ ଅଧ୍ୟକ୍ଷ ପ୍ରସନ୍ନ କୁମାର ସ୍ୱାଇଁ, ଭାରତୀୟ ଜନତା ପାର୍ଟିର ପୂର୍ବତନ ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ସମ୍ପାଦକ ସୃତିରଞ୍ଜନ ବେହେରା, ସହ ସମ୍ପାଦକ ଜାମିନି କାନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ସଭାରେ ସଭାପତିତ୍ୱ କରିଥିଲେ ଟ୍ରଷ୍ଟର ସଭାପତି ଅକ୍ଷୟ କୁମାର ମହାନ୍ତି । ଶେଷରେ ଟ୍ରଷ୍ଟର ଉପ ସଭାପତି ଉତ୍କଳ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏମବିକେ, ସିଆରପି, ଏସଏଚଜିର ୧୮ଟି ଗ୍ରୁପକୁ ଏବଂ ବ୍ୟାଙ୍କ ମିତ୍ରମାନଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଭ୍ୟ ମାନସ କାଣ୍ଡି, ସୁରଜ ବେହେରା, ବୁଲୁ ସ୍ୱାଇଁ, ଟ୍ରଷ୍ଟର ଉପଦେଷ୍ଟା ବ୍ରଜବନ୍ଧୁ ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, ଅନାମ ଚରଣ ବେହୁରା, ଆଦିକନ୍ଦ ସ୍ୱାଇଁ, ପକାଶୋଳପଂଚାୟତର ସମସ୍ତ ଯୁବକ ଯୁବତୀ, ଭାଇ ଓ ଭାଉଣୀ, ଓ୍ୱାର୍ଡମେମ୍ବର, ଝରେନ୍ଦ୍ର ବେହେରା, କବିତା ବାରିକ, ସୁଚାଷପରୀଡ଼ା ସନ୍ତୋଷ ବେହେରା, ନିବାଶ ଷଡ଼ଙ୍ଗୀ, ଲକ୍ଷୀସେଠୀ, ହେମା ସେଠୀ, ରଞ୍ଜିତା ଦାସ, ବସନ୍ତକାଣ୍ଡି, ମମତାକାଣ୍ଡୀ, ମାନସ ରଞ୍ଜନ ମହାନ୍ତି, ରୁକ୍ମିଣୀ ଭୋଇ, ବୁଲୁଳି ସେଠୀ, ପଡିଆ ସେଠୀ, ବାବୁଲା ସାମଲ, ଲୁନା ସାହୁ, ଦିଲୁ ଭୋଇ, ରବି ଭୋଇ, ଚୈତନ୍ୟ କାଣ୍ଡି, ଗେଣ୍ଡୁଆ ମଲ୍ଲିକ ଓ ସମସ୍ତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ ।

ଗାନ୍ଧୀ ଜୟନ୍ତୀରେ କାକଟପୁର ପୋଲିସର ମାନବିକ ପ୍ରୟାସ, ୧୦୨ ୟୁନିଟ୍ ରକ୍ତ ସଂଗ୍ରହ

କାକଟପୁର, ୦୨/୧୦ (ଆ.ପ୍ର) : କାକଟପୁର ଥାନା ପରିସରରେ ଆୟୋଜିତ 'ପୋଲିସ୍ ଫର୍ ପିପୁଲ' ନାମରେ ମେଗା ରକ୍ତଦାନ ଶିବିରରେ ୧୦୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି । ଶିବିରରେ ପୁରୀ ଏସ୍‌ପି ପ୍ରତୀକ ସିଂହ, ଅତିରିକ୍ତ ଏସ୍‌ପି ସଚିନ ପଟେଲ ଓ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଶିବିରଟି ସଫଳତାର ସହ ଆୟୋଜିତ ହୋଇଥିଲା । ଏହି ଶିବିରରେ ଥାନା ଅଧିକାରୀ ବସନ୍ତ କୁମାର ସାହୁ ନିଜେ ରକ୍ତ ଦାନ କରି ମାନବିକ ବାର୍ତ୍ତା ଦେଇଥିଲେ ।

ବିଶ୍ୱନାଥ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ପାଳିତ

ବାଲିଗୁଡ଼ା, ୦୨/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ବିଶ୍ୱନାଥ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଶ୍ରଦ୍ଧା ଓ ସମ୍ମାନର ସହ ପାଳିତ ହୋଇଯାଇଛି । ଏହି ଅବସରରେ ଗାନ୍ଧୀଜୀଙ୍କ ଅହିଂସା, ସତ୍ୟ, ଶାନ୍ତି ଓ ସ୍ୱଚ୍ଛତାର ଆଦର୍ଶ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅଧ୍ୟକ୍ଷା ଅନୀତାକୁମାରୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପିକା ହିମାଦ୍ରିତନୟା ଆଚାର୍ଯ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ସୁପ୍ରିୟା ରଣା, ଉତ୍କଳା କହିଁର, ମନୋଜଙ୍କ ସମେତ ଛାତ୍ରଛାତ୍ରୀମାନେ ଗାନ୍ଧୀଜୀଙ୍କ ଜୀବନୀ, ଆଦର୍ଶ ଓ ଦେଶ ପାଇଁ ତାଙ୍କ ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ । ଛାତ୍ରୀମାନଙ୍କ ମଧ୍ୟରେ ଗାନ୍ଧୀଜୀଙ୍କ ଚିନ୍ତାଧାରାକୁ ନେଇ ସଚେତନତା ସୃଷ୍ଟି କରିବା ସହ ସତ୍ୟ ଓ ଅହିଂସାର ପଥ ଅନୁସରଣ ପାଇଁ ଆହ୍ୱାନ ଦିଆଯାଇଥିଲା ।

ଭବାନୀପାଟଣା ଠାରେ ଜିଲ୍ଲା ସ୍ତରୀୟ ମହାତ୍ମା ଗାନ୍ଧୀ ତଥା ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ମହାସମାରୋହରେ ପାଳିତ

କଳାହାଣ୍ଡି, ୦୨/୧୦ (ଆ.ପ୍ର) : ଆଜି ସ୍ଥାନୀୟ ଗାନ୍ଧୀ ପାର୍କ ଠାରେ ଜିଲ୍ଲା ସ୍ତରୀୟ ମହାତ୍ମା ଗାନ୍ଧୀ ତଥା ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରଓ୍ୱାନ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଡ଼ ଉମେଶ ଚନ୍ଦ୍ର ଶତପଥୀ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ସହ ନିର୍ଦ୍ଦେଶକ ସଂଚୟ ଏବଂ ଆର୍ଥିକ ସେବା ବିବେକା ନନ୍ଦ ମହାନନ୍ଦ, ଉପ ନିର୍ଦ୍ଦେଶକ, ଯୋଜନା ଓ ସମନ୍ୱୟ ଶ୍ରୀକାନ୍ତ ବନେଇଙ୍କ ସମେତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ ଯୋଗ ଦେଇ ଗାନ୍ଧିଛକ ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଷ୍ଟାଡିୟମ୍ ସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତି ଏବଂ ଗାନ୍ଧୀ ପାର୍କ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୂଜ୍ୟପୂଜା କରିଥିଲେ । ଜିଲ୍ଲା କ୍ରୀଡା ସଂଘର କର୍ମକର୍ତ୍ତା ଶାସ୍ତ୍ରୀ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସହ ଯୋଗ କରିଥିଲେ । ପ୍ରଭାତ ଫେରି ତଥା ମାଲ୍ୟ ଅର୍ପଣ କାର୍ଯ୍ୟକ୍ରମ ରେ ଅତିଥିମାନଙ୍କ ସଙ୍ଗରେ ବିଭିନ୍ନ ହାଇସ୍କୁଲର ଛାତ୍ରଛାତ୍ରୀ , ଶିକ୍ଷକ ଶିକ୍ଷୟତ୍ରୀ, ସରକାରୀ ଅଧିକାରୀ, ସହରର ବିଶିଷ୍ଟ ବ୍ୟକ୍ତି ଓ ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ସକାଳ ୪.୩୦ ଘ ସମୟରେ ସହରରେ ରାମଧୁନ ପରିବେଷଣ କରାଯାଇଥିଲା । ଗାନ୍ଧୀ ପାର୍କ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ହିନ୍ଦୁ, ମୁସଲିମ ଓ ଶିଖ ଧର୍ମର ପ୍ରତିନିଧି ନିଜ ନିଜ ପବିତ୍ର ଗ୍ରନ୍ଥ ରୁ ସର୍ବ ଧର୍ମ ସମ୍ମାନୟ, ଭାତୃଭାବ, ଅହିଂସା ଓ ଶାନ୍ତି ଉପରେ ଉଦ୍ଧୃତ ବାଣୀ ପରିବେଷଣ କରିଥିଲେ । ହିନ୍ଦୁ ଧର୍ମର ହେମନ୍ତ ମୁଣ୍ଡ, ଇସଲାମ ଧର୍ମର ଆଝାର ମହମ୍ମଦ ଓ ସୟିଦ ଉସ୍ମାନ, ଖ୍ରୀଷ୍ଟିଆନ ଧର୍ମ ର ପ୍ରଭାକର ବିର, ଶିଖ ଧର୍ମର ହର୍ଜିନ୍ଦର ସିଂ ପ୍ରତିନିଧି ରୂପେ ଯୋଗ ଦେଇ ପବିତ୍ର ଗ୍ରନ୍ଥରୁ ବାଣୀ ପାଠ କରିଥିଲେ । ପ୍ରଥମେ ସରସ୍ୱତୀ ବିଦ୍ୟା ମନ୍ଦିର ବ୍ରଜବିହାରର ଛାତ୍ରୀମାନେ ଗାନ୍ଧୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନକ' ପରିବେଷଣ କରିଥିଲେ । ଗାନ୍ଧୀ ଜୟନ୍ତୀ ଅବସରରେ ପୂର୍ବରୁ ହାଇସ୍କୁଲ୍ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ଉତିର୍ଣ୍ଣ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ । ଛାତ୍ରୀ ମାନେ ଶେଷରେ 'ରଘୁପତି ରାଘବ'ଗାନ କରିଥିଲେ । ଅତିଥିଗଣ ନିଜ ବକ୍ତବ୍ୟରେ ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ତଥା ଜାତିର ବିକାଶ ପାଇଁ ନିଜକୁ ପ୍ରସ୍ତୁତ କରିବା ଓ ସହଭାଗୀ ହେବାକୁ ଆହ୍ୱାନ କରିଥିଲେ । ଗାନ୍ଧୀ ପାର୍କରେ ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ମନୋଜ ବେହେରା ପରିଚାଳନା କରିଥିଲେ ଓ କାର୍ଯ୍ୟକ୍ରମ ରୂପାୟନ ରେ ପୌର ପରିଷଦ ଓ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ କର୍ମଚାରୀ ସହ ଯୋଗ କରିଥିଲେ । ମାଲ୍ୟ ଅର୍ପଣ କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ସହରର ବୁଦ୍ଧିଜୀବି, ଗଣ ମାଧ୍ୟମ ପ୍ରତିନିଧି ଭାଗ ନେଇଥିଲେ ।

ଗାନ୍ଧୀ ଜୟନ୍ତୀରେ ବାସୁଦେବପୁର ରାହୁଲ ଗାନ୍ଧୀ ସେନାର ବିଭିନ୍ନ କାର୍ଯ୍ୟକ୍ରମ

ବାସୁଦେବପୁର, ୦୨/୧୦ (ଆ.ପ୍ର) : ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ । ସତ୍ୟ, ଅହିଂସା ଓ ଦେଶପ୍ରେମର ବାର୍ତ୍ତାକୁ ମନେ ପକାଇବାର ଦିନ । ଏହି ଅବସରରେ ବାସୁଦେବପୁରରେ ବାସୁଦେବ ପୁର ରାହୁଲ ଗାନ୍ଧୀ ସେନା ପକ୍ଷରୁ ପାଳିତ ହୋଇଛି ଗାନ୍ଧୀ ଜୟନ୍ତୀ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଆୟୋଜିତ ହୋଇଛି ବିଶାଳ ଶୋଭାଯାତ୍ରା । ଗାନ୍ଧୀ ଜୟନ୍ତୀକୁ ନେଇ ବାସୁଦେବପୁରରେ ଦେଖିବାକୁ ମିଳିଥିଲା ଉତ୍ସାହ ଓ ଉଦ୍ଦୀପନା । ରାହୁଲ ଗାନ୍ଧୀ ସେନା ପକ୍ଷରୁ ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଆୟୋଜିତ ହୋଇଥିଲା ବିଭିନ୍ନ କାର୍ଯ୍ୟକ୍ରମ । ପ୍ରଥମେ ବାସୁଦେବପୁର ନୀଳମଣି ଟାଉନ ହଲ୍ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସଦସ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଗାନ୍ଧୀଜୀଙ୍କ ଆଦର୍ଶ ଓ ଦେଶ ପାଇଁ ତାଙ୍କର ତ୍ୟାଗକୁ ସ୍ମରଣ କରିଥିଲେ ସମସ୍ତେ । ଏହାପରେ ବାହାରିଥିଲା ବିଶାଳ ବାଇକ ଶୋଭାଯାତ୍ରା । ହାତରେ ଜାତୀୟ ପତାକା ମୁହଁରେ ଦେଶପ୍ରେମର ନାରା ଗାନ୍ଧୀଜୀଙ୍କ ବିଚାର ଓ ଆଦର୍ଶକୁ ଜନମାନସରେ ପହଂଚାଇବାର ବାର୍ତ୍ତା ନେଇ ଶୋଭାଯାତ୍ରା ଆଗକୁ ବଢ଼ିଥିଲା । ଶୋଭାଯାତ୍ରା ଚାରିବାଟିଆରେ ପହଂଚିବା ପରେ ସେଠାରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମଧ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ରୋଗୀମାନଙ୍କୁ ଫଳ ବଂଟନ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଏହି ପରି ବିଭିନ୍ନ କାର୍ଯ୍ୟକ୍ରମ, ଏହି ଅବସରରେ ସତ୍ୟ, ଅହିଂସା ଓ ଏକତାର ମାର୍ଗରେ ଚାଲିବା ପାଇଁ ଆହ୍ୱାନ ଦିଆଯାଇଥିଲା କାର୍ଯ୍ୟକ୍ରମରେ ପ୍ରଭାତ କୁମାର ବାରିକ, ସୁବ୍ରତ କୁମାର ବେହୁରା, ରମେଶ ଚନ୍ଦ୍ର ଚାନ୍ଦ, ଲଡିକେଶର ନାୟକ, ଲକ୍ଷ୍ମଣ ବେହେରା, ଦୀପକ କୁମାର ନାୟକ, ସଞ୍ଜିତ ନାୟକ, ଜଗଦୀଶ ଦାସ, ରମାକାନ୍ତ ସାହୁ, ପ୍ରତାପ କୁମାର ନାୟକ ଓ ଅମୂଲ୍ୟ ନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ । ସେହିପରି ବିନାୟକପୁର ସମିତି ସଭ୍ୟ ପ୍ରତିନିଧି ରଶ୍ମିରଞ୍ଜନ ମଳିକଙ୍କ ସମେତ ରାହୁଲ ଗାନ୍ଧୀ ସେନାର ବହୁ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଗାନ୍ଧୀଜୀଙ୍କ ଜୟନ୍ତୀ କେବଳ ଏକ ସ୍ମୃତିର ଦିନ ନୁହେଁ, ବରଂ ତାଙ୍କର ସତ୍ୟ, ଅହିଂସା ଓ ମାନବିକତାର ବାର୍ତ୍ତାକୁ ଜୀବନରେ ଅନୁସରଣ କରିବାର ଦିନ । ବାସୁଦେବପୁରରେ ରାହୁଲ ଗାନ୍ଧୀ ସେନାର ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମଧ ଗାନ୍ଧୀଜୀଙ୍କ ଆଦର୍ଶକୁ ସ୍ମରଣ କରାଯାଇଛି ।

ଅଙ୍ଗନୱାଡ଼ି କର୍ମୀଙ୍କୁ ୫୫ ବର୍ଷରେ ସମୀକ୍ଷା ପ୍ରତ୍ୟାହାର ନହେଲେ ଆନ୍ଦୋଳନ

ପାତ୍ରପୁର, ୦୨/୧୦ (ଆ.ପ୍ର) : ରାଜ୍ୟ ସରକାରଙ୍କ ଚିଠି ନିର୍ଦ୍ଦେଶନାମା ଅନୁଯାୟୀ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ୫୫ ବର୍ଷ ବୟସରେ ସମୀକ୍ଷା ଦେବା ନିଷ୍ପତିକୁ ବିରୋଧ କରି ଆଜି ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ, ପାତ୍ରପୁର ବ୍ଲକ ପକ୍ଷରୁ ପ୍ରତ୍ୟାହାର ପାଇଁ ସରକାରଙ୍କ ନିକଟରେ ଏକ ଦାବି ପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ସଂଘ ଅଭିଯୋଗ କରିଛି ଯେ, ଗତ ଅଗଷ୍ଟ ୩୧ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ ଅଙ୍ଗନବାଡି କର୍ମୀଙ୍କୁ ୫୫ ବର୍ଷରେ ସମୀକ୍ଷା ଦେବା ପାଇଁ କୁହାଯାଇଛି । ଏହାକୁ ପ୍ରତ୍ୟାହାର କରି ପୂର୍ବ ଭଳି ୬୦ ରୁ ୬୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଦାବି କରିଛନ୍ତି । ସଂଘ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ଅଗଷ୍ଟ ୨୧ରୁ ଏହି ପ୍ରସଙ୍ଗରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଡି ଏସ ଡବ୍ଲୁଙ୍କୁ ଅବଗତ କରାଯାଇଥିଲା । ଆଜି ଜିଲ୍ଲା ସଭାପତି ହେମଲତା ମହାନ୍ତି ଏବଂ ପାତ୍ରପୁର ବ୍ଲକ ସଭାପତି ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ବ୍ଲକ ମାଧ୍ୟମରେ ଜିଲ୍ଲା ପରିଷଦ ଓ ଶିଶୁ ବିକାଶ ଅଧିକାରୀ (ବିପିଓ) ଙ୍କ ଜରିଆରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ନିକଟକୁ ଚିଠି ପଠାଯାଇଛି । ସଂଘ କହିଛି ଏହି ନିଷ୍ପତି ପ୍ରତ୍ୟାହାର ନ ହେଲେ ଆଗାମୀ ୧୨ ତାରିଖରେ ଜିଲ୍ଲା ସ୍ତରରେ ଆନ୍ଦୋଳନ କରାଯିବ ।

ଡ଼ାଲମିଆ ଭାରତ ଫାଉଣ୍ଡେସନ୍‌ର ଟେଲରିଂ ଟ୍ରେନିଂ ସେଂଟରର ଉଦ୍‌ଘାଟନ

ଛଡିଆ, ୦୨/୧୦ (ଆ.ପ୍ର) : ଡାଲମିଆ ଭାରତ ଫାଉଣ୍ଡେସନ୍‌ର ମହିଳା ଦକ୍ଷତା ବିକାଶ ଓ ସଶକ୍ତୀକରଣ ପଦକ୍ଷେପର ଅଂଶ ଭାବେ ବଡ଼ଚଣା ବ୍ଲକର ପରିଆଠାରେ ଟେଲରିଂ ଟ୍ରେନିଂ ସେଂଟରର ଉଦଘାଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ କେସିଡ୍‌ବ୍ଲ୍ୟୁର ୟୁନିଟ୍ ହେଡ୍ ଦେବୀ ପ୍ରସାଦ ଦାସ, ବଡ଼ଚଣାର ଏବିଡ଼ିଓ ଜ୍ଞାନ ଦା ନାୟକ, ଓଏଲ୍‌ଏମ୍ ବଡ଼ଚଣାର ବିପିଏମ୍ ରଞ୍ଜିତା ରାଣୀ ପଟ୍ଟନାୟକ, ଆଇଡ଼ିବିଆଇ ବ୍ୟାଙ୍କର ବ୍ରାଂଚ ମ୍ୟାନେଜର ଦେବବ୍ରତ ବେହେରା, ପରିଆର ସରପଂଚ ବେଣୁଧର ବିଶ୍ୱାଳଙ୍କ ସମେତ ସିଏସ୍‌ଆର୍ ଟିମ୍ ଓ ସ୍ଥାନୀୟ ସମୁଦାୟର ସଦସ୍ୟମାନେ ଯୋଗଦେଇଥିଲେ । ଏହି ଟ୍ରେନିଂ ସେଂଟରର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ଥାନୀୟ ମହିଳାମାନଙ୍କୁ ବ୍ୟବହାରିକ ଟେଲରିଂ ଦକ୍ଷତା ପ୍ରଦାନ କରିବା, ସେମାନଙ୍କ ରୋଜଗାର କ୍ଷମତା ବୃଦ୍ଧି କରିବା ଏବଂ ଦକ୍ଷତା ବିକାଶ ମାଧ୍ୟମରେ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିବା । ଏହା ଦକ୍ଷ, ଆତ୍ମବିଶ୍ୱାସୀ ଓ ଆର୍ଥିକ ଭାବେ ସଶକ୍ତ ମହିଳା ଗଠନ ଦିଗରେ ଆଉ ଏକ ପ୍ରଶଂସନୀୟ ପଦକ୍ଷେପ ।

ସେବା ପକ୍ଷ ଅବସରରେ ୧୨୭ତମ ଶିକ୍ଷା ଚେତନା ଅଭିଯାନ

ଧର୍ମଗଡ଼, ୦୨/୧୦ (ଆ.ପ୍ର) : କାରୁଣ୍ଡ ସେବା ସଂଗଠନ, ଭବାନିପାଟଣା, ଜାତୀୟ ସେବା ଯୋଜନା, ପଂଚାୟତ ମହାବିଦ୍ୟାଳୟ ଧର୍ମଗଡ଼ ଓ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେସନର ମିଳିତ ଆନୁକୂଲ୍ୟରେ ଇନ୍ଦ୍ରାବତୀ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ, ମିନଗୁରର ସହଯୋଗରେ ଧର୍ମଗଡ଼ ପଂଚାୟତ ମହାବିଦ୍ୟାଳୟ ଠାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ସେବା ପକ୍ଷ ଅନୁଷ୍ଠିତ ହେଇଯାଇଛି । ବରିଷ୍ଠ ସମାଜସେବୀ ଇଂ ପୁରୁଷୋତ୍ତମ ଅଗ୍ରୱାଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ରାଜସ୍ୱ ସେବା ଅଧିକାରୀ ଗଙ୍ଗାଧର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରଥିଲେ । ଅଧ୍ୟାପକ ଲିଙ୍ଗରାଜ ପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସଂଗଠନ ସଭାପତି ବିରଜା ପ୍ରସାଦ ପଣ୍ଡା, ସାମ୍ବାଦିକ ସଞ୍ଜିବ ଠାକୁର, ଅଧ୍ୟାପକ ସଞ୍ଜିବ ମୁଣ୍ଡ, ସଂଗଠକ ଲଳିତ ବିଶି, ଅଧ୍ୟାପକ ମୋହନ ଚରଣ ବିଶି, ଦଣ୍ଡପାଟ ଉତ୍ପାଦକ ଗୋଷ୍ଠୀ ସଭାନେତ୍ରୀ ସୁଚିତ୍ରା ଗୋପାଳ ପ୍ରମୁଖ ଯୋଗଦେଇ ଦେଶ ଗଠନରେ ଗାନ୍ଧୀ ଜୀ ଓ ଶାସ୍ତ୍ରୀ ଜୀଙ୍କ ତ୍ୟାଗପୂତ ଜୀବନୀ ସମ୍ପର୍କରେ ଆଲୋକପାତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜୟନ୍ତୀ ପକ୍ଷ ପାଳନ ଅବସରରେ ମହାବିଦ୍ୟାଳୟ ସ୍ତରରେ ସଂଗଠନ ତରଫରୁ ଏଭଳି ସଚେତନତାମୂଳକ ଓ ଶିକ୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନକୁ ପ୍ରଶଂସା କରିବା ସହ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ପ୍ରଶ୍ନମଂଚର ଆୟୋଜନ କରାଯାଇ ଓଡିଶା, କଳାହାଣ୍ଡି, ସଂସ୍କୃତି, ପୁରାଣ, ମହାପୁରୁଷଙ୍କ ଜୀବନୀ ଓ ସ୍ୱାଧୀନତା ସଂଗ୍ରାମ ସମ୍ବନ୍ଧୀୟ ପ୍ରଶ୍ନ ପଚରାଯାଇଥିଲା । କୃତୀ ଛାତ୍ରଛାତ୍ରୀମାନଙ୍କୁ ଆୟୋଜକ ସଂଗଠନ ପକ୍ଷରୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା । ସଂଗଠନର ସମ୍ପାଦକ ଅବିନାଶ ମୁଣ୍ଡ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରି ଏହି ସେବା ପକ୍ଷ ପାଳନ ଅବସରରେ ବିଭିନ୍ନ ସେବା ମୂଳକ ଓ ସଚେତନ ଧର୍ମୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ସୂଚନା ଦେଇଥିଲେ । ଅଧ୍ୟାପକ ଗଣପତି ଦାଗ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ବିଚାରକ ଭାବେ ଅଧ୍ୟାପକ ଜଗନ୍ନାଥ ଠାକୁର ଏବଂ ଗଣକ ଭାବେ ଅଧ୍ୟାପକ ସଦୟ ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଶିକ୍ଷା ପ୍ରେମୀ, ବୁଦ୍ଧିଜିବୀ, ସ୍ୱେଚ୍ଛା ସେବି ସକ୍ରିୟ ଅଂଶଗ୍ରହଣ କରି ଜାତିର ଜନକ ମହାତ୍ମାଗାନ୍ଧୀଙ୍କୁ ଏବଂ ଶାନ୍ତିର ଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ରେ ଦୁଲ୍ଲଭି ହଂସ, ଦାମୋଦର ପଟେଲ, ପ୍ରଦିପ ପଣ୍ଡା, ଚୈତନ୍ୟ ମାଝି ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ପରିଶେଷରେ ସଂଗଠନର ଯୁଗ୍ମ ସଂପାଦକ ରଜତ ବଂଶଲ ଧନ୍ୟବାଦ ଅର୍ପଣ କରିଥିଲେ ।

ଯାଜପୁରରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ, ଗାନ୍ଧୀବାଦୀ ଆଦର୍ଶକୁ ଆପଣାଇ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନ ପାଇଁ ଆହ୍ୱାନ

ଯାଜପୁର, ୦୨/୧୦ (ଆ.ପ୍ର) : ଯାଜପୁର ଜିଲ୍ଲା ସଦର ମହକୁମାସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଆଜି ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସାଧାରଣ ସଭା ଜିଲ୍ଲାପାଳ ଅମର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ମଂଚାସୀନ ଅତିଥିମାନଙ୍କ ଦ୍ୱାରା ଜାତିର ପିତା ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ପରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଧର୍ମଯାଜକ ପଣ୍ଡିତ ସଞ୍ଜୟ ମିଶ୍ରଙ୍କ ଦ୍ୱାରା ଗୀତା ପାଠ, ଧର୍ମଯାଜକ ମହମ୍ମଦ ଶାଫିଉଲ ଜମାଙ୍କ ଦ୍ୱାରା କୋରାନ ପାଠ ଏବଂ ଧର୍ମଯାଜକ ଶଶି ମିଂଜଙ୍କ ଦ୍ୱାରା ବାଇବେଲ ପାଠ କରାଯାଇଥିଲା । ଏହାପରେ ସୁରଧ୍ୱନି ଗ୍ରୁପର କଳାକାରମାନେ ଗାନ୍ଧିଜୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନ ତୋ' ଏବଂ 'ରଘୁପତି ରାଘବ ରାଜା ରାମ' ପରିବେଷଣ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଅମର କୁମାର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ମୁଖ୍ୟ ବକ୍ତା ଭାବେ ଅରୁଣୋଦୟ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗର ପ୍ରାଧ୍ୟାପକ ତଥା ଗାନ୍ଧୀ ଦର୍ଶନ ଗବେଷକ ଓ ଲେଖକ ଡ. ଅବଣ ପରିଡ଼ା ଏବଂ ସମ୍ମାନିତ ଅତିଥି ଭାବେ ଯାଜପୁର ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ନିଜ ଅଭିଭାଷଣରେ ଗାନ୍ଧୀଜୀଙ୍କ ସାବରମତୀ ଆଶ୍ରମର ସ୍ୱଚ୍ଛତା ଓ ଜଳ ସଂରକ୍ଷଣ ମଡେଲର ପ୍ରଶଂସା କରିଥିଲେ । ଯାଜପୁରର ବୈରୀ ରେଳ ଷ୍ଟେସନରେ ଗାନ୍ଧୀ ଗ୍ୟାଲେରୀ ଏବଂ ପୁରୁଷୋତମପୁରରେ 'ଗାନ୍ଧୀ ସ୍ମୃତି ପୀଠ' ନିର୍ମାଣ ପାଇଁ ସେ ଦାବି ଉପସ୍ଥାପନ କରିଥିଲେ । ଗାନ୍ଧୀଜୀଙ୍କ ଗ୍ରାମୀଣ ବିକାଶ ଓ ଆତ୍ମନିର୍ଭରଶୀଳତାର ଚିନ୍ତାଧାରାକୁ 'ବିକଶିତ ଭାରତ ୨୦୪୭' ସହ ସମ୍ପର୍କିତ କରିବା ସହ ସେ 'ଜୟ ଯବାନ, ଜୟ କିଷାନ, ଜୟ ବିଜ୍ଞାନ, ଜୟ ଅନୁସନ୍ଧାନ'ର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯାଜପୁର ପାଇଁ ନୂତନ ରେଳ ଲାଇନ ମଞ୍ଜୁରୀ ହୋଇଥିବାରୁ ସେ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ଯୁବପିଢ଼ିଙ୍କୁ ଭାରତୀୟ ସଂସ୍କୃତି ସହ ଅଧୁନିକ ଜ୍ଞାନକୌଶଳ, ଯଥା ଏଆଇ ଓ କ୍ୱାଂଟମ୍ କମ୍ପ୍ୟୁଟିଂ ଆଦିକୁ ଆପଣାଇବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲାପାଳ ଅମର କୁମାର କର ନିଜ ଅଭିଭାଷଣରେ ସମାଜରେ ଗାନ୍ଧୀବାଦୀ ଆଦର୍ଶର ପ୍ରାସଙ୍ଗିକତା, ନାଗରିକଙ୍କ ସକ୍ରିୟ ଭାଗିଦାରୀ ଓ ବୌଦ୍ଧିକ ଚିନ୍ତନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ, ଗାନ୍ଧୀବାଦୀ ଦର୍ଶନ ଭାରତୀୟ ପରମ୍ପରା ଓ ମୂଲ୍ୟବୋଧ ଉପରେ ଆଧାରିତ ଏକ ସୁଦୃଢ଼ ବିଚାରଧାରା, ଯାହା ଆଜି ମଧ ବିଶ୍ୱସ୍ତରରେ ପ୍ରେରଣାର ଉତ୍ସ ହୋଇପାରିଛି । ସମାଜର ଘଟଣାବଳୀ ପ୍ରତି ନାଗରିକଙ୍କ ସଚେତନତା ଓ ସକ୍ରିୟ ଭାଗିଦାରୀର ଗୁରୁତ୍ୱ ଉପରେ ଆଲୋକପାତ କରି ଜିଲ୍ଲାପାଳ କହିଥିଲେ ଯେ, ଏକ ସୁସ୍ଥ ସମାଜ ଗଠନ ପାଇଁ ପ୍ରତ୍ୟେକ ନାଗରିକ ସଚେତନ, ସକ୍ରିୟ ଓ ପ୍ରତିକ୍ରିୟାଶୀଳ ହେବା ଆବଶ୍ୟକ । ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରି ସୁଦୃଢ଼, ଶାନ୍ତିପୂର୍ଣ୍ଣ ଓ ସମୃଦ୍ଧ ସମାଜ ଗଠନରେ ସମସ୍ତେ ଅବଦାନ ରଖିବାକୁ ସେ ଆହ୍ୱାନ ଦେଇଥିଲ । ମୁଖ୍ୟ ବକ୍ତା ଡ. ଅବଣ ପରିଡ଼ା ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଅହିଂସା, ସେବା ଓ ସାମାଜିକ ନ୍ୟାୟର ଦର୍ଶନର ବୈଶ୍ୱିକ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ଗାନ୍ଧୀଜୀଙ୍କ ଚିନ୍ତାଧାରା ଆଜି ମଧ ବିଶ୍ୱର ବିଭିନ୍ନ ସମାଜ ପାଇଁ ପ୍ରେରଣାର ଉତ୍ସ ବୋଲି ସେ ମତ ପ୍ରକାଶ କରିଥିଲେ । ସାବରମତୀ ଆଶ୍ରମ, ସେବାଗ୍ରାମ, ପିଟରମାରିଜବର୍ଗ ଓ ଫିନିକ୍ସ ଭଳି ସ୍ଥାନ ଗାନ୍ଧୀଜୀଙ୍କ ବୈଶ୍ୱିକ ଐତିହ୍ୟର ପ୍ରତୀକ ବୋଲି ସେ ଉଲ୍ଲେଖ କରିଥିଲେ । 'ଅନାସକ୍ତି ଯୋଗ' ମାଧ୍ୟମରେ ଗୀତାର ବ୍ୟାଖ୍ୟା, ପରିବେଶ ସମ୍ବନ୍ଧୀୟ ଗାନ୍ଧୀଜୀଙ୍କ ଚିନ୍ତାଧାରା ଏବଂ ତାଙ୍କର ନେତୃତ୍ୱ ଗୁଣ ସାମ୍ପ୍ରତିକ ସମାଜ ପାଇଁ ପ୍ରେରଣାଦାୟୀ ବୋଲି ଡ. ପରିଡ଼ା ପ୍ରକାଶ କରିଥିଲେ । ଗାନ୍ଧୀ ଜୟନ୍ତୀ ଅବସରରେ ପ୍ରାଥମିକ ସ୍ତରରୁ ଉଚ୍ଚ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ଆୟୋଜିତ ଓଡ଼ିଆ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପୌରାଂଚଳରେ ରାମଧୂନ ପରିବେଷଣ କରାଯାଇଥିଲା । ସକାଳ ୭.୩୦ ମିନିଟ୍ ସମୟରେ ଜିଲ୍ଲା ସ୍କୁଲ ପରିସରରୁ ଛାତ୍ରଛାତ୍ରୀମାନଙ୍କୁ ନେଇ ବାପୁଜୀଙ୍କ ବାଣୀ ସମ୍ବଳିତ ଏକ ପ୍ରଭାତ ଫେରୀ ବାହାରି ଗାନ୍ଧୀ ଛକ, ମେଡିକାଲ ଛକ ଦେଇ ଗୌତମ ବୁଦ୍ଧ ସଂସ୍କୃତି ଭବନ ପର୍ଯ୍ୟନ୍ତ ଯାଇଥିଲା । ସକାଳ ୮.୩୦ ମିନିଟ୍ ସମୟରେ ଜିଲ୍ଲାପାଳ ଅମର କୁମାର କର ଓ ଅତିଥିମାନେ କିଆନାଳିସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଏବଂ ଗାନ୍ଧୀ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପରେ ଜିଲ୍ଲା ସ୍କୁଲ ପରିସରରେ ଥିବା ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତି ଏବଂ ସଂସ୍କୃତି ଭବନ ପରିସରରେ ଥିବା ମହାତ୍ମା ଗାନ୍ଧୀ ଓ ଅନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ଜୟନ୍ତୀ ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ଗଣମାଧ୍ୟମ ପ୍ରତିନିଧି, ସ୍ଥାନୀୟ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ଓୟୁଜେ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ବାଲେଶ୍ୱର, ୦୨/୧୦ (ଆ.ପ୍ର) : ଜାତିର ପିତା ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ପୁଣ୍ୟ ଜନ୍ମତିଥି ଅବସରରେ ଆଜି ଓଡିଶା ସାମ୍ବାଦିକ ୟୁନିଅନର ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି । ପ୍ରବଳ ପରାକ୍ରମୀ ଇଂରେଜ ମାନଙ୍କୁ ଆମ ଦେଶରୁ ହଟାଇବା ପାଇଁ ଯେଉଁ ସଂଗ୍ରାମ କରାଯାଇଥିଲା, ତା ପଛରେ ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ତ୍ୟାଗ ଓ ବଳିଦାନକୁ କୃତଜ୍ଞ ରାଷ୍ଟ୍ର ଚିରଦିନ ସ୍ମରଣ କରିବ । ଦେଶ ମାତୃକାକୁ ରକ୍ଷା କରିବା ପାଇଁ ଜନଜାଗରଣ ସୃଷ୍ଟି କରିବା ସହ ସମଗ୍ର ଭାରତ ବର୍ଷରେ ଏକତାର ବାର୍ତ୍ତା ପ୍ରଚାର କରି ଦେଶକୁ ସ୍ୱାଧୀନତା ଆଣିବାରେ ଗାନ୍ଧିଜୀ ଓ ଶାସ୍ତ୍ରୀ ଜୀଙ୍କ ଦାନ ଅବିସ୍ମରଣୀୟ ଥିଲା । ଏହି କାର୍ଯ୍ୟକ୍ରମ ରେ ୟୁନିଅନର ସଭାପତି ଗଙ୍ଗାଧର ରାଉତ, ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, ଜାତୀୟ କାର୍ଯ୍ୟକାରୀଣି ସଦସ୍ୟ ରାମ ନାରାୟଣ ଶତପଥୀ, ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ, ମଧୁସୂଦନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଆରମ୍ଭ ହେଲା ବାଲେଶ୍ୱରରୁ ବେଙ୍ଗାରୁଲୁ ବସ ସେବା

ବାଲେଶ୍ୱର, ୦୨/୧୦ (ଆ.ପ୍ର) : ଓଡିଶାରୁ ବେଙ୍ଗାଲୁରୁ ମଧ୍ୟରେ ଦୀର୍ଘ ଯାତାୟତକୁ ସହଜ କରିବା ପାଇଁ ଶୁଭାରମ୍ଭ ହୋଇଛି ଆର୍ଯ୍ୟନ ଟ୍ରାଭେଲ୍ସର ନୂତନ ଆରାମଦାୟକ ବସ ସେବା । ପ୍ରତ୍ୟେକ ଦିନ ସକାଳ ୭ଘ୍ଟା ୩୦ ମିନିଟରେ ବାଲେଶ୍ୱରରୁ ବାହାରି ମାତ୍ର ୨୮ଘଂଟାର ଯାତ୍ରା ପରେ ବେଙ୍ଗାଲୁରୁ ରେ ପହଂଚିବ । ଦକ୍ଷିଣ ଭାରତର ପ୍ରମୁଖ ସହରଗୁଡ଼ିକ ଦେଇ ଏହି ବସ୍ ଯାତ୍ରା କରିବ । ଏଥି ପାଇଁ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଶାସକ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ରେମୁଣା ବ୍ଲକ୍ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ବାଲେଶ୍ୱର ଆଂଚଳିକ ପରିବହନ ଅଧିକାରୀ ଶ୍ୟାମଳେନ୍ଦୁ ରାଉତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପରେଶ ରାଉତ, ସହଦେବଖୁଂଟା ଥାନା ଅଧିକାରୀ ଆଲୋକ ବେହେରା, ବାଲେଶ୍ୱର ଚାମ୍ବର ଅଫ ଇଣ୍ଡଷ୍ଟ୍ରିଜ ଏଣ୍ଡ କମର୍ସର ସଭାପତି ସଞ୍ଜୟ ଦାସ, ଯୁବ ଶିଳ୍ପଦ୍ୟୋଗୀ ସଂଗ୍ରାମ ଦାସ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଆର୍ଯ୍ୟନ ବସ ସେବାର ସଫଳତା କାମନା କରିଥିଲେ । ଶତାଧିକ ଅତିଥି, ଶୁଭେଚ୍ଛୁ, ସହଯୋଗୀ ଓ ଆର୍ଯ୍ୟନ ଟ୍ରାଭେଲ୍ସ ପରିବାରର ସଦସ୍ୟମାନେ ଏହି ଉଦଘାଟନୀ ଉତ୍ସବରେ ଉପସ୍ଥିତ ହୋଇଥିଲେ । ସୂଚନା ଯୋଗ୍ୟ କି ୨୦୧୮ ମସିହାରେ ଆର୍ଯ୍ୟନ ଟ୍ରାଭେଲ୍ସର ବ୍ୟବସାୟିକ ଯାତ୍ରା ଆରମ୍ଭ ହୋଇଥିଲା । ପ୍ରଦ୍ୟୁତ, ଅବିନାଶ ଓ କୃଷ୍ଣ, ତିନି ଭାଇଙ୍କ ଉଦ୍ୟମରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଗୋଟିଏ ପୁରୁଣା ବସ୍‌ରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଆଜି ୨୦ଟି ବସ୍‌ର ଏକ ବୃହତ ପରିବହନ ସଂସ୍ଥାରେ ପରିଣତ ହୋଇପାରିଛି । ୮ ବର୍ଷର ଏହି କଂଟକିତ ଯାତ୍ରାକୁ ସୁଗମ କରିବାରେ ଦୀପକ ଓ ଶ୍ରୀତମଙ୍କ ସହଯୋଗ ମଧ୍ୟ ରହିଛି । ବାଲେଶ୍ୱର ସହରର ମେଘଦମ୍ବୁରୁ ସ୍ଥିତ ଆର୍ଯ୍ୟନ ବସ କାର୍ଯ୍ୟାଳୟ ସମ୍ମୁଖରୁ ପ୍ରତିଦିନ ସକାଳ ୭ଟା ୩୦ ମିନିଟ୍‌ରେ ବସ୍ ଛାଡ଼ିବ । ଏବଂ ପରଦିନ ସକାଳ ୧୧ଟା ୧୦ ମିନିଟ୍‌ରେ ବେଙ୍ଗାଲୁରୁରେ ପହଂଚିବ । ସେହିପରି ବେଙ୍ଗାଲୁରୁରୁ ପ୍ରତିଦିନ ଅପରାହ୍ନ ୪ଟାରେ ବସ୍ ସେବା ଆରମ୍ଭ ହୋଇ ପରଦିନ ରାତି ୯ଟା ୧୫ ମିନିଟ୍‌ରେ ବାଲେଶ୍ୱରରେ ପହଂଚିବ । ପ୍ରତ୍ୟେକ ଦିନ ଏହି ବସ୍‌ସେବା ଜାରି ରଖିବା ପାଇଁ ତିନୋଟି ନୂତନ ବସର ବ୍ୟବସ୍ଥା କରାଯାଇଛି । ଯାତ୍ରୀମାନଙ୍କ ସୁବିଧା ଓ ଆରାମକୁ ଗୁରୁତ୍ୱ ଦେଇ ଆର୍ଯ୍ୟନ ବସ୍‌କୁ ଏକ୍ସଟ୍ରା ଲକ୍ସରୀରେ ସଜ୍ଜିତ କରାଯାଇଛି । ବସ୍‌ରେ ବାୟୋ-ଟଏଲେଟ୍, ପୁସବ୍ୟାକ୍ ସିଟ୍, ମୋବାଇଲ୍ ଚାର୍ଜିଂ ପଏଂଟ ସହିତ ଯାତ୍ରୀଙ୍କ ପାଇଁ ସିଙ୍ଗଲ୍ ଓ ଡବଲ୍ ସ୍ଲିପର୍ ବର୍ଥର ମଧ୍ୟ ସୁବିଧା ରହିଛି । ଦୀର୍ଘ ଯାତ୍ରା ସମୟରେ ଯାତ୍ରୀମାନେ ଯେପରି ଆରାମଦାୟକ ଓ ସୁବିଧାଜନକ ଯାତ୍ରାର ଅନୁଭୂତି ପାଇପାରିବେ, ସେଥିପାଇଁ ବସ୍‌ରେ ପ୍ରାୟତଃ ସମସ୍ତ ପ୍ରକାର ଆଧୁନିକ ସୁବିଧା ସାମିଲ କରାଯାଇଛି । ବାଲେଶ୍ୱର ଓ ଦକ୍ଷିଣ ଭାରତ ମଧ୍ୟରେ ଯାତାୟାତ କରୁଥିବା ଛାତ୍ରଛାତ୍ରୀ, କର୍ମଜୀବୀ, ବ୍ୟବସାୟୀ ଏବଂ ସାଧାରଣ ଯାତ୍ରୀଙ୍କ ପାଇଁ ଏହି ନୂତନ ବସ୍ ସେବା ଉପଯୋଗୀ ହେବ ବୋଲି ଆର୍ଯ୍ୟନ ଟ୍ରାଭେଲ୍ସ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆଶା ପ୍ରକାଶ କରାଯାଇଛି । ରେଡ୍ ବସ୍ ଭଳି ଦେଶର ପ୍ରମୁଖ ଅନଲାଇନ ବସ୍ ବୁକିଂ ପ୍ଲାଟଫର୍ମ ସହିତ ଆର୍ଯ୍ୟାନବସ.କମ୍ ମାଧ୍ୟମରେ ଏହି ବସରେ ଯିବା ଆସିବା ପାଇଁ ଅଗ୍ରୀମ ଟିକଟ ସଂଗ୍ରହ କରିବାର ବ୍ୟବସ୍ଥା ରହିଛି କ୍ଷ ସମ୍ପ୍ରତି ବାଲେଶ୍ୱରକୁ ବାରିପଦା, ଦୀଘା, ଭୁବନେଶ୍ୱର, ପୁରୀ, ରାଉରକେଲା ଓ କୋଲକାତା ଭଳି ସହର ମଧ୍ୟରେ ଆର୍ଯ୍ୟନ ଟ୍ରାଭେଲ୍ସ ବସ ସେବା ଯୋଡ଼ି ଆସିଛି । ଏବେ ବେଙ୍ଗାଲୁରୁକୁ ନୂଆ ରୁଟ୍ ଆରମ୍ଭ ହେବା ଆର୍ଯ୍ୟନ ଟ୍ରାଭେଲ୍ସର ସଫଳତା ଯାତ୍ରାରେ ଆଉ ଏକ ମାଇଲ୍ ଷ୍ଟୋନ୍ ବୋଲି କୁହାଯାଉଛି ।

ବାଲେଶ୍ୱରରେ ପାଳିତ ହେଲା ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ଓ ଲାଲବାହାଦୁର ଶାସ୍ତ୍ରୀ ଜୟନ୍ତୀ

ବାଲେଶ୍ୱର, ୦୨/୧୦ (ଆ.ପ୍ର) : ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ବାଲେଶ୍ୱରରେ ଶ୍ରଦ୍ଧା, ଭକ୍ତି ଓ ଦେଶପ୍ରେମର ଭାବନାରେ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପୂର୍ବାହ୍ନ ୯.୩୦ରେ ଜିଲ୍ଲାସ୍ତରୀୟ ସମାରୋହ ଆୟୋଜିତ ହୋଇଥିଲା । ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଆଦର୍ଶକୁ ସ୍ମରଣ କରିଥିଲେ । ସଦର ବିଧାୟକ ମାନସ କୁମାର ଦତ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଂଟିଆ, ଉପଜିଲ୍ଲାପାଳ ଶିବ ମାଲବ୍ୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ବହୁ ଗଣମାନ୍ୟ ବ୍ୟକ୍ତି ସମାରୋହରେ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରବୋଧ କୁମାର ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଂଟିଆ ଧନ୍ୟବାଦ ଅର୍ପଣ କରିଥିଲେ । ଏହା ପୂର୍ବରୁ ଭୋର ୪ଟାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ବାଲେଶ୍ୱର ସହରରେ ରାମଧୂନ ପରିବେଷଣ କରାଯାଇଥିଲା । ସକାଳ ୮.୩୦ରେ ଶହୀଦ ପାର୍କସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପମାଲ୍ୟ ଅର୍ପଣ କରି ଗାନ୍ଧିଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସମାରୋହରେ ସ୍ଥାନୀୟ ନୃତ୍ୟ ସଙ୍ଗୀତ କଳାମନ୍ଦିର ପକ୍ଷରୁ ଗାନ୍ଧିଜୀଙ୍କ ପ୍ରିୟ ଭଜନ ଓ ଆଶ୍ରମ ଭଜନ ପରିବେଷଣ କରାଯାଇଥିଲା । ଏହାପରେ ହିନ୍ଦୁ, ମୁସଲିମ ଓ ଖ୍ରୀଷ୍ଟିଆନ ଧର୍ମଗୁରୁଙ୍କ ଦ୍ୱାରା ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ଏଥିରେ ଶାନ୍ତି, ସଦ୍‌ଭାବ, ଭାଇଚାରା ଓ ଏକତାର ବାର୍ତ୍ତା ପ୍ରସାର ସହ ଗାନ୍ଧୀଜୀଙ୍କ ସତ୍ୟ ଓ ଅହିଂସାର ଆଦର୍ଶକୁ ଦୈନନ୍ଦିନ ଜୀବନରେ ଅନୁସରଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସମାରୋହରେ ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛତା, ସ୍ୱାବଲମ୍ବନ, ଗ୍ରାମ ସ୍ୱରାଜ, ସାମାଜିକ ସମାନତା ଓ ଅହିଂସାର ଆଦର୍ଶକୁ ଅନୁସରଣ କରି ଶାନ୍ତିପୂର୍ଣ୍ଣ, ସ୍ୱଚ୍ଛ ଓ ସମୃଦ୍ଧ ସମାଜ ଗଠନରେ ସମସ୍ତେ ନିଜ ନିଜ ଦାୟିତ୍ୱ ସମ୍ପାଦନ କରିବାକୁ ଆହ୍ୱାନ ଦିଆଯାଇଥିଲା । ଏଥିସହ ଲାଲବାହାଦୁର ଶାସ୍ତ୍ରୀଙ୍କ 'ଜୟ ଜବାନ, ଜୟ କିଷାନ' ମନ୍ତ୍ରର ମହତ୍ୱ ଓ ଦେଶ ଗଠନରେ ତାଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା । ସମାରୋହର ଶେଷ ପର୍ଯ୍ୟାୟରେ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଆଦର୍ଶକୁ ସ୍ମରଣ କରି ଶାନ୍ତି, ଏକତା, ଭାଇଚାରା ଓ ଦେଶପ୍ରେମର ଭାବନାକୁ ସୁଦୃଢ଼ କରିବାର ବାର୍ତ୍ତା ସହ ସମାରୋହର ପରିସମାପ୍ତି ଘଟିଥିଲା ।

ରେମୁଣାରେ ୧୫୭ତମ ଗାନ୍ଧୀ ଜୟନ୍ତୀ ପାଳନ

ବାଲେଶ୍ୱର, ୦୨/୧୦ (ଆ.ପ୍ର) : ରେମୁଣା ଗାନ୍ଧୀ ପାଠଶାଳାରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ ଚକ୍ରଧର ଦାସଙ୍କ ସଭାପତିତ୍ୱରେ ଆୟୋଜନ କରାଯାଇଛି । ଏହି ଜୟନ୍ତୀରେ ପାଠଶାଳାରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀ ଓ ତାଙ୍କ ଅଭିଭାବକ ଯୋଗ ଦେଇଥିଲେ । ସର୍ବଶେଷରେ ସମସ୍ତ ପିଲାମାନଙ୍କୁ ଜଳଖିଆ ପ୍ରଦାନ କରାଯାଇଥିଲା । ଏଥିରେ ପାଠଶାଳାର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ । ମହମ୍ମଦ ଇସଲାମ ଓ ତାଙ୍କ ପତ୍ନୀ ସାକିଲା ବାନୋଙ୍କୁ ନିମନ୍ତ୍ରିତ କରିଥିବାରୁ ତାଙ୍କୁ ଧନ୍ୟବାଦ ଦେଇଥିଲେ ।

କୁରୁଡ଼ା ପଂଚାୟତକୁ ଶିଶୁ ଶ୍ରମିକ ମୁକ୍ତ କରିବାକୁ ଗ୍ରାମସଭାରେ ଗୃହୀତ ହେଲା ସଂକଳ୍ପ

ବାଲେଶ୍ୱର, ୦୨/୧୦ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅନ୍ତର୍ଗତ କୁରୁଡ଼ା ଗ୍ରାମ ପଂଚାୟତରେ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ନିମନ୍ତେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ସରପଂଚ ତାପସ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଗ୍ରାମସଭାରେ ପଂଚାୟତକୁ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ସରପଂଚ ଶ୍ରୀ ପାଣିଗ୍ରାହୀ ନିଜ ବକ୍ତବ୍ୟରେ ପଂଚାୟତ ଅଂଚଳରୁ ଶିଶୁ ଶ୍ରମିକ ପ୍ରଥା ବନ୍ଦ କରିବା ସହ ସମସ୍ତଙ୍କ ମିଳିତ ଉଦ୍ୟମରେ କୁରୁଡ଼ା ପଂଚାୟତକୁ ଶିଶୁ ଶ୍ରମିକ ମୁକ୍ତ ପଂଚାୟତ ଭାବେ ଗଢ଼ି ତୋଳିବାକୁ କହିଥିଲେ । ଏହି ଅବସରରେ ସହକାରୀ ଶ୍ରମ ଅଧିକାରୀ ରତ୍ନାକର ମଲ୍ଲିକ, ଶିଶୁ ଶ୍ରମ ମୁକ୍ତ ଅଭିଯାନର ଜିଲ୍ଲା ଆବାହକ ଉବାଚକ ମହାନ୍ତି, ରାଜଲକ୍ଷ୍ମୀ ମହାନ୍ତି ଓ ମନ୍ଦାକିନୀ ନାୟକ ଶିଶୁ ଶ୍ରମିକ ପ୍ରଥାର କୁପରିଣାମ ଏବଂ ଏହାର ନିରାକରଣ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ । ଗ୍ରାମସଭାରେ ଉପସ୍ଥିତ ସମସ୍ତେ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ପାଇଁ ଶପଥ ଗ୍ରହଣ କରିଥିଲେ । ଶେଷରେ କୁରୁଡ଼ା ଗ୍ରାମ ପଂଚାୟତକୁ ଶିଶୁ ଶ୍ରମିକ ମୁକ୍ତ କରିବା ନିମନ୍ତେ ଗ୍ରାମସଭାରେ ଏକ ସଂକଳ୍ପ ଗୃହୀତ ହୋଇଥିଲା ।

ନୀଳଗିରି ଇଣ୍ଡିଆ ମେଂଟ ତରଫରୁ ବୈଠକ

ନୀଳଗିରି, ୦୨/୧୦ (ଆ.ପ୍ର) : ଦିବା ୧୧ ଘଟିକା ସମୟରେ ନୀଳଗିରି ଟାଉନ ସ୍ଥିତ କଂଗ୍ରେସ ଭବନ ସଭା ଗୃହରେ ନୀଳଗିରି ଇଣ୍ଡିଆ ମେଂଟ ତରଫରୁ ଆସନ୍ତା ୮ ତାରିଖ ଭାରତ ବନ୍ଦ ଡାକରା କୁ ନୀଳଗିରି ରେ ସଫଳ କରିବା ପାଇଁ କଂଗ୍ରେସ, ସିପିଆଇ ତଥା ସିପିଆଇ(ଏମ) ଦଳର କର୍ମୀ ମାନଙ୍କ ଦ୍ୱାରା ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବୈଠକ ଆରମ୍ଭରେ ମହାତ୍ମାଗାନ୍ଧୀ ତଥା ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜନ୍ମଜୟନ୍ତୀ ଅବସରରେ ତାଙ୍କ ଫୋଟୋଚିତ୍ରରେ ଉପସ୍ଥିତ ନେତୃତ୍ୱ ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । କଂଗ୍ରେସ ଦଳ ର ନୀଳଗିରି ବ୍ଲକ ସଭାପତି ତପନ କୁମାର ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, କିଶାନ କଂଗ୍ରେସ ରାଜ୍ୟ ଉପସଭାପତି ଯଶୋଦା ନନ୍ଦନ ସିଂହ, ସିପିଆଇ ତରଫରୁ ରାଜ୍ୟ କମିଟି ସଦସ୍ୟ ନିରଞ୍ଜନ ବାରିକ, ସି ପି ଆଇ ଜୋନ ସମ୍ପାଦକ ବିଜୟ କୁମାର ସ, ଯୁବ ନେତୃତ୍ୱ ନିହାର ରଞ୍ଜନ ଜେନା, ସିପିଆଇ (ଏମ) ତରଫରୁ ବିଧାୟକ ପ୍ରାର୍ଥୀ ଯୋଗାନନ୍ଦ ଦାସ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ଯୁବ ନେତୃତ୍ୱ ଜ୍ୟୋତିର୍ମୟ ରାଉତଙ୍କ ସମେତ ୫୦ରୁ ଉର୍ଦ୍ଧ କର୍ମୀ ଏହି ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିବା ବେଳେ ନୀଳଗିରି ବସ ଷ୍ଟାଣ୍ଡ ରେ ଆସନ୍ତା ୮ ତାରିଖ ରାଜ୍ୟ ରାଜପଥକୁ ଅବରୋଧ କରିବା ସହିତ ନୀଳଗିରି ବ୍ଲକର ମିତ୍ରପୁର, ବରହମପୁର, ଗରଡିହି, ସନ୍ତରାଗଡ଼ିଆ ଛକ ମାନଙ୍କ ରେ ରାସ୍ତା ଅବରୋଧ କରି ନୀଳଗିରିକୁ ସମ୍ପୂର୍ଣ୍ଣ ବନ୍ଦ ରଖିବାର ଯୋଜନା ପ୍ରସ୍ତୁତ କରିଥିବା ବେଳେ, ଏ ନେଇ ଆସନ୍ତା ୬ ଦିନ ଧରି ବିଭିନ୍ନ ଛକ ବଜାର ମାନଙ୍କ ରେ ଜନସଚେତନତା ସଭା ଅନୁଷ୍ଠିତ କରିବେ ବୋଲି ସୂଚନା ମିଳିଛି ।

ଉତ୍କଳ ଦିବସ ପାଳନ କମିଟି ପକ୍ଷରୁ ଦେଉଳାହାଟରେ ଗାନ୍ଧୀ ଜୟନ୍ତୀ ପାଳିତ



ଭୋଗରାଇ, ୦୨/୧୦ (ଆ.ପ୍ର) : ଭୋଗରାଇ ବ୍ଲକ ଦେଉଳା ପଂଚାୟତ ଅନ୍ତର୍ଗତ ଦେଉଳା ହାଟରେ ଉତ୍କଳ ଦିବସ କମିଟି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଥମେ ଜାତିର ଜନକ ମହାତ୍ମା ଗାନ୍ଧୀ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ୩୩ ନଂ ଜୋନ ଜିଲ୍ଲା ପରିଷଦ ସନ୍ତୋଷ ଜେନା, ପୂର୍ବତନ ସରପଂଚ ସୁକୁମାର ଜେନା, ଶକ୍ତିପଦ ଦାସ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ପ୍ରମଥ କୁମାର ଗିରି, ଅରୁଣ କୁମାର ଦାସ, ଅରବିନ୍ଦ ତୋଳା, ରାଜକିଶୋର ମହାନ୍ତି, ଦେବୀପ୍ରସାଦ ଦାଶ ଗୋସ୍ୱାମୀ, ପ୍ରଦୀପ କୁମାର ପାତ୍ର, ସାମ୍ବାଦିକ ସୁରେଶ ଚନ୍ଦ୍ର ମହାନ୍ତି, ବିଶ୍ୱଜିତ ମହାନ୍ତି, ଦିଲ୍ଲୀପ ଦାସ, କବି ଶ୍ରୀକୁମାର ଘୋଷ, ସୁଧୀର ଜେନା, ପ୍ରଦୀପ ଦିଶା, ହରିପଦ ପାତ୍ର, ବସନ୍ତ ଜେନା, ମନୋରଞ୍ଜନ ଘରାଇ, ଜାମସେଦ ଅଲ୍ଲୀ ଖାଁ, ମିହିର ଦାସ, ସଞ୍ଜୟ ପାତ୍ର, ପୃଥ୍ୱୀରାଜ ଗିରି ପ୍ରମୁଖ ଉପସ୍ଥିତି ହୋଇ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଅବଦାନ ଓ ତ୍ୟାଗ ସଂପର୍କରେ ଆଲୋଚନା କରିଥିଲେ ।

ନିଃସ୍ୱାର୍ଥପର ଶିକ୍ଷାଦାନ ପାଇଁ ରୋଟାରୀ କ୍ଲବ ଅଫ୍, କଟକ ସେଂଟ୍ରାଲ ପକ୍ଷରୁ ନେସନ ବିଲ୍ଡର ଆୱାର୍ଡ ପ୍ରଦାନ



ନୀଳଗିରି, ୦୨/୧୦ (ଆ.ପ୍ର) : ନିଃସ୍ୱାର୍ଥପର ଶିକ୍ଷାଦାନ ଏବଂ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଶିକ୍ଷକ ମାନଙ୍କୁ ନେସନ ବିଲ୍ଡର ଆୱାର୍ଡ ପ୍ରଦାନ କରାଯାଇଥାଏ । ଏହି କ୍ରମରେ ଶୁକ୍ରବାର ରୋଟାରୀ କ୍ଲବ ଅଫ୍, କଟକ ସେଂଟ୍ରାଲ ପକ୍ଷରୁ ନେସନ ବିଲ୍ଡର ଆୱାର୍ଡ ନୀଳଗିରି ବ୍ଲକ ଅଧିନ ତେଣ୍ଟା ସରକାରୀ (ଏସ୍‌ଏସ୍‌ଡି) ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବେଣୁଧର ମହାରଣାଙ୍କୁ ପ୍ରଦାନ କରାଯାଇଛି । ଏହି ପୁରସ୍କାରର ମୁଖ୍ୟ ଉଦ୍ଦେଶ୍ୟ ପ୍ରେରଣା ଓ ସ୍ୱୀକୃତି ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ମାନ ବୃଦ୍ଧି ଏବଂ ଶିକ୍ଷକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା । ଜଣେ ଆଦର୍ଶ ଶିକ୍ଷକ କେବଳ ପାଠ ପଢ଼ାନ୍ତି ନାହିଁ, ବରଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ ଏବଂ ସାମାଜିକ ଦାୟିତ୍ୱବୋଧ ଜାଗ୍ରତ କରି ସେମାନଙ୍କୁ ଦେଶର ସୁନାଗରିକ ଭାବେ ଗଢ଼ିଥାନ୍ତି । ଏହି ପୁରସ୍କାର ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଛାତ୍ରଛାତ୍ରୀ ମାନଙ୍କ ଠାରୁ ଗୋପନୀୟ ମତାମତ ଆଧାରରେ ଶିକ୍ଷକଙ୍କ ଶିକ୍ଷାଦାନର ଶୈଳୀ ଓ ନିଷ୍ଠାକୁ ପରଖାଯାଏ । ସଂଗୃହିତ ତଥ୍ୟକୁ ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ଯାଂଚ କରାଯାଇ ଯୋଗ୍ୟ ଶିକ୍ଷକଙ୍କ ନାମ ଚୂଡ଼ାନ୍ତ ହୁଏ । ପ୍ରତିବର୍ଷ ବିଭିନ୍ନ ଜିଲ୍ଲାରୁ ନିଃସ୍ୱାର୍ଥପର ଶିକ୍ଷାଦାନ କରୁଥିବା ଶିକ୍ଷକମାନଙ୍କୁ ଚିହ୍ନଟ କରାଯାଇ ରୋଟାରୀ କ୍ଲବ୍ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଉଛି । ଏହା ଦ୍ୱାରା ଗ୍ରାମାଂଚଳ ଓ ସହରାଂଚଳର ବସ୍ତି ଅଂଚଳରେ ଥିବା ସରକାରୀ ଓ ବେସରକାରୀ ସ୍କୁଲର ଶିକ୍ଷକ ମାନେ ବିଶେଷ ଭାବେ ଉତ୍ସାହିତ ହେଉଛନ୍ତି ।

ନୀଳଗିରି କଂଗ୍ରେସ ଭବନରେ ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ ପାଳନ

ନୀଳଗିରି, ୦୨/୧୦ (ଆ.ପ୍ର) : ନୀଳଗିରି ଉପଖଣ୍ଡ କଂଗ୍ରେସ ଭବନରେ ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀପାଳନ ଯାଇଛି । ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ ମାନ ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଫୋଟୋ ଚିତ୍ର ନିକଟ ରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରି ଧୂପ ପ୍ରଦାନ ପରେ ନୀଳଗିରି ବ୍ଲକ କଂଗ୍ରେସ ସଭାପତି ତପନ କୁମାର ରାଉତଙ୍କ ସଭାପତିତ୍ୱ ରେ ଜୟନ୍ତୀ ସଭା ଆରମ୍ଭ ହୋଇ ଥିଲା । ଉକ୍ତ ସଭା ରେ ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ରାଜ୍ୟ କିଶାନ କଂଗ୍ରେସ ଉପସଭାପତି ଯଶୋଦା ନନ୍ଦନ ସିଂହ, ସଦାଶିବ ରଥଙ୍କ ସମେତ ଯୁବ ନେତୃତ୍ୱ ଦିବ୍ୟଜ୍ୟୋତି ଆଚାର୍ଯ୍ୟ, ଅଶ୍ୱିନୀ ପାତ୍ର, ଏନ୍‌ଏସି ସଭାପତି ଉପେନ୍ଦ୍ର ବେହେରା, ପ୍ରମୋଦ ମହାପାତ୍ର, ପିତାମ୍ବର ମିଶ୍ର, କୈଳାଶ ଚନ୍ଦ୍ର ପାତ୍ର, ସୁରେନ୍ଦ୍ର ଦାସ, ରାସ ବିହାରୀ ମହାପାତ୍ର, ବ୍ରଜ ପୁଷ୍ଟି, ଗଦାଧର ନାୟକ, ବିନ୍ଦୁ ଦନାଙ୍କ, ପ୍ରଧାନ ସିଂ, କୃଷ୍ଣ ଚନ୍ଦ୍ର ସିଂ, ଜୟନ୍ତ ଦାସ, ଚୈତନ୍ୟ ନାୟକ, ଉମାକାନ୍ତ ବୁରୁଡ଼ାଇ ପ୍ରମୁଖ ଗାନ୍ଧୀ ଓ ଶାସ୍ତ୍ରୀଙ୍କ କର୍ମମୟ ଜୀବନ ଓ କାର୍ଯ୍ୟଧାରା ତଥା ସ୍ୱାଧୀନ ଭାରତ ପାଇଁ ତାଙ୍କର ଭୂମିକା ଓ ଅବଦାନ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ । ବିଭିନ୍ନ ପଂଚାୟତରୁ ଏକଶହରୁ ଉର୍ଦ୍ଧ କଂଗ୍ରେସ କର୍ମୀ ଏହି ଉତ୍ସବରେ ଉପସ୍ଥିତ ହୋଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଭା ଶେଷରେ ସମସ୍ତ ନେତା ଓ କର୍ମୀ ମାନେ କଂଗ୍ରେସ ଭବନରୁ ଏକ ପଦଯାତ୍ରାରେ ଯାଇ ନୀଳଗିରି ଉପ ଜିଲ୍ଲାପାଳ ଅଫିସ ସମ୍ମୁଖ କଚେରୀ ହତା ମଧ୍ୟରେ ଏକ ବଟ ବୃକ୍ଷ ରୋପଣ କରିଥିଲେ । ବ୍ଲକ ସଭାପତି ଶ୍ରୀ ରାଉତ ଉପସ୍ଥିତ ନେତା ଓ କର୍ମୀ ସମୂହଙ୍କୁ କହିଥିଲେ କି, ବୃକ୍ଷ ହିଁ ଜୀବନ । ଧ୍ୱଂସମୁଖୀ ପରିବେଶ ଓ ତାର ସନ୍ତୁଳନ ରକ୍ଷା କରିବା ପାଇଁ ସମସ୍ତେ ଗୋଟେ ଗୋଟେ ବୃକ୍ଷ ରୋପଣ କରିବାର ଆବଶ୍ୟକତା ରହିଛି । ପରିଶେଷରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜର ହିତରେ କାର୍ଯ୍ୟ କରିବା ପାଇଁ ଶ୍ରୀ ରାଉତ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

ଗାନ୍ଧିଜୟନ୍ତୀ ଅବସରରେ ଏଫ୍ଏମ୍ କଲେଜ ପୁରାତନ ଛାତ୍ର ସଂସଦ ପକ୍ଷରୁ ବାଲେଶ୍ୱର ବାଳାଶ୍ରମରେ ଅନୁଷ୍ଠିତ

ବାଲେଶ୍ୱର, ୦୨/୧୦ (ଆ.ପ୍ର) : ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଫକୀର ମୋହନ କଲେଜର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ବାଲେଶ୍ୱର ବାଳାଶ୍ରମ ଠାରେ ଅନ୍ତେବାସୀ ଛାତ୍ରମାନଙ୍କ ନିମନ୍ତେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ଔଷଧ ବଂଟନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ସଂସଦର ସଭାପତି ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ବାଳାଶ୍ରମର ୭ରୁ ୧୫ ବର୍ଷ ବୟସର ଅନ୍ତେବାସୀ ଛାତ୍ରମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି ଅବସରରେ କେତେକ ଛାତ୍ରଙ୍କର ହିମୋଗ୍ଲୋବିନ୍ ପରୀକ୍ଷା କରାଯିବା ସହ ସେମାନଙ୍କୁ ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରାମର୍ଶ ଏବଂ ମାଗଣା ଔଷଧ ବଂଟନ କରାଯାଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ ପୂଜ୍ୟପୂଜା ଅବସରରେ ଗାନ୍ଧୀ ଜୟନ୍ତୀ ଓ ଲାଲବହାଦୁର ଶାସ୍ତ୍ରୀ ଜୟନ୍ତୀର ମହତ୍ୱ ଏବଂ ସ୍ୱାସ୍ଥ୍ୟ ସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀ, ସାଧାରଣ ସମ୍ପାଦକ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ ଏବଂ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ସ୍ୱାସ୍ଥ୍ୟ ସଚେତନତା ଓ ମାନବସେବା ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀ, ଡା. ସୁକାନ୍ତ ପରିଡ଼ା ଏବଂ 'ଇଣ୍ଡିକମ୍ ହେଲିଶିରୋ' କମ୍ପାନୀର ସୌରାଜ କୁମାର ମିଶ୍ର ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପୁରାତନ ଛାତ୍ର ସଂସଦର ଉପ-ସଭାପତି ଅନୀଲ କୁମାର ପଟ୍ଟନାୟକ, ଚିତ୍ରାରାଣୀ ପାତ୍ର, ସୁରଜିତ ମହାପାତ୍ର, ପୀତମ୍ବର ଦାସ, ଅମୃତାଂଶୁ ପଟ୍ଟନାୟକ, ରାମଚନ୍ଦ୍ର ସେଠୀ, ଦେବାଶିଷ ପାତ୍ରୀ, ସୁରଜିତ ମହାପାତ୍ର, ପାର୍ଥ ସାରଥୀ ଆଶ ପ୍ରମୁଖ ସକ୍ରିୟ ଯୋଗଦାନ କରିଥିଲେ । ଏଥିସହିତ ବାଳାଶ୍ରମର ସୁପରିଟେଣ୍ଡେଂଟ ସୁବ୍ରତ ମହାପାତ୍ର, ପାରାମେଡିକାଲ ଷ୍ଟାଫ୍ ସୁପ୍ରଭା ସାହୁ, ମହାନ୍ତି, ହାଉସ୍ ମଦର ସବିତା ରାଣୀ ପାତ୍ର, ତପସ୍ୱିନୀ ରାଉତ, ସୁକାନ୍ତ ପ୍ରଧାନ ଏବଂ ଟୁଟୁ ଘଡ଼ାଇ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

AFFIDAVIT

By virtue of an affidavit sworn before the Executive magistrate Basudevpur, Dated-29.09.2026, I Kaushalya Barman ,wife of Biranchi Barman of Village - Binobabhabe Nagar, Po-Bidepurpal P.S-KasiaMarine, Dist-Bhadrak, State - Odisha, pin -756125, declare that I have changed my name from Bimala Barman to Kaushalya Barman. Henceforth, I shall be known as Kaushalya Barman for all purposes.

S/D- Kaushalya Barman

ସଂଖ୍ୟା: ଆଡମିନ୍-୧୨୦୧୧(୧୬)/୬/୨୦୨୪-ଇ-ଅଫିସ୍

ଭାରତ ସରକାର

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ

(ପ୍ରଶାସନ ବିଭାଗ)

****

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ କେନ୍ଦ୍ରୀୟ ଔଷଧ ପରୀକ୍ଷଣ ପ୍ରୟୋଗଶାଳା, ମୁମ୍ବାଇରେ ନିମ୍ନରେ ଉଲ୍ଲେଖିତ ପଦବୀ ପୂରଣ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଆବେଦନ ଆମନ୍ତ୍ରଣ କରୁଛି (ସ୍ୱଳ୍ପକାଳୀନ ଚୁକ୍ତିନାମା ସହିତ) । ଆଗ୍ରହୀ ପ୍ରାର୍ଥୀମାନଙ୍କୁ ଏମ୍ପ୍ଲୟମେଂଟ ନ୍ୟୁଜରେ ଏହି ବିଜ୍ଞାପନ ପ୍ରକାଶନ ତାରିଖରୁ ୬୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ବାୟୋଡାଟା ସହିତ ଆବେଦନ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ (CDSCO), FDA ଭବନ, କୋଟଲା ରୋଡ୍, ନୂଆଦିଲ୍ଲୀ- ୧୧୦୦୦୨ରେ ନିମ୍ନସ୍ୱାକ୍ଷରିତଙ୍କ ନିକଟରେ ଦାଖଲ କରିବାକୁ ଅନୁରୋଧ କରାଯାଉଛି ।

୨. ଅଧିକ ବିବରଣୀ ପାଇଁ ଦୟାକରି ମନ୍ତ୍ରଣାଳୟର ୱେବସାଇଟ୍ https://www.mohfw-dohfw.gov.in କିମ୍ବା CDSCO ୱେବସାଇଟ୍ https://cdsco.gov.in ପରିଦର୍ଶନ କରନ୍ତୁ ।

କ୍ର.ସଂ.	ପଦବୀର ନାମ	ସପ୍ତମ CPS ଅନୁଯାୟୀ ଦରମା	ପଦବୀ ସଂଖ୍ୟା	ଯେଉଁ କାର୍ଯ୍ୟାଳୟ ପାଇଁ ପଦ ପୂରଣ କରାଯାଉଛି
୧.	ନିର୍ଦ୍ଦେଶକ	ସପ୍ତମ CPSର ଦରମା ସ୍ତର ୧୨ (ଟଙ୍କା ୭୮,୮୦୦/-- ୨,୦୯,୨୦୦/-)	୧	CDTL, ମୁମ୍ବାଇ

cbc 17194/11/0019/2627

(ରଞ୍ଜନ ଡୋଲି)
ଉପନିର୍ଦ୍ଦେଶକ (ପ୍ରଶାସନ)

ଏସଇଥ
ଆରମ୍ଭ
SEITHO ARAMBHA
ଶନିବାର, ୦୩ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଟେକ୍ନୋଲୋଜୀର ଭାଷା

ଏବେ ପୃଥିବୀ ହେଉଛି ଜଗତ କରଣର ପୃଥିବୀ । ଏହି ଜଗତକରଣ କେବଳ ଉଦାରବାଦୀ ମୁକ୍ତ ଅର୍ଥନୀତି ଉପରେ ପର୍ଯ୍ୟବେଶିତ ବୋଲି ଭାବି ବସିଲେ ଭୁଲ ହେବ । ବରଂ ଭାଷା ସାହିତ୍ୟ,ଜ୍ଞାନ,ପ୍ରଯୁକ୍ତିବିଦ୍ୟା ସଂସ୍କୃତି ପରି ଏକାଧିକ କ୍ଷେତ୍ର ଭୌଗଳିକ ନିର୍ବିଶେଷରେ ସମନ୍ୱିତ ହେବା ମଧ୍ୟ ଏହାର ଏକ ପ୍ରମୁଖ ଅଂଶ ବିଶେଷ , ଏବଂ ଯାହାର ଆଧାର ହେଉଛି ଉତ୍କର୍ଷତା । ଅର୍ଥାତ ଏହି ଦ୍ରୁତ ପ୍ରଗତିଶୀଳ ବିଶ୍ୱରେ ଯେଉଁ ସବୁ ବିଭବ ଗୁଡିକ ନିଜକୁ ଯୁଗପଯୋଗି ଓ ଉତ୍କୃଷ୍ଟ ବୋଲି ପ୍ରତି ପାଦିତ କରି ପାରିବେ କେବଳ ସେହି ବିଭବ ଗୁଡିକ ହିଁ ତିଷ୍ଠି ରହି ପାରିବେ । ଅନ୍ୟଥା ସମୟର ପ୍ରବାହମାନ ସ୍ରୋତରେ ବିଲୀନ ହୋଇ ଯିବାର ସମ୍ଭାବନାକୁ ଏଡ଼ାଇ ଦିଆ ଯାଇ ନ ପାରେ । ଆମେ ଯଦି ଓଡ଼ିଆ ଭାଷା କ୍ଷେତ୍ର ରେ ଏକବିଂଶ ଶତାବ୍ଦୀର ଏହି ଆହ୍ୱାନକୁ ପରଖି ବସିବା ତେବେ ଭଣା ଅଧିକ ଆମକୁ ହତୋସାହିତ ହେବାକୁ ପଡ଼ିବ । ଚାରି କୋଟିରୁ ଉର୍ଦ୍ଧ୍ୱ ଓଡ଼ିଆ ଭାଷା ଭାଷୀଙ୍କ ଭାଷା ହୋଇ ମଧ୍ୟ ଯେଉଁ ପ୍ରଶସ୍ତତା ଓ ପ୍ରୟୋଗଶୀଳତାର ଅଧିକାରୀ ହେବା କଥା ଅଦ୍ୟାବଧି ତାହା ସମ୍ଭବ ହୋଇ ପାରି ନାହିଁ । ଏପରି ଦେଖିବାକୁ ଗଲେ ପୃଥିବୀର ବିଭିନ୍ନ ଭାଷା ବ୍ୟବହାରକାରୀ ମାନଙ୍କ ସଂଖ୍ୟା ଦୃଷ୍ଟିରୁ ଓଡ଼ିଆ ଭାଷାର ସ୍ଥାନ ଯଥେଷ୍ଟ ଉଚ୍ଚରେ । ଭାରତ ବର୍ଷର ହିନ୍ଦୀ, ଦକ୍ଷିଣ ଭାରତୀୟ ଭାଷା ସମୂହ ଓ ବଙ୍ଗଳା ଭାଷା ପରେ ଓଡ଼ିଆ ଭାଷାର ସ୍ଥାନ । ପୁଣି ଆମର ଏହି ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଲା ପରେ ନିଜର ପ୍ରାଚୀନତା ଓ ବିପୁଳତାକୁ ସର୍ବ ଭାରତୀୟ ସ୍ତରରେ ପ୍ରମାଣିତ ଏବଂ ପ୍ରତିଷ୍ଠିତ କରିପାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ନିଃ -ସନ୍ଦେହରେ ଏହାଦ୍ୱାରା ଓଡ଼ିଆ ଭାଷାର ଆତ୍ମ ପ୍ରତିଷ୍ଠା ଓ ଆତ୍ମ ମର୍ଯ୍ୟାଦା ବୃଦ୍ଧି ପାଇଛି । ମାତ୍ର ବିଡ଼ମ୍ବନାର ବିଷୟ ଏହି ଭାଷା ଶାସ୍ତ୍ରୀୟ ମାନ୍ୟତା ହାସଲ କରିବାର ଉତ୍କର୍ଷତା ସତ୍ତ୍ୱେ ବାସ୍ତବ କ୍ଷେତ୍ରରେ ଅବହେଳିତ ଓ ଅନାଦୃତ ଓ ଏକ ସମୃଦ୍ଧଶାଳୀ ଐତିହ ସମ୍ପନ୍ନ ଭାଷା ରୂପରେ ଏହା ଯେପରି ପରିପୁଷ୍ଟ ହେବାକଥା , ଯେପରି ଆଧୁନିକ ସମ୍ପନ୍ନ ହୋଇ ବହୁ-ପ୍ରସୁ ହେବାକଥା ସେପରି ଆଶାନୁରୂପକ ହୋଇ ପାରି ନାହିଁ । ଆମେ ଯଦି ବିଶ୍ୱ ସ୍ତରର ଅନ୍ୟାନ୍ୟ ସମୃଦ୍ଧ ଭାଷା ଗୁଡ଼ିକ ସହ ଆମ ଓଡ଼ିଆ ଭାଷାକୁ ତୁଳନା କରିବସିବା ତେବେ ଏହି ନିର୍ଣ୍ଣୟରେ ପହଂଚିବାରେ କୌଣସି ଅସୁବିଧା ହେବନାହିଁ । ଏହା ପ୍ରମାଣିତ ଯେ ଯେଉଁ ଭାଷା ଶିକ୍ଷା, ଶାସନ, ସଂଚାର ଓ ପ୍ରଯୁକ୍ତି ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ ଚଳନକ୍ଷମ ଓ ବ୍ୟବହାର ଉପଯୋଗୀ ସେହି ଭାଷା ସେତିକି ଜୀବନକ୍ଷମ ଓ ଆଧୁନିକ । ଉପରୋକ୍ତ ପ୍ରୟୋଗଶୀଳତା ଦୃଷ୍ଟିରୁ ଯଦି ଓଡ଼ିଆ ଭାଷାର ପ୍ରାଣ ପ୍ରବାହ ଓ ଅସ୍ତିତ୍ୱକୁ ଆମେ ଖୋଜି ବସିବା ତେବେ ଏସବୁ କ୍ଷେତ୍ରରେ ଓଡ଼ିଆ ଭାଷାର ନୈରାଶ୍ୟ ଜନକ ସ୍ଥିତିକୁ ହିଁ କେବଳ ଚାକ୍ଷୁସ କରି ପାରିବା । କେବଳ ସରକାରୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷା ଦାନର ଭାଷା ହେବାର ସୌଭାଗ୍ୟ ପ୍ରାପ୍ତି ବ୍ୟତିତ ଆମର ଏହି ଭାଷା କଥିତ ଭାଷାର ବାହକ ହେବାଛଡ଼ା ଅଧିକ ଦୂର ଅଗ୍ରସର ହୋଇ ପାରି ନାହିଁ । ସୌଭାଗ୍ୟକୁ ଏହି ଭାଷା କମ୍ପ୍ୟୁଟରକ୍ଷମ ହୋଇ ପାରିଛି ମାତ୍ର ପ୍ରୋସେସିଂ ଓ ପ୍ରୋଗ୍ରାମିଂ ପରି କ୍ଷେତ୍ରରେ ଏହାର ବ୍ୟବହାର ଖୁବ ସୀମିତ । କେବଳ ଡି.ଟି.ପି. ପରି ବ୍ୟବହୃତ ହେବା ଛଡ଼ା ଅଧିକ ପ୍ରାୟୋଗିକତାର ଅବକାଶ ଅବା ଉଦଯୋଗ ଏ ପର୍ଯ୍ୟନ୍ତ ସୁ ବ୍ୟବସ୍ଥିତ ଭାବେ ଆରମ୍ଭ ହୋଇନାହିଁ । ସୁଖର କଥା, ଓଡ଼ିଆ ଭାଷାର ଉଭୟ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମରେ ବ୍ୟାପକ ପରିପ୍ରସାର ହେତୁ ଏହି ଭାଷା ଜନମାନସର ଭାଷା ହେବାରେ ଏକ ପ୍ରକାର ସଫଳ ହୋଇ ପାରିଛି । ପ୍ରକାରନ୍ତରେ କହିଲେ ଏକବିଂଶ ଶତାବ୍ଦୀର ଦ୍ରୁତ ବିବର୍ତ୍ତିତ ପୃଷ୍ଠପଟରେ ଓଡ଼ିଆ ଗଣମାଧ୍ୟମ ହିଁ ଓଡ଼ିଆ ଭାଷାକୁ ଏକ ପ୍ରକାର ଜନାଦୃତ କରାଇବାରେ ଆଶା ସଂଚାର କରିପାରିଛି । ଅନ୍ୟଥା ଶିକ୍ଷା-ଶାସନ-ସଂଚାର ଓ ପ୍ରଯୁକ୍ତି ପରି କ୍ଷେତ୍ରରେ ଏହି ଭାଷାର ଗୌଣସ୍ଥିତି ଘୋର ନିରାଶା ସୃଷ୍ଟି କରିଥାଏ । ଓଡ଼ିଆ ଭାଷା ଅଧିନିୟମ ପ୍ରଣୟନ ସତ୍ତ୍ୱେ ଏହି ଭାଷା ସମ୍ପୂର୍ଣ୍ଣ ଭାବରେ ପ୍ରଶାସନର ମାଧ୍ୟମ ହୋଇ ପାରି ନାହିଁ । ଏବେ ମଧ୍ୟ ତୃଣମୂଳ ସ୍ତରରେ ବ୍ଲକ ଓ ତହସିଲ ପ୍ରଭୃତି ଅଫିସ ମାନଙ୍କରେ ଇଂରାଜୀ ଭାଷାରେ ଫାଇଲପତ୍ର ଓ ଅନ୍ୟାନ୍ୟ କାର୍ଯ୍ୟ ଚାଲୁଅଛି । ଓଡ଼ିଆ ଭାଷା ଅଧିନିୟମରେ ସରକାରୀ କାର୍ଯ୍ୟଧାରା ଚାଲିଥିବା ବ୍ୟବସ୍ଥା ସତ୍ତ୍ୱେ ଉକ୍ତ ନିୟମକୁ କଡ଼ାକଡ଼ି କରା ଯାଇନଥିବାରୁ ବା ନିୟମ ଉଲଂଘନକାରୀଙ୍କ ପ୍ରତି ଦଣ୍ଡ ବିଧାନର ପ୍ରାବଧାନ ନ ଥିବାରୁ ଏହି ଆଇନକୁ ଖୋଲାଖୋଲି ଅବମାନନା କରାଯାଉଛି । ସଚେତନ ଭାଷା ଆନ୍ଦୋଳନକାରୀ ମାନେ ଦଣ୍ଡ ବିଧାନ ବ୍ୟବସ୍ଥା ପ୍ରଣୟନ କରିବା ନିମନ୍ତେ ଅଦ୍ୟାବଧି ହାତରେ କଳା ପତକା ଧରି ପ୍ରତିବାଦ କରିଚାଲିଥିବା ସତ୍ତ୍ୱେ ସରକାରଙ୍କ ତରଫରୁ ଏଥିପ୍ରତି କୌଣସି କର୍ଣ୍ଣପାତ ସୁଦ୍ଧା କରାଯାଉନାହିଁ ।

ଇତିଶ୍ରୀ ବିପିନ ମହାରାଜ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଏଇଟି ବିପିନ ମହାରାଜଙ୍କ ଚିତାଭର ଅନ୍ତ ନୁହେଁ । ବକ୍ତବ୍ୟ ବାରୀର ଅନ୍ତ ନୁହେଁ, ଥିଲା ତାଙ୍କ ଦ୍ୱାରା ଦୀକ୍ଷିତ ଏକ ଶିଷ୍ୟର ମୋବାଇଲ ଫୋନରେ ଏକ ବ୍ୟଥିତ ବିରହ କୋହ ଭରା ବାଷ୍ପାକୁଳ କଣ୍ଠର କ୍ରନ୍ଦନସ୍ୱର । ମୁଁ ତ ସହଜରେ ଦୀର୍ଘ ଦିନ ଧରି ଯନ୍ତ୍ରଣା ଭୁକ୍ତା ରୋଗୀ, ମୋର ସଂସାରରେ କିଛି ଆଶ୍ରାନାହିଁ ସବୁ ଗୁରୁ ମାନଙ୍କ ଅଦୃଶ୍ୟ ଆଶୀର୍ବାଦରେ ସମୟ କାଟୁଛି । ଏ ମହାରାଜ, ମୋର ଏକ ସମୟ କ୍ଷେପଣୀ ରୂପେ ପାଲି କରିବାର ଛୋଟ ବଡ଼ ପରାମର୍ଶ ଦାତା ସହ କିଛି ଉତ୍କଟ ଯନ୍ତ୍ରଣାର ବିଶଲ୍ୟକରଣୀ ସାଜିଥିଲେ । ମୋର ପିଲା ନାମର ଦିନଡାକ ବାବାଜୀ । ମୋର ବୋଉର ପିଲା ଜନ୍ମ ହୋଇ ଏପରି ବାହୁଡ଼ି ଯାଉଥିଲେ ମୋର ଅଜା ମାମୁଁ ବୋଉକୁ ଏକ ସାଧୁ ମହାତ୍ମାଙ୍କ ବିଲ୍ୱବନ ଗାଦିରେ ନିଉଛାଳି ପକାଇ ସଂକଳ୍ପ କରି ମୋତେ ଜନ୍ମ ପରେ ବାବାଜୀ କରିଦେବେ ମାନସ କରିଥିଲେ କିନ୍ତୁ କାଳ ଭରା, କଳା ମୋର ସେ ଭାଗ୍ୟ ହେଲାନାହିଁ । ଅଜାଆଇ ଚାଲିଗଲେ, ମାମୁଁ ଭୁଲିଗଲେ, ବାପା ବୋଉକୁ ଅଭାବ ଛାଡୁନାହିଁ । ବିରାଟ ଯୌଥ ପରିବାର ଅନ୍ନ ଚିନ୍ତା ଚମତ୍କାର, ଏଣେ ବୟସ ବଢୁଛି ପଛକୁ ଲାଇନରେ ଭାଇ ଭଉଣୀ ହଠାତ ବାପାଙ୍କୁ ରୋଗ, ମୋ ବୋଉ ଫାଇଲେରିଆ ରୋଗୀ, ସେବା ପାଇ: ଲୋକ ନାହାଁନ୍ତି, କାକା ପୃଥକ ହୋଇ ଗଲେ ବେଡ଼ି ଉପରେ କୋରଡ଼ା ମୋତେ କେହି ବି ସାହାଯ୍ୟ କଲେ ନାହିଁ । ମୋର ଅର୍ଥ ଅଭାବରୁ ପାଠ ଛଡି, ଶ୍ରମିକ କାମ ପାଇଁ ବଙ୍ଗରାଜ୍ୟ ଗଲି । ଦୟାମୟୀ ଗଙ୍ଗାପତି ତପୋବନ ଦକ୍ଷିଣାକାଳୀମା, ଶ୍ରୀରାମକୃଷ୍ଣ ଦେବଙ୍କ ଶୟନ କକ୍ଷରେ ମୋର ନୀରବ ଦୁଃଖ ଗୁହାରୀ ଶ୍ରମିକ ଜୀବନର ଧାରା ନହୋଇ ଟେକ୍ନୋଲୋଜି ଶିକ୍ଷାର୍ଥୀ ରୂପେ ବେଙ୍ଗଲ ସରକାରୀ ବୃତି ପାଇଁ ଯୋଗ୍ୟ ହୋଇ ପ୍ରଖ୍ୟାତ ବିରଲା କମ୍ପାନୀଙ୍କ ହିନ୍ଦୁସ୍ତାନ ମଟର କାରଖାନାରେ ଅଧ୍ୟୟନ କରି ଶେଷରେ ଗ୍ରାମକୁ ଆସି ଛୋଟମୋଟର ମରାମତି କାର୍ଯ୍ୟ କରିବା ବେଳେ ମୋର ବାପା ହଠାତ ରୋଗରେ ପଡ଼ିଲେ ବୋଉ ରୋଗ ବହୁକାଳ ଆଗରୁ ଉପଭୋକ୍ତା, ବାଧ୍ୟ କରି ମୋତେ ବିବାହ କରିଦିଆ ଗଲା । ଆରମ୍ଭ ହେଲା ଦାୟିତ୍ୱ ଉପରେ ଦାୟିତ୍ୱ । ଦୈବ ଅଛି ସେ ସହାୟକ ଏହା ମୋର କେବେ ଯାଇ ନାହିଁ, ଆସିଛି ସତ୍ୟସାଇ ବାବାଙ୍କ ଆକର୍ଷଣ, ବାରମ୍ବାର ଆକର୍ଷଣ, ପଇସା ନଥାଇ ଘରୁ ବାହାରି ବାଟରେ କେମିତି ପାଥେୟ ଭୋଜନ ମିଳିଲା ଏହାବି ଆଶ୍ଚର୍ଯ୍ୟ, ଆଜ୍ଞା ହେଲା ଜ୍ୟୋତିଷ ତୋର ପିଲା କାଳର ଝୁଙ୍କ ତାହାକର ଏହାତ ତୋ ବାପାଙ୍କ ଶଖା ବୃତି ତୋର କିଛି ଅସୁବିଧା ହେବନାହିଁ ଯଦିଓ ଅର୍ଥ କାହାକୁ ମାଗିବୁ ନାହିଁ । ଗୁରୁବାଣୀ କେମିତି ଫେଳେ ଭାବନାରେ ଥିଲାବେଳେ ମାସିକ ଜ୍ୟୋତିଷ ପତ୍ରିକା ନିୟତିର ସମ୍ପାଦକ ମୋର ଅନ୍ନଦାତା ରୂପେ ଉଭା ହେଲେ, ସେ ମୋତେ କଟକ ନେଇଆସିଲେ ତାଙ୍କ ଅଦମ୍ୟ ଚେଷ୍ଟା ଓ ଗୁରୁମାନଙ୍କ ଆଶୀର୍ବାଦରୁ ମୁଁ ସଠିକ ବୃତିରେ ୫୫ ବର୍ଷ କଟକରେ ରହିଲିଣି । ମୋ ପାଇଁ ମଦିନାସିରିଡ଼ି ମଙ୍ଗ୍ଳ ପୁଟପର୍ତୀ । ସାଇବା ଅପ୍ରକଟ ହେବାର ୧୬ ଦିନ ଆଗର ରାତ୍ରିରେ ସ୍ୱପ୍ନରେ ଦେଖାଦେଇ କହିଥିଲେ ମୁଁ ଅପ୍ରକଟ ହେବି ହେଲେ ତୁ ଏକା ନୁହେଁ ତୋ ପାଇଁ ଅନେକ ସନ୍ଥ ରଖି ଯାଇଛି, ତାଙ୍କ ବାଣୀ ମାନିବୁ ସେବା କରିବୁ ସେମାନେ ମୋ ଠାରୁ ଭିନ୍ନ ନୁହଁନ୍ତି ତାହା ସତ୍ୟ ସ୍ୱପ୍ନ ହେଲା ବାବାଙ୍କ ସେ ଖବର ଜଣେ ଫୋନ କରି କହିଲେ ସେ ଦିନ ଦିନ ୯ଟାରେ ମୁଁ ଅଧର୍ଯ୍ୟ ହୋଇ ପାଗଳ ପରି ଛୁଟି ଗଲି ପ୍ରଶାନ୍ତି, ରାତି ନଅଟାରେ ପହଂଚୁଛି ନଥିଲା ଧନରେ, ପୁଣି ଭୁବନେଶ୍ୱରରୁ ବାଙ୍ଗାଲୋର ସେଠାରୁ ପ୍ରଶାନ୍ତି ନିଳୟମ ।

ସମାଧିକାର୍ଯ୍ୟ ସମାପନ ପରେ କଟକ ଫେରିବା ପରେ ନିଗମାନନ୍ଦଙ୍କ ଯୋଗ୍ରା ଆଶ୍ରମ, ବାୟାଙ୍କ କଳ୍ପତରୁ ଆଶ୍ରମ, ବୃନ୍ଦବାବାଙ୍କ ଯୋଗ୍ରା ଆଶ୍ରମ, ଗୁରୁଦ୍ୱାର, ବଡ଼ ମସଜିଦ, ମହୋଦଧି କେନ୍ଦ୍ର ଭୁବନେଶ୍ୱର, ଜୈନ ମନ୍ଦିର ଯାଇଛି ପ୍ରାର୍ଥନା କରିଛି ସବୁଠାରେ ଅଯୋଧ୍ୟା ବୃନ୍ଦାବନ ମଥୁରା, ପ୍ରୟାଗ, ବାରଣାସୀ, ସିରିଡ଼ି ନାମ ଭଜନ କରି ପ୍ରଶାନ୍ତି ନିଳୟମରେ ଉଦଯାପନୀ କରି ଆସି, ପାଇଥିଲି ବିପିନ ମହାରାଜଙ୍କ ସାନିଧ୍ୟ । ତାଙ୍କ ଯୋଗୁଁ ରାମବାବା ସାନିଧ୍ୟ ପ୍ରଜ୍ଞାନନ୍ଦଜୀ ମହାରାଜଙ୍କ ସାନିଧ୍ୟ, ଯେ ମୋର ଅନ୍ୟତମ ମାନସ ଗୁରୁ, ସେ ଆଶ୍ଚର୍ଯ୍ୟ ଭାବରେ ଏକ ଅଧ୍ୟାତ୍ମଶକ୍ତି ପାତ ମୋତେ କରିଛନ୍ତି କହିଛନ୍ତି, ତମେ ଲେଖ, ଲେଖିବା ସେଠାରୁ ଆରମ୍ଭ କରିଛି । ସବୁ ମୂଳରେ ବିପିନ ମହାରାଜ ସେ ଦିନ ଯଦି ସେ କରମଳାର ଅଭିରାମ ପରମ ହଂସଙ୍କ ଆଶ୍ରମକୁ ମୋତେ ଧରି ନନେଇ ଥାନ୍ତେ ତେବେ ଏ ଶକ୍ତି ସନ୍ଥ ସଙ୍ଗ କୃମରୁ ମିଳିନଥାନ୍ତା । ମୋତେ ଧନ୍ୟ କରିଛନ୍ତି । ମୁକ୍ତିର ଆଲୋକ ଦେଖାଇଛନ୍ତି । ସେ ଇତି ହେବେ ଏହା ମୁଁ ଭାବିପାରୁ ନାହିଁ । ତାଙ୍କୁ ବାୟା ଡାକରା ସେ ବି ବାୟା ହୋଇ ମୋତେ ବାୟା କରି ଚାଲିଗଲେ ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ
ଦୂରଭାଷ : ୯୪୩୭୧୦୩୧୨୫୩

ସଦ୍‌ଗୁଣର ବିକାଶ

॥ ଦେବଦ୍ୟୁତି ସ୍ୱାଇଁ ॥

ଶରୀର, ପ୍ରଣ ଓ ମନର ଭିତି ରୂପକ ଏହି ଅମର ଆତ୍ମା ହିମାଳୟର ତୁଷାର ସଦୃଶ ନିର୍ମଳ, ସୂର୍ଯ୍ୟାଲୋକ ସଦୃଶ ଉଜ୍ଜ୍ୱଳ, ଆକାଶ ପରି ଦିଗନ୍ତ ବିସ୍ତାରିତ, ବ୍ୟୋମ ସଦୃଶ ସର୍ବବ୍ୟାପୀ, ସମୁଦ୍ର ସଦୃଶ ଅତଳସ୍ପର୍ଶୀ ଓ ଗଙ୍ଗାଜଳ ସଦୃଶ ପବିତ୍ର । ଏହି ଆତ୍ମା ଅପେକ୍ଷା ମଧୁର ଆଉ କିଛି ନାହିଁ । ମନକୁ ନିର୍ମଳ କରିବା ପ୍ରୟୋଜନ । ଧ୍ୟାନ ଧାରଣା ବଳରେ ହୃଦୟର ଗଭୀରତମ ପ୍ରଦେଶକୁ ପ୍ରବେଶ କରିହୁଏ । ଅନ୍ତରର ଗଭୀରତମ ପ୍ରଦେଶକୁ ଗଲେ ଆତ୍ମାରୂପକ ମୁକ୍ତା ମିଳିବ । କୂଳରେ ଅନୁସନ୍ଧାନ କଲେ କେବଳ ଭଗ୍ନଶୁକ୍ତି ମିଳିପାରେ । ପ୍ରତ୍ୟେକଙ୍କ ହୃଦୟ ଈଶ୍ୱରଙ୍କ ଅର୍ଚ୍ଚନା ପାଇଁ ଶ୍ରେଷ୍ଠ ପୁଷ୍ପ । ଆତ୍ମାର ମୂଳ ଗୁଣ ହେଲା ପବିତ୍ରତା, ପ୍ରେମ ଓ ଶାନ୍ତି । ଏହା ଅନନ୍ତ ଆନନ୍ଦ ଓ ଅସୀମ ସୁଖଶାନ୍ତିର ନନ୍ଦନକାନନ । ତନ୍ମଧ୍ୟକୁ ପ୍ରବେଶ କଲେ ଯେଉଁ ଶାନ୍ତି ମିଳିବ ତାହା ଅତ୍ୟନ୍ତ ବିରଳ । ଦୀପଧାର ମଧ୍ୟରେ ଦୀପ ଜଳିବା ସଦୃଶ ହୃଦୟ ମଧ୍ୟରେ ଦିବ୍ୟାଲୋକ ଜଳୁଅଛି । ଯେଉଁ ଦୀପର ସଳିତା ଛୋଟ, ସେ ଦୀପର ଆଲୁଅ କମ୍ । ଯେଉଁ ଦୀପର ସଳିତା ମୋଟ, ସେ ଦୀପର ଆଲୁଅ ବେଶୀ । ଠିକ ସେହିପରି ଜୀବ ଯଦି ପବିତ୍ର ବିଶୁଦ୍ଧ ହେବ, ସେ ଯଦି ଧ୍ୟାନଭ୍ୟାସରେ ରତ ହେବ, ତେବେ ତା'ଠାରେ ଆତ୍ମାର ଅଭିବ୍ୟକ୍ତି ମଧ୍ୟ ସ୍ୱଷ୍ଟସବଳ ହେବ; ସେ ଅଧିକ ଉଜ୍ଜ୍ୱଳ ଆଲୋକ ବିକୀରଣ କରିବ ।

ଧୈର୍ଯ୍ୟ, ଅଧ୍ୟବସାୟ, ଶାନ୍ତି ଓ ସାହସ ଦ୍ୱାରା ସୁସଜ୍ଜିତ ହୋଇ ଧୀର ଭାବରେ ଏକ ଶୃଙ୍ଗ ପରେ ଅପର ଶୃଙ୍ଗ ଆରୋହଣ କରିବା ଆବଶ୍ୟକ । ଅସଂଯତ ଇନ୍ଦ୍ରିୟସମୂହକୁ ଦମନ କଲେ ବାସନା ସକଳ ସ୍ୱତଃ ଦୂର ହୋଇଯିବ ଓ ସର୍ବଶେଷରେ ଆତ୍ମୋପଲବ୍ଧି ବା ଦିବ୍ୟଜ୍ଞାନର ସର୍ବୋଚ୍ଚ ସ୍ଥାନରେ ପ୍ରବେଶର ବାଟ ଫିଟିଯିବ । ପ୍ରେମର ଚାବି ଦ୍ୱାରା ଅନ୍ତରରେ ଅବସ୍ଥିତ ଭଗବାନଙ୍କ ମନ୍ଦିରରର ଦ୍ୱାର ଉନ୍ମୋଚନ ହୋଇଥାଏ । କ୍ଷେତ୍ରପାଳ ଯତ୍ନ ସହକାରେ ଛୋଟ ଗଛଗୁଡ଼ିକର ତତ୍ତ୍ୱ ନେଇଥାଏ । ଗଛ ମୂଳରୁ ଅନାବଶ୍ୟକ ଗଛସବୁ ଉପାଡ଼ି ଦେବା ସହ ବାହ୍ୟଶତ୍ରୁ କବଳରୁ ଗଛର ସୁରକ୍ଷା ପାଇଁ ଚତୁର୍ଦ୍ଦିଗରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ଶକ୍ତିଶାଳୀ ବାଡ଼ ଦେଇଥାଏ । ଆବଶ୍ୟକ ସମୟରେ ଗଛ ମୂଳରେ ଜଳ ଦିଏ । ଉପଯୁକ୍ତ ଯତ୍ନ ଦ୍ୱାରା ଗଛଟି ଠିକଣା ଭାବରେ ବୃଦ୍ଧି ପାଇ ଯଥା ସମୟରେ ଫୁଲଫଳ ଦେଇଥାଏ । ଅନୁରୂପ ଭାବରେ ମଣିଷ କଥା କୁହାଯାଇପାରେ । ଅସଂଯତ ଇନ୍ଦ୍ରିୟସମୂହ ହେଲେ ଏହାର ବାହ୍ୟଶତ୍ରୁ । ପ୍ରତିରୋଧକାରୀ ସଂଯତ ଇନ୍ଦ୍ରିୟ ଦ୍ୱାରା ନିଜକୁ ସୁରକ୍ଷିତ ରଖିପାରିଲେ ହିଁ ଆତ୍ମା ରୂପୀ ଶତଦଳ ନିଜ ସୌରଭରେ ଅନ୍ୟକୁ ଆମୋଦିତ କରିବ, ଆକର୍ଷିତ କରିବ । ସଂଯତ ଆତ୍ମାର ସୁବାସ ଦିଗ ବିଦିଗରେ ଚହଟିଯିବ ଅର୍ଥାତ୍ ଏହାର ପ୍ରଭାବରେ ଅନ୍ୟମାନେ ଆକର୍ଷିତ ହେବେ ନିଶ୍ଚୟ । ଲକ୍ଷ୍ୟ ସ୍ଥିର କରିବା ନିଜ ଦାୟିତ୍ୱ । ଦୁଇଟି ଭିତରୁ ଗୋଟିକୁ ବାଛିବାକୁ ପଡ଼ିବ ।

ଏକମାତ୍ର ନୈତିକ ମନୁଷ୍ୟ ହିଁ ପ୍ରକୃତ ସୁନ୍ଦର । ସତ୍‌କର୍ମ କରୁଥିବା ଲୋକଙ୍କର, ସତ, ସୁନ୍ଦର ଓ ମଧୁରଭାଷୀ ଲୋକଙ୍କର ସମକକ୍ଷ ଲୋକ ଆଉ ନାହିଁ । ସେ କେବଳ ନରଲୋକରେ ପ୍ରିୟ ନୁହେଁ; ସେ ଦେବପ୍ରିୟ ଓ ବ୍ରହ୍ମାଙ୍କର ମଧ୍ୟ ପ୍ରିୟ । ଯେ ଭଦ୍ର, ନମ୍ର, ସାଧୁ, ସତ୍ୟବାଦୀ ଓ ଧର୍ମ ପରାୟଣ ସେ ହିଁ ସର୍ବଶ୍ରେଷ୍ଠ ମନୁଷ୍ୟ । ଯାହାଠାରେ କୌଣସି ନୈତିକ ଗୁଣ ନାହିଁ, ସେ ଏକ ଗନ୍ଧହୀନ ବନ୍ୟପୁଷ୍ପ । ସଦ୍‌ଗୁଣ-ବିବର୍ଜିତ ମନୁଷ୍ୟ ବଂଚିଥିଲେ ବି ମଲା ସହିତ ସମାନ । ସେ ଜଗତର ଏକ ଅଭିଶାପ । ସେ ସମାଜରେ ଘୃଣ୍ୟ-ପରିତ୍ୟକ୍ତ ହୋଇ ରହେ । ଇନ୍ଦ୍ରିୟସେବା ପରାୟଣ ଲୋକ ପଶୁଠାରୁ ଭିନ୍ନ ନୁହେଁ । ଅଧିକାଂଶ ଲୋକ ପଶୁତୁଲ୍ୟ ଜୀବନ ଯାପନ କରନ୍ତି । ସେମାନେ ଶାନ୍ତିର ସାମ୍ରାଜ୍ୟରୁ, ଶାଶ୍ୱତ ସୁଖର ସାମ୍ରାଜ୍ୟରୁ ନିର୍ବାସିତ ହୋଇଯାଇଥାନ୍ତି । ସୁତରାଂ କାଳ ବିଳମ୍ବ ନ କରି ସଦ୍‌ଗୁଣ ବିକାଶ କରନ୍ତୁ । ଦାନ, କୃତଜ୍ଞତା, ଧର୍ମଶାସଜ୍ଞାନ, ମହତ୍ ଚରିତ୍ର, ଆତ୍ମ ସଂଯମ ଏବଂ ସତ୍ ସାହସ ମନୁଷ୍ୟକୁ ପୂଜ୍ୟ ଓ ଗୌରବାନ୍ୱିତ କରି ଗଢ଼ିଦିଏ ।

ସାଧାରଣ ସମ୍ପାଦକ, ପୁରୁଷୋତମ ସୃଷ୍ଟି ସେବା ସତସଙ୍ଗ,
ପୁରୁଷୋତମ କମ୍ପ୍ଲେକ୍ସ, ମେରିଆ ବଜାର କଟକ,
ଦୂରଭାଷ: ୯୪୩୭୧୯୯୬୮୭, ୯୪୩୯୬୧୯୮୯୩

ଗାନ୍ଧିଜୀଙ୍କ ଓଡ଼ିଶା ସ୍ମୃତି : ବେରବୋଇରେ ସାତ ଦିନ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ମହାତ୍ମା ଗାନ୍ଧୀଙ୍କ ଡାକରାରେ ଦେଶର ଅଗଣିତ ଜନତା ଯେତେବେଳେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ ତାହାର ବହୁ ବର୍ଷ ପୂର୍ବରୁ ଓଡ଼ିଶାରେ ଆରମ୍ଭ ହୋଇଥିଲା ଇଂରେଜଙ୍କ ବିରୁଦ୍ଧରେ ସଂଗ୍ରାମ । ଏହି ମୁକ୍ତି ଆନ୍ଦୋଳନରେ ଓଡ଼ିଶାରେ ଅବଦାନ ଥିଲା ଅତି ଗୁରୁତ୍ୱପୂର୍ଣ୍ଣ । ୧୮୧୭ ମସିହାରେ ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ଭାବେ ମୁଣ୍ଡ ଟେକିଥିଲା ଓଡ଼ିଶାର ପାଇକ ବିଦ୍ରୋହ । ଓଡ଼ିଶାକୁ ଗାନ୍ଧିଜୀ ଅନେକ ଭଲ ପାଉଥିଲେ । ଏଠାରେ ତାଙ୍କର ସ୍ମୃତି ଚିରଦିନ ପାଇଁ ସ୍ମରଣୀୟ ହୋଇରହିବ । ଦେଶବାସୀଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ପରଖିବା ସହ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଜାତୀୟତା ପ୍ରତି ସୁପ୍ତ ଚେତନାକୁ ଜାଗ୍ରତ କରିବାର ଆଭିମୁଖ୍ୟ ନେଇ ଦେଶର ବିଭିନ୍ନ ଭାଗ ଗସ୍ତ କରିଥିଲେ ମହାତ୍ମା ଗାନ୍ଧୀ । ଓଡ଼ିଶାକୁ ଅସିଥିଲେ ଆଠଥର, ସର୍ବାଧିକ ଦିନ ରହିଥିଲେ ନିଜ ସପ୍ତମ ଗସ୍ତ କାଳରେ ପୁରୀ ଜିଲ୍ଲାର ଡେଲାଙ୍ଗ ନିକଟସ୍ଥ ବେରବୋଇ ଗ୍ରାମରେ । ୧୯୩୮ ମାର୍ଚ୍ଚ ୨୫ରୁ ୩୧ ସେହି ସାତ ଦିନ ରାଜ୍ୟ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ।

କର୍ଣ୍ଣାଟକର ହୁବଲି ଠାରେ ଆୟୋଜିତ ଗାନ୍ଧୀ ସେବା ସଂଘର ଦ୍ୱିତୀୟ ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିବା ଓଡ଼ିଶାର ପ୍ରତିନିଧି ଗୋପବନ୍ଧୁ ଚୌଧୁରୀ, କୃପାସିନ୍ଧୁ ହୋତା, ଆଚାର୍ଯ୍ୟ ହରିହର, ରମା ଦେବୀଙ୍କ ପ୍ରସ୍ତାବକ୍ରମେ ସ୍ଥିରୀକୃତ ହେଲା ଯେ ଏହାର ଚତୁର୍ଥ ବାର୍ଷିକ ସମ୍ମିଳନୀ ଓଡ଼ିଶାରେ ହିଁ ହେବ । ଶେଷରେ ରାଜ୍ୟର ପ୍ରତିନିଧିମାନେ ବେରବୋଇ ଠାରେ ଚତୁର୍ଥ ସମ୍ମିଳନୀ କରିବା ପାଇଁ ନିଷ୍ପତି ନେଲେ । ୧୯୩୮ ମାର୍ଚ୍ଚ ୨୫ରୁ ୩୧ ଯାଏ ବେରବୋଇ ଠାରେ ଏହି ଐତିହାସିକ ଆୟୋଜନ ହୋଇଥିଲା । ଏହି ସମ୍ମିଳନୀକୁ ଗାନ୍ଧୀ ସଭା କୁହାଯାଉଥିଲା । ଗାନ୍ଧୀ ଆଠଥର ଓଡ଼ିଶାକୁ ଆସିଥିଲେ ଏବଂ ସର୍ବାଧିକ ଦିନ ରହିଥିଲେ ନିଜ ସପ୍ତମ ଗସ୍ତ କାଳରେ ବେରବୋଇ ଗ୍ରାମରେ । ଏହି ସମୟରେ ସ୍ଥାନୀୟ ଲୋକମାନଙ୍କ ପ୍ରୟାସରେ ଆୟୋଜନ କରାଯାଇଥିଲା ହସ୍ତଶିଳ୍ପ ଓ ତନ୍ତ ମେଳା । ବେରବୋଇ ସମ୍ମିଳନୀର ଆୟୋଜନ ପାଇଁ ବର୍ଷ ତମାମ ପ୍ରସ୍ତୁତି ଚାଲିଥିଲା । କୃପାସିନ୍ଧୁ ହୋତା, ବିନୋଦ କାନୁନ୍‌ଗୋ, ରମାଦେବୀ, ମନମୋହନ ଚୌଧୁରୀ ପ୍ରମୁଖ ପ୍ରସ୍ତୁତିରେ ଲାଗି ପଡ଼ିଥିଲେ । ଏହି ଅଧିବେଶନରେ ଯୋଗ ଦେବାକୁ ଥିବା ପ୍ରତିନିଧିମାନଙ୍କ ପାଇଁ ସେଠାରେ ରହଣି ଓ ଖାଦ୍ୟପେୟର ବ୍ୟବସ୍ଥା କରାଗଲା । ଏହି ଅଧିବେଶନରେ ୧୦ ମାଇଲ ପରିଧି ଭିତରେ ଚାଷ କରାଯାଇଥିବା ପନିପରିବା ଖାଦ୍ୟ ସାମଗ୍ରୀ ବ୍ୟବହୃତ ହେବ ବୋଲି ନିଷ୍ପତି ନିଆଗଲା । ସେଥିପାଇଁ ବିଭିନ୍ନ ଗ୍ରାମକୁ ଯାଇ ଚାଷୀମାନଙ୍କୁ ପନିପରିବା ଚାଷ ଓ ଗୋପାଳନ କରିବାକୁ କୁହାଗଲା । ସେତେବେଳେ ଡେଲାଙ୍ଗ ଷ୍ଟେସନରେ ଏକ୍ସପ୍ରେସ୍ ରହଣିର ସୁବିଧା ନଥିଲା । ମାତ୍ର ଇଂରେଜ ଶାସନାଧୀନ ବେଙ୍ଗଲ-ନାଗପୁର ରେଲୱେ (ବିଏନ୍‌ଆର) ଗାନ୍ଧିଜୀଙ୍କ ସମ୍ମାନାର୍ଥେ ଏହାର ସ୍ୱତନ୍ତ୍ର ବ୍ୟବସ୍ଥା କରାଇଥିଲେ ।

୧୯୩୮ ମସିହା ମାର୍ଚ୍ଚ ୨୫ ତାରିଖରେ ସକାଳ ସାତଟାରେ ହାଓ୍ୱଡ଼ା-ପୁରୀ ଟ୍ରେନ୍‌ରେ ଗାନ୍ଧିଜୀ ଆସି ପହଂଚିଥିଲେ । ରେଳବାଇ କର୍ତ୍ତୃପକ୍ଷ ବେରବୋଇ ଗାଁ ମଝିରେ ଏକ ଅସ୍ଥାୟୀ ରେଳଷ୍ଟେସନ କରିବା ସହ ସେଠାରେ କାଠ ଓ ବାଉଁଶରେ ପାହାଚ ତିଆରି କରିଥିଲେ । ତାଙ୍କ ସାଥିରେ ଥିଲେ ତାଙ୍କ ସହଧର୍ମିଣୀ କସ୍ତୁରବା, ପୁତ୍ର ମଣିଲାଲ, ପୁତ୍ରବଧୂ ସୁଶୀଳା, ନାତି ଅରୁଣ । କଂଗ୍ରେସର ବହୁ ଶୀର୍ଷସ୍ତରୀୟ ନେତା - ଗାନ୍ଧୀ ସେବା ସଂଘର ସଭାପତି କିଶୋରଲାଲ ମସରୁୱାଲା, ଡ.ପ୍ରଫୁଲ୍ଲ ଚନ୍ଦ୍ର ଘୋଷ, ଡ. ରାଜେନ୍ଦ୍ର ପ୍ରସାଦ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଆଚାର୍ଯ୍ୟ କୃପାଳିନୀ, ଗଙ୍ଗାଧର ରାଓ ଦେଶପାଣ୍ଡେ, ମୌଲାନା ଅବୁଲ କଲାମ ଆଜାଦ, ଗୋବିନ୍ଦ ବଲ୍ଲଭ ଭାଇ, କ୍ଷୀତିଶ ରାୟ ଚୌଧୁରୀ, ହୃଦୟନାଥ କୁଂଜ୍ରୁ, ଯମୁନାଲାଲ ବଜାଜ୍, ରାମ ରତନ ଶର୍ମା, ଆନ୍ନା ସାହେବ, ସହସ୍ର ବୁଦ୍ଧେ ପ୍ରମୁଖ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ସମସ୍ତ ନିକଟସ୍ଥ ବ୍ରହ୍ମେଶ୍ୱର ପୋଖରୀରେ ସ୍ନାନ କରିବା ପରେ ଉଦ୍‌ଘାଟନୀ ସଭାରେ ଯୋଗ ଦେଇଥିଲେ । ଗାନ୍ଧୀ ଓ ଅନ୍ୟ ପ୍ରତିନିଧି ମାନଙ୍କ ସାତ ଦିନ (ମାର୍ଚ୍ଚ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ) ଧରି ରହଣି ପାଇଁ ବ୍ରହ୍ମେଶ୍ୱର ପୋଖରୀ ହୁଡ଼ାରେ ନିର୍ମିତ ଅସ୍ଥାୟୀ ନଡ଼ା ଛପର ଚାଳ ଘରର ବ୍ୟବସ୍ଥା କରାଯାଇଥିଲା । ବେରବୋଇ ସମ୍ମିଳନୀରେ ଶହ ଶହ ପୁରୁଷ ଓ ମହିଳା ଗାନ୍ଧିଜୀଙ୍କ ସାନିଧ୍ୟ ପାଇ ନିଜକୁ ଧନ୍ୟ ମଣିଥିଲେ । ଗାନ୍ଧୀ ସେବା ସଂଘର ଚତୁର୍ଥ ବାର୍ଷିକ ସମ୍ମିଳନୀକୁ ଗାନ୍ଧୀ ଉଦ୍‌ଘାଟନ କରିଥିଲେ ଏବଂ ପତାକା ଉତୋଳନ କରିଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ । ପ୍ରାୟ ୭୦ ହଜାର ଲୋକ ସଭାରେ ଉପସ୍ଥିତ ଥିଲେ ଏବଂ ସମସ୍ତେ ଏଥିପାଇଁ ଦୁଇ ପଇସା ଲେଖାଏଁ ଦେଇ ଟିକେଟ କିଣିଥିଲେ । ଏହି ଅବସରରେ ଭାଷଣ ଦେଇ ଗାନ୍ଧୀ କହିଥିଲେ ଯେ ଓଡ଼ିଶାର ଦୁଇଟି ଶତ୍ରୁ ହେଲା ନିଶା ଓ ଆଳସ୍ୟପରାୟଣତା । ଏହା ତ୍ୟାଗ କଲେ ଓଡ଼ିଶା ଅଚିରେ ଏକ ଉନ୍ନତ ରାଜ୍ୟ ହୋଇପାରିବ । ସ୍ମୃତି ଭିତରେ ଜାଗରିତ ହେଉଛି ୧୯୨୮ ମସିହାରେ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିବା ପ୍ରଖ୍ୟାତ ସଂଗ୍ରାମୀ ବାଞ୍ଛାନିଧି ମହାନ୍ତି ଗାଇଥିଲେ - 'କହ କହ କେଉଁ ଜାତି ପାଇଛି ମୁକତି, କରି ହୁରି ହାରି ଗୁହାରି, କହ ପାଇଛି କିଏ ସୁଖ ଲିଭାଇଛି ଦୁଃଖ, ମାଗି ମାଗି ପଥ ଭିକାରୀ' । ଏହାସହ ସ୍ୱାଧୀନ ଭାରତକୁ ନେଇ ତାଙ୍କର ହୃଦୟସ୍ପର୍ଶୀ ଗୀତଟି ଥିଲା - 'ଗାଅ ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ, ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ, ଗାଏ ସାଗର ଭୂଧର ଅମ୍ବର ଚୁମିତ, ଭାଲ ହିମାଚଳ ଗିରିବର କମ୍ପିତ, ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ' ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

ମନସା ପଞ୍ଚମୀ

॥ ଜ୍ୟୋତ୍ସ୍ନା ମହାପାତ୍ର ॥

ସର୍ପମାନଙ୍କ ଦଂଶନରୁ ରକ୍ଷା କରିବା ପାଇଁ ମନସା ଦେବୀଙ୍କ ନିଷ୍ଠା ଓ ଶ୍ରଦ୍ଧାରେ ପୂଜା ବିଧାନର ଦିବସ ହେଉଛି ମନସା ପଂଚମୀ । ମନସା ପଂଚମୀରେ ସର୍ପଦେବୀ ମନସାଙ୍କ ପୂଜା ବିଧି ପୂରା କାଳରୁ ଭାରତ ବର୍ଷରେ ପ୍ରଚଳିତ । ସର୍ପାଘାତରୁ ରକ୍ଷା ପାଇବା ଲାଗି ଶ୍ରାବଣ ମାସର କୃଷ୍ଣପଂଚମୀ ତିଥିରେ ଅନୁଷ୍ଠିତ ହୁଏ ସର୍ପଦେବୀ ମନସାଙ୍କ ପୂଜା । ପ୍ରଭାବଶାଳୀ ଦେବୀ ମନସା-ପୂଜାର ପୃଷ୍ଠଭୂମି ଓ ପରମ୍ପରା ମୂଳରେ ରହିଛି ସର୍ପପୂଜା ।

ଓଡ଼ିଶାର କେତେକ ସ୍ଥାନରେ ସର୍ପଦେବୀ ଜାଗୁଳାଇଙ୍କ ପୂଜା ଅନୁଷ୍ଠିତ ହୁଏ ମନସା ପଂଚମୀରେ । ତିନି ଆଖି ବିଶିଷ୍ଟ ଓ ମୁଣ୍ଡରେ ଫଣା ଥିବା ଏକ ମାଟି ପ୍ରତିମାକୁ ସୁସଜ୍ଜିତ ଟୋକେଇରେ ସ୍ଥାପନ କରି ଗ୍ରାମର ବାରିକ ଘରମାନଙ୍କୁ ଯାଇଥାଏ । ଗୃହିଣୀମାନେ ପିଠାପଣା ଆଦି ପୂଜା କରିଥାନ୍ତି । ବୌଦ୍ଧମାନଙ୍କ ମତରେ ଏହି ଜାଗୁଳାଇ ହେଉଛନ୍ତି ବୌଦ୍ଧମାନଙ୍କ ସର୍ପଦେବୀ ଜାଙ୍ଗୁଳୀ । ଓଡ଼ିଶାର କେତେକ ସ୍ଥାନରେ ନାଗ ଗ୍ରାମ ଦେବତା ରୂପେ ପୂଜିତ ହୋଇଥାନ୍ତି ।

ମନସା ପୂଜାର ଉତ୍ପତି ଓ ପ୍ରସାର ସମ୍ପର୍କରେ ବିଭିନ୍ନ ପ୍ରକାର ପୌରାଣିକ କାହାଣୀ ଓ ବିଶ୍ୱାସ ପ୍ରଚଳିତ ଅଛି । ଓଡ଼ିଶାରେ ପ୍ରଚଳିତ ଏକ କାହାଣୀ ଅନୁଯାୟୀ ଜନୈକ ସାଧବାଣୀ ନାଗମାତାଙ୍କ ବିରାଗଭାଜନ ହେବାରୁ ସର୍ପାଘାତରେ ତାଙ୍କର ଛଅ ପୁତ୍ର ମୃତ୍ୟୁବରଣ କଲେ । ମାତ୍ର ସପ୍ତମ ପୁତ୍ର ଶ୍ରଦ୍ଧା ଓ ନିଷ୍ଠାର ସହ ନାଗଲ ଚତୁର୍ଥୀ ଓଷା ପାଳନ କରିବାରୁ ନାଗମାତାଙ୍କ କୃପାରୁ ସବୁ ପୁଅମାନେ ପୁନର୍ଜୀବନ ଲାଭ କଲେ । ଓଡ଼ିଶାରେ ମନସା ପୂଜା, ସର୍ପ ପୂଜା ଓ ସର୍ପ ପୂଜା ସମ୍ବନ୍ଧୀୟ ଓଷାବ୍ରତ, ପରମ୍ପରା ଆଦି ଅନୁଧ୍ୟାନ କଲେ ଏଠାରେ ପ୍ରାକ୍-ବୈଦିକ ସଂସ୍କୃତି ଓ ସଂସ୍କାରର ବହୁ ଛାପ ଏବେ ବି ବିଦ୍ୟମାନ ।

ଈଶ୍ୱର ଏକ

॥ ବିଭୁତି ଭୂଷଣ ସାହୁ ॥

ଈଶ୍ୱର ହେଉଛନ୍ତି ସମସ୍ତ ଯୋଗ ସାଧନାର ଅନ୍ତିମ ଲକ୍ଷ୍ୟ । ସେ ହେଉଛନ୍ତି ଏକମାତ୍ର କେନ୍ଦ୍ର, ଯେଉଁଠାକୁ ଯିବାକୁ ସମସ୍ତେ ଚେଷ୍ଟିତ । ସେ ହିଁ ଜଗତର ପରମକାରଣ ଓ ପରମ କଲ୍ୟାଣ । ଆପଣ କ୍ଷୁଧା ଅନୁଭବ କରନ୍ତି; କ୍ଷୁଧା ନିବାରଣ ପାଇଁ ଖାଦ୍ୟ ରହିଛି । ଆପଣ ତୃଷା ଅନୁଭବ କରନ୍ତି, ତୃଷା ନିବାରଣ ପାଇଁ ଜଳ ରହିଛି । କ୍ଷୁଧାତୃଷାର ଆବେଗ ପରି ସର୍ବଦା ଆନନ୍ଦିତ ହୋଇ ରହିବାର ଏକ ତୃଷା ମଧ୍ୟ ରହିଛି । ସେହି ତୃଷାର ତୃପ୍ତି ବିଧାନ ଲାଗି କିଛି ରହିଥିବା ଆବଶ୍ୟକ । ସେହି କିଛିଟା ହେଉଛନ୍ତି ଈଶ୍ୱର, ଯେ କି ଆନନ୍ଦର ପ୍ରତିମୂର୍ତ୍ତି । ଈଶ୍ୱର, ଅମୃତତ୍ୱ ମୁକ୍ତି, ପୂର୍ଣ୍ଣତା, ଶାନ୍ତି, ଆନନ୍ଦ ପ୍ରେମ ଆଦି ଶବ୍ଦ ଗୁଡ଼ିକ ହେଉଛି ସମାର୍ଥକ ଶବ୍ଦ । ଦୁଇ ଭିନ୍ନ ସଂପ୍ରଦାୟର ଦୁଇଜଣ ସନ୍ଥଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ଥିଲା । ସେମାନେ ନିଜ ନିଜର ଧର୍ମ ସଂସ୍କୃତି ପରମ୍ପରା ସମ୍ପର୍କରେ ଆଲୋଚନା କରୁଥିଲେ । କେହି, କାହାରି ଧର୍ମକୁ ଆକ୍ଷେପ କରୁନଥିଲେ କିମ୍ବା ଦୁହିଁଙ୍କ ମଧ୍ୟରେ କଥା କଟାକଟି ହେଉ ନଥିଲା । ଏହା ଦେଖି ଜଣେ ବ୍ୟକ୍ତି ବିସ୍ମିତ ହେଲେ । ସେ ଦୁଇ ସନ୍ଥଙ୍କ ମଧ୍ୟରେ ଧର୍ମ ଆଲୋଚନା ଶୁଣିଲେ । ଦୁଇ ଜଣ ସନ୍ଥ ଭିନ୍ନ ଧର୍ମାବଲମ୍ବୀ ହୋଇ ମଧ୍ୟ କି ଭଳି ଏତେ ସୁନ୍ଦର ଭାବେ ନିଜ ନିଜର ଧର୍ମ ଆଲୋଚନା କରୁଛନ୍ତି, ପରସ୍ପରକୁ ଗ୍ରହଣ କରୁଛନ୍ତି, ତାହା ତାଙ୍କୁ ବିସ୍ମିତ କଲା । ସେ ଏହାର କାରଣ ଜାଣିବାକୁ ଚାହିଁଲେ । ଜଣେ ସନ୍ଥ ବୁଝାଇଦେଲେ ମୁନିବ ପାଖରେ ବଢୁଥିବା କୁକୁର କଥା ଚିନ୍ତା କର । ମୁନିବ ଯେକୌଣସି ପୋଷାକ ପିନ୍ଧିଥିଲେ ମଧ୍ୟ କୁକୁର, ମୁନିବକୁ ସହଜରେ ଚିହ୍ନିପାରେ । ଠିକ୍ ସେମିତି ଆମମାନଙ୍କର ମୁନିବ ବା ପ୍ରଭୁଙ୍କର ରୂପ ଭିନ୍ନ ହୋଇପାରେ, କିନ୍ତୁ ତାଙ୍କୁ ଚିହ୍ନିବାରେ ଭୁଲ ହେବ କାହିଁକି? କୁକୁର ନିଜ ମୁନିବର ଉପସ୍ଥିତିକୁ ଯେ କୌଣସି ପରିସ୍ଥିତିରେ ସହଜରେ ଅନୁଭବ କଲା ଭଳି, ଆମେ ମଧ୍ୟ ଈଶ୍ୱରଙ୍କ ସତାକୁ ଅନୁଭବ କର । ରୂପ ଭିନ୍ନ ଭିନ୍ନ ହୋଇପାରେ, କିନ୍ତୁ ଈଶ୍ୱର ଏକ ଓ ଅଭିନ୍ନ । ଈଶ୍ୱର ହିଁ ଆମ୍ଭ ମାନଙ୍କର ଇନ୍ଦ୍ରିୟଗଣଙ୍କୁ ଶକ୍ତି, ମନକୁ ଜ୍ଞାନ, ବୁଦ୍ଧିକୁ ଅନ୍ତର୍ଦୃଷ୍ଟି ଏବଂ ଅବୟବମାନଙ୍କୁ ବଳ ପ୍ରଦାନ କରନ୍ତି; ଆମର ଜନ୍ମ ଓ ମୃତ୍ୟୁ ଏକମାତ୍ର ତାଙ୍କରି ଇଚ୍ଛାରେ ସଂଘଟିତ ହୁଏ । କିନ୍ତୁ ମନୁଷ୍ୟ ଅଯଥାରେ ନିଜକୁ କର୍ତା ଓ ଭୋକ୍ତା ବୋଲି କଳ୍ପନା କରେ । ସେହି ସର୍ବଶକ୍ତିମାନ, ବିଶ୍ୱନିୟନ୍ତା ପରମେଶ୍ୱରଙ୍କ ସମ୍ମୁଖରେ ମନୁଷ୍ୟର ସତା ବୋଲି କିଛି ହିଁ ନାହିଁ । ଭଗବତ୍ ଇଚ୍ଛା ହିଁ ସର୍ବତ୍ର ବିଧିରୂପରେ ପ୍ରକାଶିତ ହୋଇଥାଏ । ମାଧ୍ୟାକର୍ଷଣ, ସଂଶକ୍ତି, ଆପେକ୍ଷିକତା ଓ କାର୍ଯ୍ୟ - କାରଣ - ବିଧି ଏବଂ ବିଦ୍ୟୁତ ବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ ତଥା ମନସ୍ତତ୍ୱ ବିଜ୍ଞାନର ସମସ୍ତ ନିୟମ ଭଗବତ୍ ଇଚ୍ଛାର ପରିପ୍ରକାଶ ମାତ୍ର ।

ନପଙ୍ଗ, ଛଟୁଆ, ଟାଙ୍ଗୀ, କଟକ, ମୋ : ୯୩୩୮୧୧୧୩୫୫

[illegible] ମାର୍ଗ, କଟକ, ଦୂରଭାଷ : ୯୪୩୭୦୨୧୨୧୫

ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଲା କଳିଙ୍ଗ ସାମ୍ବାଦିକ ସଂଘ

ଗୁଣପୁର, ୦୨/୧୦ (ଆ.ପ୍ର) : ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଗୁଣପୁର କଳିଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ଏକ ସ୍ମୃତି ସଭା ଆୟୋଜିତ ହୋଇଯାଇଛି । ସଂଘର ଅସ୍ଥାୟୀ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ ସଂଘର ଆବାହକ ଶକ୍ତି ଦାଶ ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ଅତିଥି ଓ ସଂଘର ସଦସ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଧୂପ ପ୍ରଜ୍ୱଳନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସଭାରେ ମୁଖ୍ୟ ଅତିଥି ଭାବେ ଗୁଣପୁର ଉପଖଣ୍ଡ ଲୋକସମ୍ପର୍କ ଓ ସୂଚନା ଅଧିକାରୀ ଧନଞ୍ଜୟ ବେହେରା ଯୋଗଦେଇ ଗାନ୍ଧିଜୀଙ୍କ ସତ୍ୟ, ଅହିଂସା ଓ ମାନବିକତାର ଆଦର୍ଶ ତଥା ଦେଶର ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଅନନ୍ତ ପାତ୍ର ଶାସ୍ତ୍ରୀଜୀଙ୍କ ସରଳ ଜୀବନ, ଦେଶପ୍ରେମ ଏବଂ 'ଜୟ ଯବାନ, ଜୟ କିଷାନ'ର ମହତ୍ତ୍ୱ ଉପରେ ମତବ୍ୟକ୍ତ କରିଥିଲେ । ଉଭୟ ମହାପୁରୁଷଙ୍କ ଆଦର୍ଶକୁ ନିଜ ଜୀବନରେ ଅନୁସରଣ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ସଂଘର ଉପସଭାପତି ଇପିଲି ଶାବଦିଶ୍, ସଂଗଠନ ସମ୍ପାଦକ କିରଣ ପାଣିଗ୍ରାହୀଙ୍କ ସମେତ ସୂର୍ଯ୍ୟ ପ୍ରକାଶ ପଟ୍ଟନାୟକ, ହରିହର ଶତପଥୀ, ରଞ୍ଜିତ କୁମାର ସାହୁ ଓ ସୁନୀଲ କୁମାର ସାବତ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ ।

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ବାଲିଗୁଡ଼ା, ୦୨/୧୦ (ଆ.ପ୍ର) : ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ବାଲିଗୁଡ଼ାରେ ଶ୍ରଦ୍ଧା ଓ ସମ୍ମାନର ସହ ପାଳିତ ହୋଇଛି । ଏହି ଅବସରରେ ପିଡବ୍ଲୁଡି ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଓ ଶାସ୍ତ୍ରୀଙ୍କ ଫୋଟୋ ଚିତ୍ରରେ ଅତିଥି ଓ ଉପସ୍ଥିତ ବ୍ୟକ୍ତିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମରେ ପିଏ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳାଇ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିବଶଙ୍କର ସମରଥ, ତୀର୍ଥବାସୀ ଘଡ଼ାଇ, ଅଭିମନ୍ୟୁ ପ୍ରଧାନ, ସୁରେନ୍ଦ୍ର କୁମାର ପାତ୍ରଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ବେଶଭୂଷାରେ ସଜ୍ଜିତ ହୋଇ ସହର ପରିକ୍ରମା କରିଥିଲେ ।

ବିଭିନ୍ନ ସ୍ଲୋଗାନ ଦେଇ ଛାତ୍ରଛାତ୍ରୀଙ୍କ ଶୋଭାଯାତ୍ରା ସମଗ୍ର ସହର ପରିକ୍ରମା କରିବା ସହ ଗାନ୍ଧୀଙ୍କ ଅହିଂସା, ସତ୍ୟ ଓ ସ୍ୱଚ୍ଛତାର ବାର୍ତ୍ତା ଏବଂ ଶାସ୍ତ୍ରୀଙ୍କ ଦେଶପ୍ରେମ ଓ ଶୃଙ୍ଖଳାର ଆଦର୍ଶକୁ ମନେ ପକାଇଥିଲା । ଛାତ୍ରଛାତ୍ରୀଙ୍କ ଏହି ଶୋଭାଯାତ୍ରା ସହରବାସୀଙ୍କ ମଧ୍ୟରେ ଦେଶପ୍ରେମ ଓ ଗାନ୍ଧୀ-ଶାସ୍ତ୍ରୀଙ୍କ ଆଦର୍ଶ ପ୍ରତି ସଚେତନତା ସୃଷ୍ଟି କରିଥିଲା ।

ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ

ପାରଳାଖେମୁଣ୍ଡି, ୦୨/୧୦ (ଆ.ପ୍ର) : ଟିଡ ଏଣ୍ଡ ଏସ୍ଇଆରଟି, ଓଡ଼ିଶା, ଭୁବନେଶ୍ୱରଙ୍କ ପ୍ରାୟୋଜନାରେ ଏବଂ ଗଜପତି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ୨୦୨୬ ମସିହାର ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ପିଏମଶ୍ରୀ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ବ୍ଲକରୁ ଚୟନିତ ଶ୍ରେଷ୍ଠ ୯ଟି ବିଜ୍ଞାନ ନାଟକ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଜ୍ଞାନ, ପରିବେଶ, ପ୍ରଯୁକ୍ତି ଓ ସାମାଜିକ ସଚେତନତା ସମ୍ପର୍କିତ ବିଭିନ୍ନ ବିଷୟକୁ ନାଟକ ମାଧ୍ୟମରେ ଉପସ୍ଥାପନ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ, ଗଜପତି ଡ଼ଃ ମାୟାଧର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା, ବୈଜ୍ଞାନିକ ଚିନ୍ତନ ଓ ଅଭିନୟ ପ୍ରତିଭାକୁ ପ୍ରଶଂସା କରିଥିଲେ । ପ୍ରତିଯୋଗିତାର ବିଚାରକ ଭାବେ ଶୁଭାଂଶୁ ଶେଖର ପଟ୍ଟନାୟକ, ମନୋଜ ପାତ୍ର, ପୂର୍ବତନ ଡି ଏସ ଏସ , ଗଜପତି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସାତ୍ତ୍ୱିକ କୁମାର ପଟ୍ଟନାୟକ ଯୋଗଦେଇଥିଲେ । ପ୍ରତିଯୋଗିତାରେ ପିଏମଶ୍ରୀ କେଏମ୍ ଭାଲିଆସାହି ଉଚ୍ଚ ବିଦ୍ୟାଳୟ 'ଏ ଆଇ' ବିଷୟବସ୍ତୁ ଉପରେ ଆଧାରିତ ନାଟକ ପରିବେଷଣ କରି ଶ୍ରେଷ୍ଠ ନାଟକ ଦଳ ଭାବେ ଚୟନିତ ହୋଇଛି । ଏହି ନାଟକର ନିର୍ଦ୍ଦେଶନା ପାଇଁ ମଧ୍ୟ ଶ୍ରେଷ୍ଠ ନିର୍ଦ୍ଦେଶକ ସମ୍ମାନ ପାଇଛନ୍ତି କେ.ଏମ୍. ଭାଲିଆସାହି ଦଳର ନିର୍ଦ୍ଦେଶକ । ଶ୍ରେଷ୍ଠ ଅଭିନେତା ଭାବେ ପିଏମଶ୍ରୀ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ବି. ତେଜା ବାବୁ 'ବିପନ୍ନ ସମୁଦ୍ର'ର ଭୂମିକାରେ ଅଭିନୟ କରି ପୁରସ୍କୃତ ହୋଇଛନ୍ତି । ଶ୍ରେଷ୍ଠ ନାଟ୍ୟକାର ଭାବେ ପିଏମଶ୍ରୀ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ସୁଲତା ପ୍ରିୟଦର୍ଶିନୀ 'ନୀଳ ସ୍ୱପ୍ନ' ନାମକ ସମୁଦ୍ର ଓ ପ୍ଲାଷ୍ଟିକ ପ୍ରଦୂଷଣ ଆଧାରିତ ବିଜ୍ଞାନ ନାଟକ ପାଇଁ ଶ୍ରେଷ୍ଠ ନାଟ୍ୟକାର ଭାବେ ଚୟନିତ ହୋଇଛନ୍ତି । ସେହିପରି ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପିଏମଶ୍ରୀ ମହାରାଜା ବାଳିକା ଉଚ୍ଚ ବିଦ୍ୟାଳୟର ସଂଚିତା ସାହୁ ଚୟନିତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମକୁ ପିଏମଶ୍ରୀ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସମନ୍ୱିତ ଭାବେ ପରିଚାଳନା କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମୋନାଲିସା ଦାଶ, ବରିଷ୍ଠ ଶିକ୍ଷକ ଏମ୍. ସତ୍ୟନାରାୟଣ ଓ ଡି ଏସ୍ ଏସ୍ , ଗଜପତି ଶ୍ରୀ.କୃଷ୍ଣ ରାଓଙ୍କ ସହଯୋଗ ଓ ମାର୍ଗଦର୍ଶନରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା । ଜିଲ୍ଲାସ୍ତରରେ ଚୟନିତ ଶ୍ରେଷ୍ଠ ଦଳ ଏବେ କୋରାପୁଟଠାରେ ଅନୁଷ୍ଠିତ ହେବାକୁଥିବା ଜୋନାଲ୍ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଗଜପତି ଜିଲ୍ଲାକୁ ପ୍ରତିନିଧିତ୍ୱ କରିବ ।

କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' କାର୍ଯ୍ୟକ୍ରମ ଅନୁଷ୍ଠିତ

ରାୟଗଡ଼ା, ୦୨/୧୦ (ଆ.ପ୍ର) : ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ଧାମୁଣିପଙ୍କା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ 'ସୁରଭି-୨୦୨୬' କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ଆୟୋଜିତ ହୋଇଯାଇଛି । କ୍ଲଷ୍ଟର ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ସକ୍ରିୟ ଭାବେ ଯୋଗଦେଇ ନିଜର ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, କୁଇଜ୍ ଓ ବିଭିନ୍ନ ସୃଜନଶୀଳ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଛାତ୍ରଛାତ୍ରୀମାନେ ନିଜର ପ୍ରତିଭା ଓ ସୃଜନଶୀଳତାର ପରିଚୟ ଦେଇ ଉପସ୍ଥିତ ଅତିଥି, ଶିକ୍ଷକ ଓ ଅଭିଭାବକଙ୍କ ମନ ଜିଣିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା, କଳାତ୍ମକ ଦକ୍ଷତା ଓ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସଫଳ ଆୟୋଜନରେ କ୍ଲଷ୍ଟରର ଉଚ୍ଚତର ଅଭିବୃଦ୍ଧି ସାମନ୍ତରା, ମୁଖ୍ୟ ଅତିଥି ସନ୍ତୋଷ କୁମାର ବହ୍ମା ଉପ ସଭାପତି ଜିଲ୍ଲା କଳା ଓ ସଂସ୍କୃତି ସଂଘ ରାୟଗଡ଼ା, ସଭାପତି ମୋନାଲ୍ କୁମାର ସେଠି, ସମ୍ମାନିତ ଅତିଥି ବୃନ୍ଦାବନ ନାୟକ, ଶିବରାମ କାଡ୍ରାକା, ସଂଶ୍ଳିଷ୍ଟ ନୀଳକଣ୍ଠ ଏବଂ ସମସ୍ତ ପ୍ରଧାନଶିକ୍ଷକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ସମସ୍ତ ବିଦ୍ୟାଳୟର କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ । ଆଜିର କାର୍ଯ୍ୟକ୍ରମକୁ ନିତ୍ୟାନନ୍ଦ ପାଡ଼ୀ ମଂଚ ପରିଚାଳନା କରିଥିଲେ । ସମସ୍ତ ଶିକ୍ଷକମାନଙ୍କ ମିଳିତ ପ୍ରୟାସ ଓ ଛାତ୍ରଛାତ୍ରୀଙ୍କ ଉତ୍ସାହ ଯୋଗୁଁ ସମଗ୍ର କାର୍ଯ୍ୟକ୍ରମ ଏକ ସୁନ୍ଦର ଶିକ୍ଷଣୀୟ ଓ ସାଂସ୍କୃତିକ ପରିବେଶ ସୃଷ୍ଟି କରିଥିଲା ।

କବି ଗୋଦାବରୀଶ ମହାପାତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଚିଲିକା/ ବାଣପୁର, ୦୨/୧୦ (ଆ.ପ୍ର) : ଉଠ କଙ୍କାଳ ଉଦବୋଧନମ କବିତା ର ଅଗ୍ନିବର୍ଷୀ କବି ଗୋଦାବରୀଶ ମହାପାତ୍ରଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ କବିଙ୍କ ଜନ୍ମସ୍ଥାନ ବାଣପୁର ସ୍ଥିତ କୁମାରାଙ୍ଗ ଶାସନ ଗ୍ରାମରେ ଓଡିଶା ସାହିତ୍ୟ ଏକାଡେମୀ, ଚିଲିକା ସାହିତ୍ୟ ସମାଜ, ବାଣପୁର -ଚିଲିକା, କୁମାର ପାଠାଗାର, କୁମାରାଙ୍ଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ସାରସ୍ୱତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଶିଶୁଲେଖା ସାହିତ୍ୟ ପତ୍ରିକାର ସମ୍ପାଦକ ପ୍ରଫେସର ଶଶାଙ୍କ ଶେଖର ବୁଟାମଣି, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ନାରାୟଣ ପଣ୍ଡା, ବିଶିଷ୍ଟ ନାଟକକାର ବିଜୟ ଦାସ,ସମ୍ମାନିତ ଅତିଥି ଭାବେ କୁମାର ପାଠାଗାରର ସଭାପତି କର୍ଣ୍ଣେଲ ଶ୍ରୀକାନ୍ତ ମହାପାତ୍ର, ପ୍ରମୁଖ ଯୋଗଦେଇ ଗୋଦାବରୀଶଙ୍କ ନିର୍ଭୀକ ସାମ୍ବାଦିକତା, ବଳିଷ୍ଠ କବିତା, ବ୍ୟଙ୍ଗ ରଚନା, ଗଳ୍ପ, ଉପନ୍ୟାସ ଆଦି ଓଡ଼ିଆ ସାରସ୍ୱତ ଜଗତକୁ ସମୃଦ୍ଧ କରିଛି ବୋଲି ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ଚିଲିକା ସାହିତ୍ୟ ସମାଜର ସଭାପତି କବି ବାଳମୁକୁନ୍ଦ ଦାସ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସାହିତ୍ୟ ଏକାଡେମୀର ଉପ ସଚିବ ସଞ୍ଜୟ କୁମାର ଛୁଆଳସିଂହ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । କବିଙ୍କ ଫୋଟୋ ଚିତ୍ର ରେ ଅତିଥି ମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ ଅବସରରେ ବେଦ ପାଠ କରିଥିଲେ ଅଧ୍ୟାପିକା ସସ୍ମିତା ପାଣିଗ୍ରାହୀ । ସଭା ପୂର୍ବରୁ ଚିଲିକା ସାହିତ୍ୟ ସମାଜର କବି ଗଣ ସ୍ୱରଚିତ କବିତା ପାଠ କରିଥିଲେ । ନାଟ୍ୟକାର ଭିକାରୀ ଚରଣ ପ୍ରଧାନଙ୍କ ରଚିତ କବିଙ୍କ ଜୀବନ ଆଧାରିତ ନାଟକ ନିର୍ଯ୍ୟାଂ ଖୁଂଟା ଗୋଦାବରୀଶର ଗୋଟିଏ ଦୃଶ୍ୟ ପଠନ କରାଯାଇଥିଲା ।

ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳିତ

ପୁରୀ, ୦୨/୧୦ (ଆ.ପ୍ର) : ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନୀ, ଆଦର୍ଶ ଚିର ଅମର । ସେମାନଙ୍କ ବିଚାର ଧାରା ସମଗ୍ର ପୃଥିବୀକୁ ସବୁ ସମୟରେ ମାର୍ଗଦର୍ଶନ ଦେଇ ଚାଲିଥିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା । ଶୁକ୍ରବାର ପୂର୍ବାହ୍ନରେ ସଦରାଚନା ସଭାଗୃହ ଠାରେ ପୁରୀ ଜିଲ୍ଲା ସ୍ତରୀୟ ଗାନ୍ଧିଜୀଙ୍କ ୧୫୭ ତମ ଓ ଶାସ୍ତ୍ରୀଜୀଙ୍କ ୧୨୨ ତମ ଜୟନ୍ତୀ ପାଳିତ ହୋଇଥିଲା । ଅତିଥି ମାନେ ଦୁଇ ମହାପୁରୁଷଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଜିର ଦିନରେ ଜନ୍ମ ହୋଇ ଥିବା ଦୁଇ ମହାପୁରୁଷଙ୍କ ଜୀବନୀ ଆମକୁ ସତ୍ୟ, ନ୍ୟାୟ ଓ ଅହିଂସା ପଥରେ ଯିବାର ପ୍ରେରଣା ଦେଉଛି । ଦର୍ଶ ବିଶେଷଜ୍ଞ ଦୂର ସହ ବିଭିନ୍ନ ପ୍ରକାର ଆନ୍ଦୋଳନ ମାଧ୍ୟମରେ ଏକ ଦୃଢ ଓ ପ୍ରଗତିଶୀଳ ସମାଜ ଗଠନରେ ସେମାନଙ୍କ ଅବଦାନ ଅବିସ୍ମରଣୀୟ । ପ୍ରତ୍ୟେକଙ୍କ ମଧ୍ୟରେ ପ୍ରତିଭା ରହିଛି । ଏହାର ବିକାଶ ତାଙ୍କୁ ଶ୍ରେଷ୍ଠ କରିଥାଏ । ଗାନ୍ଧୀଙ୍କ ସ୍ୱଦେଶୀ ଅଭିଯାନ ଏବେବି ସମସ୍ତଙ୍କୁ ପ୍ରଭାବିତ କରିଛି । ସମଗ୍ର ବିଶ୍ୱ ଗାନ୍ଧିଜୀଙ୍କ ଅହିଂସା ମନ୍ତ୍ରକୁ ଗ୍ରହଣ କରିପାରିଲେ ଏହା ବିଶ୍ୱ ଶାନ୍ତିରେ ସହାୟକ ହୋଇ ପାରିବ ବୋଲି ସେ କହିଥିଲେ । ଏଥିରେ ଯୋଗ ଦେଇ ଉପ ଜିଲ୍ଲାପାଳ ରାଜ କିଶୋର ଜେନା ଓ ସର୍ବୋଦୟ ମେଳା ସମିତିର ସଭାପତି ଉମା ବଲ୍ଲଭ ମହାପାତ୍ର ଉଭୟ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନକୁ ଅନୁଧ୍ୟାନ କଲେ ସଭିଏଁ ଜୀବନ ହିଁ ସଫଳ ଜୀବନ ବୋଲି ସମସ୍ତେ ଜାଣି ପାରନ୍ତି । ସତ୍ୟ, ଅହିଂସା, ପ୍ରତିବଦ୍ଧତା ଓ ସ୍ୱାଭିମାନର ପ୍ରତୀକ ଏହି ମହାମାନବ ଆମ ରାଷ୍ଟ୍ରର ଗର୍ବ ଓ ଗୌରବ । ବିଶ୍ୱ ଧରା ଯାର୍ଦ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଆଦର୍ଶ ଓ ବିଚାରଧାରା ସମଗ୍ର ମାନବ ଜାତିକୁ ଆଲୋକିତ କରି ଚାଲିଥିବ ବୋଲି ସେମାନେ କହିଥିଲେ । ସମାଜସେବୀ ତଥା ଗାନ୍ଧୀବାଦୀ ଗୌରାଙ୍ଗ ଚରଣ ପରିଡା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନୀ ଉପରେ ବିସ୍ତୃତ ଆଲୋଚନା କରିବା ସହ ଆମ ପ୍ରତ୍ୟେକଙ୍କ ମଧ୍ୟରେ ଉଭୟ ମହାପୁରୁଷଙ୍କ ବିଚାରଧାରା ରହିଛି । ଏହାକୁ ଜାଗ୍ରତ କରି ବିଶ୍ୱକୁ ମଙ୍ଗଳମୟ କରିବାକୁ ଆହ୍ୱାନ ଦେଇଥିଲେ । ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ପ୍ରତିଜ୍ଞା କରି ଦୁଇ ମହାପୁରୁଷଙ୍କ ଆମ ସମସ୍ତଙ୍କ ପ୍ରେରଣାର ଉତ୍ସ ବୋଲି କହିଥିଲେ । ପରେ ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ସର୍ବୋଦୟ ମେଳା ସମିତିର ସମ୍ପାଦକ ଶିବ ପ୍ରସାଦ ମିଶ୍ର ସର୍ବଧର୍ମ ପ୍ରାର୍ଥନା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀ,ବରିଷ୍ଠ ନାଗରିକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ପ୍ରତ୍ୟୁଷ ୪.୩୦ ରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହର ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯାଇଥିଲା । ସକାଳ ୭. ୩୦ ଘଟିକା ରେ ଗାନ୍ଧୀଘାଟ ଠାରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥି ମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା ।

ସଫେଇ କର୍ମଚାରୀଙ୍କୁ ସମ୍ମାନିତ କଲେ ମନ୍ତ୍ରୀ ବିଭୂତି ଜେନା

କୁକୁଡ଼ାଖଣ୍ଡି, ୦୨/୧୦ (ଆ.ପ୍ର) : କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲୋଚାପଡା ପଂଚାୟତ ଗସ୍ତରେ ରାଜ୍ୟ ସରକାରଙ୍କ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଜେନା ସକାଳ ସାଢ଼େ ୯ଟା ସମୟରେ ଆସି ପହଂଚି ଥିଲେ । ଅକ୍ଟୋବର ମାସ ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ଥାନୀୟ କାଳୀ ମନ୍ଦିର ପାର୍ଶ୍ୱ ପଡ଼ିଆରେ ଦୀର୍ଘଦିନ ଧରି ପଡ଼ି ରହିଥିବା ବୁଦ୍ଧ ବୁଦ୍ଧ ଅଳିଆ ଆବର୍ଜନା ସଫା କରାଯାଇ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ଥିଲା । ଲୋଚାପଡା ସରପଂଚ ଏଲ ମୋହନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଜିଲ୍ଲା ବିଜେପି ସଭାପତି ସରୋଜ ସାବତଙ୍କ ସମେତ ସ୍ଥାନୀୟ ଅଂଚଳର ବହୁ ସଦସ୍ୟ ବୃନ୍ଦ ଉପସ୍ଥିତ ରହିଥିଲେ । ମନ୍ତ୍ରୀ ନିଜେ ଝାଡୁ ଧରି ଅଳିଆ ଆବର୍ଜନା ଉଠାଇ ସ୍ୱଚ୍ଛଭାରତର ନାରା ଦେଇଥିଲେ । ପରେ ମନ୍ତ୍ରୀ ଶ୍ରୀ ଜେନା ଲୋଚାପଡା ପଂଚାୟତର କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ଉତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମଣ୍ଡଳ କୁକୁଡ଼ାଖଣ୍ଡି ବ୍ଲକ ପ୍ରତିନିଧି ସୂର୍ଯ୍ୟମଣି ପାତ୍ର, ସମିତିସଭ୍ୟ ଚଣ୍ଡୀଚରଣ ସାହୁ, ଗଣେଶ ବେହେରା, ଚିନ୍ମୟାନନ୍ଦ ଦାଷ, ଜିଲ୍ଲା ଅନୁସୂଚିତ ଜାତି ଉପସଭାପତି ସୁଶାନ୍ତ ଦାସ, ରବୀନ୍ଦ୍ର କୁମାର ସାହୁ, ଗୋପାଳ ସାହୁ, ସୁମନ ସାବତ, ସାହେବ ସେଠି, ପଂଚାୟତ ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ବେହେରା ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଚଳନା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ସିନାପାଲି, ୦୨/୧୦ (ଆ.ପ୍ର) : ସିନାପାଲି ବ୍ଲକ ଅନ୍ତର୍ଗତ ଚଳନା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଇଛି । ଏନେଇ ଅନୁଷ୍ଠିତ ଜୟନ୍ତୀ ସଭାରେ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀ ଓ ଶାନ୍ତିଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋ ଚିତ୍ରରେ ପ୍ରଥମେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହା ପରେ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଯୋଶୀ, ଶିକ୍ଷକ ବୈଷ୍ଣବ ମେହେର ଓ ଶିକ୍ଷୟିତ୍ରୀ ସୁମିତ୍ରା ମେହେର ଉଭୟ ମହାପୁରୁଷଙ୍କ ଜୀବନୀ ଓ ଅନେକ ଅଜଣା ଘଟଣା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇ ମାର୍ଗଦର୍ଶନ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରୁ କୁଶଧର ବାଗ, ନିରୁପମା ମଣ୍ଡା, ସମୀର ନନ୍ଦିଆ, ଆରୋହୀ ନିଆଲ, ସଂଘମିତ୍ରା ନାୟକ, ଇତିଶ୍ରୀ ପୁଟାଣି, ପ୍ରିନ୍ସ ବିଶି, ସୌମ୍ୟରଞ୍ଜନ ନାୟକ, ପ୍ରତିଭା ମଣ୍ଡା, ଟିମା ମଣ୍ଡା(ଏ), ଟିମା ମଣ୍ଡା (ବି), ସୁରଭି ନିଆଲ ପ୍ରମୁଖ ବକ୍ତବ୍ୟ ଦେବା ସହ ଦେଶାତ୍ମବୋଧକ ଗୀତ ଗାନ କରିଥିଲେ । ଏ ସଭାରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

ଶିକରପାଇ ବିଦ୍ୟାଳୟରେ ସାମର୍ଥ ଶିବିର ଅନୁଷ୍ଠିତ

କଲ୍ୟାଣସିଂହପୁର, ୦୨/୧୦ (ଆ.ପ୍ର) : ରାୟଗଡା ଜିଲ୍ଲା କଲ୍ୟାଣ ସିଂହପୁର ବ୍ଲକ ଶିକରପାଇ ପଂଚାୟତ ସଦରରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଇକୋ କ୍ଲବ ତରଫରୁ ସାମର୍ଥ ଶିବିର ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ପକ୍ଷରୁ ପ୍ରଥମେ ଜାତୀୟପିତା ମହାତ୍ମାଗାନ୍ଧି ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ କରିବା ପରେ ଉକ୍ତ ସାମର୍ଥ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଅତିଥି ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଜଗଦଗୁରୁ ଶ୍ରୀ ଜଗନ୍ନାଥଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଅତିଥି ମାନେ ଲାଉରେ ତିଆରି କରାଯାଇଥିବା ବିଭିନ୍ନ ସାମଗ୍ରୀ ଓ ବାଉଁଶରେ ତିଆରି ଜିନିଷ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ । ଉକ୍ତ ଶିବିରରେ ଶିକରପାଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜିତ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଲାଉରେ ପ୍ରସ୍ତୁତ ଜିନିଷରେ ରାଜ୍ୟସ୍ତର ପୁରସ୍କୃତ ପ୍ରାପ୍ତ ହିମାଂଶୁ ଶେଖର ପାଣ୍ଡିଆ ରହିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ସେଠୀ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ କେ, ଟେଲାପତି, ଆଂଚଳିକ ସାଧନ ସଂଯୋଜକ ଉମାକାନ୍ତ ବେହେରା,ବରିଷ୍ଠ ବାଉଁଶ କାରିଗର ରାଜାରାଓ ବଡ଼ା, ଲକ୍ଷ୍ମୀ ବଡ଼ା, ସାମ୍ବାଦିକ ସନ୍ତୋଷୀ ସାହୁ, ମଲେଶ କୌଶଲ୍ୟା, ନରସିଂହ ନାଥ ମହାପାତ୍ର, ବିଦ୍ୟାଳୟ ର ଉପାଧ୍ୟକ୍ଷା ମାନିନି କୌଶଲ୍ୟା ସମ୍ମାନିତ ଅତିଥି ଭାବେ ମଂଚାସିନ ରହିଥିଲେ । ଶିକରପାଇ କ୍ଲଷ୍ଟର ସମସ୍ତ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ଓ ବ୍ଲକରେ ଥିବା ଉଚ୍ଚ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ପ୍ରାୟ ୫୦ଜଣ ଉପସ୍ଥିତ ରହିଥିଲେ । ଏହି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପ୍ଲାଷ୍ଟିକ ଛାଡି ବାଉଁଶ ଓ ଲାଉ ରେ କିପରି ଘରୋଇ ଉପକରଣ ତିଆରି ତାଲିମ ପ୍ରଦାନ କରାଯାଇଛି । ମାନଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା । ଅତିଥିଙ୍କ ଦ୍ୱାରା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଦେବା ସହ ତିନିଜଣ ସାମ୍ବାଦିକଙ୍କୁ ମଧ୍ୟ ପ୍ରମାଣପତ୍ର, ଉତରୀୟ ଦେଇ ସମ୍ମାନିତ କରାଯାଇଛି । କୌଶଲ୍ୟା ମଂଚ ରେ ତାପସ ପରିଚାଳନା କରିଥିବା ବେଳେ ଧନ୍ୟବାଦ ତାପସ କୁମାର ଦେହେର ପ୍ରଦାନ କରିଥିଲେ । ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛ ଭାରତ ଦିବସ ପାଳିତ

ଦଶପଲ୍ଲା, ୦୨/୧୦ (ଆ.ପ୍ର) : ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଦଶପଲ୍ଲା ବିଜ୍ଞାପିତ ଅଂଚଳ ପରିଷଦ (ଏନ୍ଏସି) ପକ୍ଷରୁ ସ୍ୱଚ୍ଛ ଭାରତ ଦିବସ-୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ୱଚ୍ଛତା ହିଁ ସୁସ୍ଥ ଜୀବନର ମୂଳମନ୍ତ୍ର ବୋଲି ବାର୍ତ୍ତା ଦେବା ସହ ସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ସଚେତନତା ସୃଷ୍ଟି କରାଯାଇଥିଲା । ଦଶପଲ୍ଲା ଏନ୍ଏସି ଅଂଚଳରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଫେଇ ଅଭିଯାନ ସହ ବିଭିନ୍ନ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା । କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିନାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଏନ୍ଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ବିଡ଼ିଓ ଶରତ କୁମାର ମଲ୍ଲିକ ଯୋଗଦେଇଥିବା ବେଳେ ସମସ୍ତ କାଉନସିଲରଙ୍କ ସହିତ ଏନ୍ଏସିର କର୍ମଚାରୀ, ସ୍ୱଚ୍ଛ ସାଥୀ, ସମସ୍ତ ପରିମଳ କର୍ମଚାରୀମାନେ ଉତ୍ସାହର ସହ ଏଥିରେ ସାମିଲ ହୋଇ ସାଧାରଣ ଲୋକଙ୍କୁ ନିଜ ଘର, ରାସ୍ତାଘାଟ ଓ ପରିବେଶକୁ ପରିଷ୍କାର ରଖିବା ପାଇଁ ସଚେତନ କରିଥିଲେ । ମହାତ୍ମା ଗାନ୍ଧୀ ସ୍ୱଚ୍ଛତାକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ଭାବେ ଗୁରୁତ୍ୱ ଦେଉଥିଲେ । ତାଙ୍କ ଆଦର୍ଶକୁ ଆଧାର କରି ସୁସ୍ଥ ସମାଜ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା । ସ୍ୱଚ୍ଛତା କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଏହାକୁ ଦୈନନ୍ଦିନ ଜୀବନର ଅଭ୍ୟାସରେ ପରିଣତ କରିବାକୁ ଆହ୍ୱାନ ଦିଆଯାଇଥିଲା । ପରିମଳ ବିଶେଷଜ୍ଞ ଦେବାଦତ୍ତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏଅବସରରେ ସ୍ୱଚ୍ଛତା ଉପରେ ଆୟୋଜନ କରାଯାଇଥିବା ପ୍ରତିଯୋଗିତା ରେ ଉତ୍ତୀର୍ଣ୍ଣ ହୋଇଥିବା କୁନିକୁନି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ସଚେତନତା ଅଭିଯାନ ଦଶପଲ୍ଲା ସହରରେ ସ୍ୱଚ୍ଛତା ପ୍ରତି ଏକ ନୂଆ ଉତ୍ସାହ ସୃଷ୍ଟି କରିଥିବା ଦେଖାଯାଇ ମିଳିଥିଲା ।

ବିଶିଷ୍ଟ ଶିକ୍ଷାବିତ୍ ଉତ୍ତମ ନାୟକଙ୍କ ପରଲୋକ

ଟାଙ୍ଗୀ-ଚୌଦ୍ୱାର, ୦୨/୧୦ (ଆ.ପ୍ର) : ଚୌଦ୍ୱାର ଅଂଚଳର ଜଣାଶୁଣା ଶିକ୍ଷାବିତ୍ ଉତ୍ତମ ନାୟକଙ୍କର ୭୯ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଏକାଧାରରେ ଜଣେ ଉଚ୍ଚକୋଟୀର ଶିକ୍ଷାବିତ୍ ସହ ହୋମିଓପାଥିକ ଡାକ୍ତର ଭାବେ ଚୌଦ୍ୱାର ଅଂଚଳରେ ବେଶ୍ ଜଣାଶୁଣା ଥିଲେ । ଚୌଦ୍ୱାର ପୌରପାଳିକା ୬ ନମ୍ବର ୱାର୍ଡ଼ ମୁକ୍ତାମାଳ ଗ୍ରାମ ବାସିନ୍ଦା ସ୍ୱର୍ଗତ ନାୟକ ବାବୁଙ୍କ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ୨୦୦୬ ମସିହାରୁ ଅବସର ନେଇ ଅଂଚଳବାସୀଙ୍କୁ ହୋମିଓପାଥିକ ସେବା ଯୋଗାଇ ଦେଉଥିଲେ । ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ଡାକ୍ତରଖାନା ନେବା ପରେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ମରଶରୀରଙ୍କୁ ଚୌଦ୍ୱାର ମୁକ୍ତାମାଳ ଗ୍ରାମରେ ପରିକ୍ରମା କରାଯିବା ପରେ ତାଙ୍କର ପୈତୃକ ସ୍ଥାନ ଜଗତସିଂହପୁର ଗ୍ରାମକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିବା ବେଳେ ମୃତ୍ୟୁବେଳକୁ ତାଙ୍କ ପୁଅ ଅର୍ଘ୍ୟପ୍ରକାଶ, ଝିଅ ଅନୁରାଧା, ବୋହୂ ପ୍ରଣତି, ନାତୁଣି ଅଙ୍କିତା ଉପସ୍ଥିତ ଥିବା ବେଳେ ବଡ଼ପୁଅ ଜ୍ୟୋତିପ୍ରକାଶ ମୁଖାଗ୍ନି ଦେଇଥିଲେ ।

ସେଇଠୁ ଆରମ୍ଭ
SEITHO ARAMBHA

କୋରାପୁଟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

କୋରାପୁଟ, ୦୨/୧୦ (ଆ.ପ୍ର) : କୋରାପୁଟ ଜିଲ୍ଲା ସଦର ମହକୁମାରେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଓ ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଶୁକ୍ରବାର ଶ୍ରଦ୍ଧା ଓ ସମ୍ମାନର ସହ ପାଳିତ ହୋଇଛି । ଏହି ଅବସରରେ ଉଭୟ ମହାନ ବ୍ୟକ୍ତିତ୍ୱଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ କୋରାପୁଟ ଡିସିସି ଅଧ୍ୟକ୍ଷ ତଥା ବିଧାୟକ ରଘୁରାମ ମାଛ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଉପଜିଲ୍ଲାପାଳ ଫାଡି ରସିଦ, ଆଇଏଏସ୍ ପ୍ରୋବେସନର ଅନୁଜ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ଏସ୍‌ଡିସି ଅଧ୍ୟକ୍ଷ ଭଗବାନ ମୁଦୁଲି, ପୌରପାଳିକା ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଓ ପଂଚାୟତ ସମିତି ଅଧ୍ୟକ୍ଷା ନମିତା ମାଝୀଙ୍କ ସମେତ ବହୁ ଅଧିକାରୀ ଓ ଜନପ୍ରତିନିଧି ଯୋଗଦେଇଥିଲେ । ସାମାଜିକ ସଦ୍‌ଭାବ ଓ ସର୍ବଧର୍ମ ସମନ୍ୱୟର ବାର୍ତ୍ତା ପ୍ରଦାନ ଉଦ୍ଦେଶ୍ୟରେ ଏହି ଅବସରରେ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ଗାୟତ୍ରୀ ପରିବାରର ସଦସ୍ୟମାନେ ପବିତ୍ର ଗୀତା ପାଠ କରିଥିବାବେଳେ ମୁସଲିମ୍ ସମ୍ପ୍ରଦାୟର ମହମ୍ମଦ ମୁଜାମିଲ ହୁସେନ ପବିତ୍ର କୁରାନ ଏବଂ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ବିରଂଚି ଖୋସଲ ବାଇବେଲ ପାଠ କରିଥିଲେ । ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଅହିଂସା ଓ ସ୍ୱଚ୍ଛତାର ଆଦର୍ଶ ଏବଂ ଲାଲବହାଦୁର ଶାସ୍ତ୍ରୀଙ୍କ ସରଳତା, ଦେଶପ୍ରେମ ଓ କର୍ତ୍ତବ୍ୟନିଷ୍ଠାକୁ ସ୍ମରଣ କରାଯାଇଥିଲା । ଉଭୟ ମହାନ ବ୍ୟକ୍ତିତ୍ୱଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରି ଶାନ୍ତି, ଏକତା, ସ୍ୱଚ୍ଛତା ଓ ଭାଇଚାରା ବଜାୟ ରଖିବାକୁ ଆହ୍ୱାନ ଦିଆଯାଇଥିଲା । କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ, ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାସ, ନିମାଇଁ ସରକାର, ଡ଼ାଇ. ସତ୍ୟନାରାୟଣ, ନଗର ସଭାପତିଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀ ଓ କର୍ମଚାରୀ, କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ଓ ସର୍ବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ସାଧାରଣ ଲୋକ ଉପସ୍ଥିତ ଥିଲେ । ପରେ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବିତର୍କ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଜିଜ୍ଞାସା ପାତ୍ର ପ୍ରଥମ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଊରୋସ୍ମିତା ସାହୁ ଦ୍ୱିତୀୟ ଏବଂ ଶ୍ରୀ ରାମକୃଷ୍ଣ ବିଦ୍ୟାମନ୍ଦିରର ଦିବ୍ୟାଂଶୀ ମହାପାତ୍ର ତୃତୀୟ ସ୍ଥାନ ହାସଲ କରିଥିଲେ । ବରିଷ୍ଠ ବର୍ଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମାଛରାର ସଭାବନୀ ମିଶ୍ର ପ୍ରଥମ, ସେଂଟସ୍ ଇଂଲିଶ୍ ମିଡିୟମ୍ ସ୍କୁଲର ମୋନାଲିସା ବାଘ ଦ୍ୱିତୀୟ ଏବଂ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅଦ୍ୟାଶା ଆଚାର୍ଯ୍ୟ ତୃତୀୟ ହୋଇଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଆଦ୍ୟାଶା ସେନାପତି ପ୍ରଥମ, ସେଂଟସ୍ ସ୍କୁଲର ଡିଏସ୍ ଆର୍ଯ୍ୟନ୍ ଦ୍ୱିତୀୟ ଏବଂ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଡି. କାର୍ତ୍ତିକ ତୃତୀୟ ସ୍ଥାନ ଅଧିକାର କରିଥିଲେ । କାର୍ଯ୍ୟକ୍ରମକୁ କୋରାପୁଟର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯଶୋଦା ଗାଦବା ପରିଚାଳନା କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଧାରାଣୀ ସରକାରଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

କଳିଙ୍ଗ ମହାବିଦ୍ୟାଳୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଜି.ଉଦୟଗିରି, ୦୨/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ସ୍ଥିତ କଳିଙ୍ଗ ମହାବିଦ୍ୟାଳୟରେ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ଆବାହନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା ଏବଂ ଏନସିସିର ମିଳିତ ଆନୁକୂଲ୍ୟରେ ଏକ ଜନସଚେତନତା ଶୋଭାଯାତ୍ରା ଓ ପରିବେଶ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରେଡକ୍ରସ୍ କାଉନସେଲର ତପନ ଚନ୍ଦ୍ର ନାୟକ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଗିରିଶ କୁମାର ମୁଠାମାଝି, କାର୍ଯ୍ୟକ୍ରମ ଅଧିକାରିଣୀ ସରିତା ମିଶ୍ର ଏବଂ ଏନସିସି କ୍ୟାଡେଟ୍ ଅଫିସର ଯାସ୍ମିନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନା କରିବା ସହ ଛାତ୍ରୀଛାତ୍ର ମାନଙ୍କୁ ସ୍ୱଚ୍ଛତା ଉପରେ ମାର୍ଗଦର୍ଶନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଗାନ୍ଧୀଜୀଙ୍କ ସ୍ୱଚ୍ଛ ଓ ସୁସ୍ଥ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ସଙ୍କଳ୍ପ ନିଆଯାଇଥିଲା । ଏହାପରେ ସମସ୍ତ ଅଧିକାରୀ, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରମାନେ ହାତରେ ସଫେଇ ସାମଗ୍ରୀ ନେଇ ମହାବିଦ୍ୟାଳୟ ପରିସର ତଥା ସ୍ଥାନୀୟ ଅଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ । ଶୋଭାଯାତ୍ରା ମାଧ୍ୟମରେ ସାଧାରଣ ଜନତାଙ୍କୁ ନିଜର ଆଖପାଖ ପରିବେଶକୁ ସ୍ୱଚ୍ଛ ରଖିବା ଏବଂ ପ୍ଲାଷ୍ଟିକ ବ୍ୟବହାର ବର୍ଜନ କରିବା ପାଇଁ ସଚେତନ କରାଯାଇଥିଲା । ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା ଓ ଏନସିସିର ସ୍ୱେଚ୍ଛାସେବୀ କ୍ୟାଡେଟ୍‌ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ସଫଳ କରିଥିଲେ ।

ଭଦ୍ରକରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ-୨୦୨୬ ପାଳିତ

ଭଦ୍ରକ, ୦୨/୧୦ (ଆ.ପ୍ର) : ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ ଅବସରରେ ଆଜି ଭଦ୍ରକ ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ-୨୦୨୬ ଶ୍ରଦ୍ଧା ଓ ଭକ୍ତିପୂର୍ଣ୍ଣ ପରିବେଶରେ ପାଳିତ ହୋଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ବକ୍ତା ଭାବେ ସମାଜସେବୀ ତଥା ସଭାପତି, ତ୍ୟାଗଭୂମି ଅଜୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ଓ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ମଂଚାସୀନ ଥିଲେ । ଆଜି ସକାଳେ ଭଦ୍ରକ ସହରସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ସର୍ବଧର୍ମ ପ୍ରାର୍ଥନା ସଭାରେ ଗୀତା ପାଠ ବିଜୟ କୁମାର ବହଳି, କୋରାନ ପାଠ ମହମ୍ମଦ ଏକ୍ରାମ ଖାଁ ଓ ଗୁରୁ ଗ୍ରନ୍ଥ ସାହେବ ପାଠ ଜଗଜିତ୍ ସିଂ କରିଥିଲେ । ଗାନ୍ଧୀ ବାଳାଶ୍ରମର ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ଏହି ଅବସରରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ ସହ ମଂଚ ପରିଚାଳନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗର କର୍ମଚାରୀ ମୀନାକ୍ଷୀ ଗରାବନ୍ଧୁ ଓ ପ୍ରଫୁଲ୍ଲ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଅତିଥିବୃନ୍ଦ ଗାନ୍ଧୀଜୀଙ୍କ ଜୀବନାଦର୍ଶ, ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଅବଦାନ ଏବଂ ସମାଜ ପାଇଁ ତାଙ୍କ ଚିରନ୍ତନ ବାର୍ତ୍ତା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ ।

ନେତାଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ପାଳିତ

ତୁମୁଡିବନ୍ଧ, ୦୨/୧୦ (ଆ.ପ୍ର) : ତୁମୁଡିବନ୍ଧସ୍ଥିତ ସ୍ଥାନୀୟ ନେତାଜୀ ସୁବାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କର ୧୫୭ ତମ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଡକ୍ଟର ସୁନୀଲ କୁମାର ପାତ୍ର ଗାନ୍ଧୀଙ୍କର ଆଦର୍ଶ, ଶୃଙ୍ଖଳା, ଦେଶପ୍ରେମ, ସମାଜ ସେବା, ସତ୍ୟ ଓ ଅହିଂସା ବିଷୟରେ ପ୍ରାଞ୍ଜଳ ଭାବରେ ଆଲୋଚନା କାରି କହିଥିଲେ ଯେ ପ୍ରିୟ ଛାତ୍ରଛାତ୍ରୀମାନେ ଆଜିର ଡିଜିଟାଲ ଯୁଗରେ ଏହି ଦର୍ଶନକୁ ଗ୍ରହଣ କଲେ ହିଁ ସେମାନେ ଭବିଷ୍ୟତରେ ଏକ ସୁନାଗରିକ ହୋଇପାରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଅର୍ଥନୀତି ଅଧ୍ୟାପିକା ଡକ୍ଟର ମଞ୍ଜୁଳା ମହାପାତ୍ର ଓ ଶିକ୍ଷା ଅଧ୍ୟାପକ ଡକ୍ଟର ସତ୍ୟ ରଞ୍ଜନ ପାଣିଗ୍ରାହୀ ଯୋଗ ଦେଇଥିଲେ । ସ୍ୱାଗତ ଭାଷଣ ଶିକ୍ଷା ଅଧ୍ୟାପକ ଉଦୟ ନାୟକ ପ୍ରଦାନ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ଏହି ଅବସରରେ ଦ୍ୱିତୀୟ ବର୍ଷର ଛାତ୍ର ସାଇରମ ନାୟକ ମଧ୍ୟ ଏକ ସୁନ୍ଦର ରୂପେ ଭାଷଣ ଦେଇଥିଲେ । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଦେଶାତ୍ମବୋଧ ସଂଗୀତ ଉପରେ ନୃତ୍ୟ, ମହାତ୍ମାଗାନ୍ଧୀ ଉପରେ ବୃକ୍ତ୍ରଂ ପ୍ରତିଯୋଗିତା କରାଯାଇଥିଲା । ଏହି ଜୟନ୍ତୀ ସଭାରେ ଅଧ୍ୟାପିକା ପଦ୍ମାବତୀ ସାହୁ, ରାଜଶ୍ରୀ ବଡସେଟ, ଚାନ୍ଦିନୀ ବଡସେଟ, ସୁନିତା ସାହୁ, ଅନାସ୍ମିତା ମହାନ୍ତି ଅଧ୍ୟାପକ ଉଦୟ ନାୟକ, କୈଳାସ ଦୀପ ତଥା ସମସ୍ତ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହିଥିଲେ । ଏହି ସଭାରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିଲେ । ସଭା ଶେଷରେ ଅର୍ଥନୀତି ଅଧ୍ୟାପିକା ପଦ୍ମାବତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ରାସନ ଚାଉଳ ନେଉଥିବା ବେଳେ ବୃଦ୍ଧଙ୍କର ମୃତ୍ୟୁ

ଖଣ୍ଡପଡ଼ା, ୦୨/୧୦ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକର ଖଜିସାହି ପଂଚାୟତ ଅଧୀନ ପୁଆଣିଆ ଗ୍ରାମର ଯୁଧିଷ୍ଠିର ବରାଡ (୬୫) ଶୁକ୍ରବାର ପୂର୍ବାହ୍ନ ୧୧ ଟା ସମୟରେ ରାସନ ଚାଉଳ ନେବା ପାଇଁ ସ୍ଥାନୀୟ ପଂଚାୟତ କାର୍ଯ୍ୟାଳୟକୁ ଆସିଥିବା ବେଳେ ସେଠାରେ ମୁଣ୍ଡ ବୁଲାଇ ହେବାରୁ ହଠାତ୍ ସେ ଚେତାଶୂନ୍ୟ ହୋଇ ତଳେ ଖସି ପଡିଥିଲେ । ସେଠାରେ ଉପସ୍ଥିତ ଥିବା ଜନସାଧାରଣ ଓ ଖଜିସାହି ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ପ୍ରଧାନ ସଙ୍ଗେ ସଙ୍ଗେ ତାଙ୍କୁ ସେଠାରୁ ଉଦ୍ଧାର କରି ଆଶୁ ଚିକିତ୍ସା ନିମନ୍ତେ ନିକଟସ୍ଥ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ଭର୍ତି କରିଥିଲେ ହେଁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ । ଏଭଳି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକପ୍ରକାଶ ପାଇଥିବା ବେଳେ ବୃଦ୍ଧ ବ୍ୟକ୍ତିଙ୍କ ଆକସ୍ମିକ ବିୟୋଗରେ ପରିବାରବର୍ଗ ଭାଙ୍ଗି ପଡିଛନ୍ତି । ତେବେ ଏହି ଘଟଣା ପରେ ମୃତ୍ୟୁ ଏମିତି ବି ଆସେ ବୋଲି ସ୍ଥାନୀୟ ଅଂଚଳରେ ଆଲୋଚନା ହେଉଛି ।

ଖଣ୍ଡପଡା ଅବକାରୀ ବିଭାଗର ଚଢଉ ବିପୁଳ ପରିମାଣର ମଦ ଓ ଫ୍ରିଜ୍ ଜବତ

ଖଣ୍ଡପଡା, ୦୨/୧୦ (ଆ.ପ୍ର) : ଖଣ୍ଡପଡ଼ା ଅବକାରୀ ବିଭାଗ କର୍ମଚାରୀମାନେ ଫତେଗଡ ଥାନା ଅଧୀନ ଝଗଡପଡା ଗ୍ରାମରେ ଅଚାନକ ଚଢାଉ କରି ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ଏହି କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ରତିକାନ୍ତ ନାୟକ(୨୭) କୁ ଗିରଫ କରିଥିବା ଜଣାଯାଇଛି । ମଦ ବେପାରୀଙ୍କ ଘରୁ ୨୪ ଲିଟର ବିଦେଶୀ ମଦ, ୧୮ ଲିଟର ବିଅର ଓ ୧୫ ଲିଟର ଦେଶୀ ମଦ ସହ ଏକ ଫ୍ରିଜର ଜବତ ହୋଇଥିବା ଜଣାଯାଇଛି । ଚଢାଉ ଅଭିଯାନରେ ଅବକାରୀ ଏସଆଇ ସତ୍ୟପ୍ରିୟ ସ୍ୱାଇଁଙ୍କ ସମେତ ପ୍ରତ୍ୟୁଷ ରଞ୍ଜନ ଦେହୁରୀ, ମିତା ନାୟକ ଓ ଲକ୍ଷ୍ମୀଧର ବେହେରା ପ୍ରମୁଖ କର୍ମଚାରୀମାନେ ସାମିଲ ହୋଇଥିଲେ । ଏ ସଂପର୍କରେ ଖଣ୍ଡପଡ଼ା ଅବକାରୀ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି ।

ଜିଲ୍ଲାସ୍ତରୀୟ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀ ଜୟନ୍ତୀ ପାଳିତ

ନବରଙ୍ଗପୁର, ୦୨/୧୦ (ଆ.ପ୍ର) : ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଲାଲ ବହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ନବରଙ୍ଗପୁର ସଦର ମହକୁମାଠାରେ ମହାଆଡମ୍ବର ସହକରେ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରାତଃକାଳୀନ ରାମଧୁନ ପରିବେଷଣ ପରେ ସହରରେ ଅବସ୍ଥିତ ଉଭୟ ମହାନ ବ୍ୟକ୍ତିତ୍ୱଙ୍କ ପ୍ରତିମୂର୍ତିରେ ଅତିଥିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହାପରେ ସ୍ଥାନୀୟ ଆର୍‌ସିଡି ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ସାଧାରଣ ସଭାରେ ଅତିଥିମାନେ ମହାତ୍ମା ଗାନ୍ଧୀ ଓ ଲାଲ ବହାଦୁର ଶାସ୍ତ୍ରୀଙ୍କ ଜୀବନ, ଆଦର୍ଶ ଓ ଦେଶପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ସତ୍ୟ, ଅହିଂସା, ସରଳତା, ଶୃଙ୍ଖଳା, ଦେଶସେବା ଓ କର୍ତ୍ତବ୍ୟନିଷ୍ଠା ଭଳି ମୂଲ୍ୟବୋଧ ଆଜିର ସମାଜ ଓ ଯୁବପିଢ଼ି ପାଇଁ ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ ବୋଲି ବକ୍ତାମାନେ ମତ ପ୍ରକାଶ କରି ଆଜିର ଯୁବପିଢ଼ି ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଜୀବନାଦର୍ଶରୁ ପ୍ରେରଣା ନେଇ ସତ୍ୟନିଷ୍ଠା, ଶୃଙ୍ଖଳା ଓ ଦାୟିତ୍ୱବୋଧକୁ ନିଜ ଜୀବନର ଅଂଶ କରିବା ସହ ଦେଶ ଓ ସମାଜର ଉନ୍ନତିରେ ସକ୍ରିୟ ଭାଗୀଦାର ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ, ନବରଙ୍ଗପୁର ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଛାତ୍ରପତି ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟନାରାୟଣ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଉତ୍କଳ ପରିଷଦର ସଭାପତି ବିଜୟ ଚୌଧୁରୀ, ସମାଜସେବୀ କିଶୋରୀ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଗଣମାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।

ଗାନ୍ଧୀ ଜୟନ୍ତୀରେ ଅଳକା ଆଶ୍ରମରେ ପ୍ରୟୋଗରେ ଗାନ୍ଧୀବାଦ କର୍ମଶାଳା

ଜଗତସିଂହପୁର, ୦୨/୧୦ (ଆ.ପ୍ର) : ଐତିହାସିକ ଅଳକା ଆଶ୍ରମ ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ଶହେ ସତାବନ ତମ ଜୟନ୍ତୀ ଅବସରରେ 'ପ୍ରୟୋଗରେ ଗାନ୍ଧୀବାଦ' ଶୀର୍ଷକ ଯୁବ ବୁଦ୍ଧିଜୀବୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପରାଧୀନ ଭାରତରେ ପୂର୍ବ ଭାରତର ଗାନ୍ଧୀବାଦର ପ୍ରୟୋଗଶାଳା ଭାବରେ ଖ୍ୟାତ ଏହି ଅନୁଷ୍ଠାନ ପରିସରରେ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟର ଛାତ୍ର ପ୍ରତିନିଧି ଯୋଗଦେଇ ଗାନ୍ଧୀ ଦର୍ଶନର ବିଭିନ୍ନ ଦିଗ ଉପରେ ନିଜର ମତ ଉପସ୍ଥାପନ କରିଥିଲି । ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ଉଦଘାଟକ ଭାବରେ ପ୍ରଫେସର ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ ଯୋଗଦେଇ ଗାନ୍ଧୀ ଦର୍ଶନର ବିଭିନ୍ନ ସୋପାନ ଉପରେ ଆଲୋକପାତ କରିଥିଲେ । ସମ୍ମାନନୀୟ ବକ୍ତା ଭାବରେ ପରିଚୟ ଫାଉଣ୍ଡେସନର ଅଧ୍ୟକ୍ଷା ଡଃ ରୋଜାଲିନ ପଟ୍ଟସାହାଣୀ, ସୁପ୍ରତିଭାର ସମ୍ପାଦକ ବିକାଶ ମହାପାତ୍ର, ଅମ୍ରିତା ଫାଉଣ୍ଡେସନର ଅଧ୍ୟକ୍ଷ ଡଃ ଅଭୟ କୁମାର ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ସୁଶାନ୍ତ କୁମାର ମହାନ୍ତି ଯୋଗଦେଇ ଛାତ୍ର ଛାତ୍ରୀଙ୍କ ସହିତ ଗାନ୍ଧୀ ନୀତି ଉପରେ ବିଷଦ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିନାୟକ ପଟ୍ଟନାୟକ, ଧୀରେନ୍ଦ୍ର ମଲ୍ଲିକ, କୃଷି ବୈଜ୍ଞାନିକ ଜୀବନଜିତ ସେନ, ଅଳକା ଆଶ୍ରମର ସଭାପତି ଗୌରାଙ୍ଗ ଚରଣ ହୋତା ଛାତ୍ର ଛାତ୍ରୀଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ସ୍ୱାଗତ ଅଭିଭାଷଣ ଓ ଆଭିମୁଖ୍ୟ ଆବାହକ ଶ୍ରୀ ରାଉତ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ବିଜୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଅଂଶଗ୍ରହଣ କାରି ଯୁବ ପ୍ରତିନିଧି ମାନଙ୍କ ସହିତ ଏକ ସ୍ୱତନ୍ତ୍ର ପର୍ଯ୍ୟାୟରେ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ସୁଭାଷ ଚନ୍ଦ୍ର ରାଉତ, ନିରଞ୍ଜନ ବିଶ୍ୱାଳ ଓ ପ୍ରତାପ କୁମାର ଲେଙ୍କା ଗାନ୍ଧୀ ନୀତି ଓ ଦୈନନ୍ଦିନ ଜୀବନ ଉପରେ ଏହାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ବରିଷ୍ଠ ନାଗରିକ ତଥା ଛାତ୍ରଛାତ୍ରୀଙ୍କର ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅଳକା ଆଶ୍ରମର ସଦସ୍ୟ, ଭାରତ ସରକାରଙ୍କ ମୋ ଯୁବ ଭାରତ ସଂଗଠନ ଓ ଜନ ଶିକ୍ଷଣ ସଂଗଠନ ପରିଚାଳନା ସହଯୋଗ କରିଥିଲେ ।

ଚିରନିଦ୍ରାରେ ବିଶିଷ୍ଟ ବ୍ୟଙ୍ଗ କବି ତଥା ନାଟ୍ୟକାର ଆର୍ତ୍ତତ୍ରାଣ ମିଶ୍ର

ଦଶପଲ୍ଲା, ୦୨/୧୦ (ଆ.ପ୍ର) : ଦୀର୍ଘ ୬ ଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରିବା ପରେ ଆଖି ବୁଜିଛନ୍ତି ରାଜ୍ୟର ଜଣାଶୁଣା ବ୍ୟଙ୍ଗ କବି, ଅଭିନେତା ତଥା ନାଟ୍ୟକାର ଆର୍ତ୍ତତ୍ରାଣ ମିଶ୍ର । ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ବିଳମ୍ବିତ ରାତିରେ ତାଙ୍କର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କ ନିକଟରେ ଧର୍ମପତ୍ନୀ ଓ ଦୁଇ ପୁଅଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ । ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୨୬ ତାରିଖ ସନ୍ଧ୍ୟାରେ ଏକ ଭୟାବହ ସଡ଼କ ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇଥିଲେ । ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତି କରାଯାଇ ଚିକିତ୍ସା ଜାରି ରହିଥିଲା । ମାତ୍ର ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଗୁରୁବାର ରାତିରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଓଟିଭିରେ ପ୍ରସାରିତ ଅତ୍ୟନ୍ତ ଲୋକପ୍ରିୟ ହାସ୍ୟ କାର୍ଯ୍ୟକ୍ରମ 'ଦି ଗ୍ରେଟ୍ ଓଡ଼ିଶା ପଲିଟିକାଲ ସର୍କସ୍' ମାଧ୍ୟମରେ ସେ ଘରେ ଘରେ ପରିଚିତ ହୋଇଥିଲେ । ନିଜର ବ୍ୟଙ୍ଗାତ୍ମକ କବିତା ଓ ନିଖୁଣ ଅଭିନୟ ଶୈଳୀ ଯୋଗୁଁ ସେ ଦର୍ଶକଙ୍କ ପ୍ରିୟଭାଜନ ହୋଇପାରିଥିଲେ । କେବଳ ଟେଲିଭିଜନ ପରଦା ନୁହେଁ, ମଂଚ ନାଟକ ରଚନା, ଉପନ୍ୟାସ ଲେଖନ ତଥା ନାଟ୍ୟ ନିର୍ଦ୍ଦେଶନାରେ ମଧ୍ୟ ତାଙ୍କର ଉଲ୍ଲେଖନୀୟ ଯୋଗଦାନ ରହିଥିଲା । ନିଜ କଳା ଜରିଆରେ ଲୋକଙ୍କ ମୁହଁରେ ହସ ଫୁଟାଉଥିବା ଏହି ବହୁମୁଖୀ ପ୍ରତିଭାଙ୍କର ଏଭଳି ଅକାଳ ବିୟୋଗକୁ ସହଜରେ କେହି ଗ୍ରହଣ କରିପାରୁନାହାନ୍ତି । ଶ୍ରୀ ମିଶ୍ରଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଗଣିଆ ତଥା ସମଗ୍ର ନୟାଗଡ଼ ଜିଲ୍ଲାରେ ଗଭୀର ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ତାଙ୍କ ମୃତ୍ୟୁରେ ଓଡ଼ିଶାର ସାଂସ୍କୃତିକ ଓ କଳା ଜଗତରେ ଏକ ଅପୂରଣୀୟ କ୍ଷତି ଘଟିଛି । ବିଭିନ୍ନ ମହଲରୁ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଛି ।

ହାତୀଙ୍କ ଉପଦ୍ରବରେ ଫସଲ ନଷ୍ଟ, ଚିନ୍ତାରେ ଚାଷୀ



ତୁମୁଡିବନ୍ଧ, ୦୨/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବନାଂଚଳରେ ଦେଖିବାକୁ ମିଳିଛି ହାତୀଙ୍କ ଉପଦ୍ରବ । ଗତ କିଛି ଦିନ ହେବ ପଡ଼ୋଶୀ ଜିଲ୍ଲା କଳାହାଣ୍ଡିରୁ ଏକ ପଲ ତୁମୁଡିବନ୍ଧ ବନାଂଚଳ ଅଧୀନ ଲଙ୍କାଗଡ଼ ଅଂଚଳକୁ ଆସି ବାରେଙ୍ଗୀଲି ଓ ଅର୍ଜୁନପୁର ଗ୍ରାମରେ ଉପଦ୍ରବ କରିଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଏହି ୫ଟିକିଆ ହାତୀପଲରେ ଗୋଟିଏ ଦନ୍ତା ହାତୀ ଥିବା ବେଳେ ଦୁଇଟି ମାଈ ହାତୀ ଏବଂ ଦୁଇଟି ଛୁଆ ହାତୀ ରହିଥିବା ଜଣାପଡିଛି । ହାତୀପଲଟି ଗ୍ରାମ ନିକଟବର୍ତ୍ତୀ ଚାଷଜମିରେ ପଶି ଧାନ, କପା ସମେତ ବିଭିନ୍ନ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି । ଆଖି ସାମ୍ନାରେ ଚାଷ ନଷ୍ଟ ହେବା ପରେ ଚିନ୍ତାରେ ପଡ଼ିଛନ୍ତି କ୍ଷତିଗ୍ରସ୍ତ ଚାଷୀ । ଚାଷ ଉପରେ ନିର୍ଭର କରି ପରିବାର ଚଳାଉଥିବା ଚାଷୀମାନେ ହାତୀ ଉପଦ୍ରବକୁ ନେଇ ଚିନ୍ତିତ ଥିବା ବେଳେ କ୍ଷତିପୂରଣ ପାଇଁ ଦାବି କରିଛନ୍ତି ଚାଷି । ଘଟଣା ସମ୍ପର୍କରେ ଖବର ପାଇବା ପରେ ଲଙ୍କାଗଡ଼ ଫୋରେଷ୍ଟ ଏଲିଫେଂଟ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଂଚି ହାତୀଙ୍କ ଗତିବିଧି ଉପରେ ନଜର ରଖିବା ସହ ହାତୀ ଘଉଡ଼େଇବା ପାଇଁ ଏକ ସାଇରନ ଏବଂ ବାଣ ଭଳି ଶବ୍ଦ ବ୍ୟବହାର କରିବା ପାଇଁ ଏହି ଦଳ ରାତି ପର୍ଯ୍ୟନ୍ତ ଜଙ୍ଗଲ ମଧ୍ୟରେ ରହି ନଜର ରଖିଛନ୍ତି । ଏଥିସହ ଗ୍ରାମବାସୀଙ୍କୁ ମଧ୍ୟ ସତର୍କ ରହିବାକୁ କୁହାଯାଇଛି । ଅନ୍ୟପଟେ, ହାତୀଙ୍କ ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ କରାଯିବା ପରେ ନିୟମ ଅନୁଯାୟୀ କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କହିଛନ୍ତି ଲଙ୍କାଗଡ଼ ଫୋରେଷ୍ଟର ଜ୍ୟୋତିରାଜ ମଲ୍ଲିକ । ଏଥିସହ ହାତୀପଲର ଗତିବିଧି ଉପରେ ବନ ବିଭାଗ ନିରନ୍ତର ନଜର ରଖିଥିବା ସେ କହିଛନ୍ତି । ହାତୀ ଉପଦ୍ରବରୁ ଚାଷକୁ ସୁରକ୍ଷା ଦେବା ସହ ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଛନ୍ତି । ଏହି ବାବଦରେ ତୁମୁଡିବନ୍ଧ ବନାଂଚଳ ଅଧିକାରୀ ରଜନୀକାନ୍ତ ମେହେରଙ୍କୁ ପଚାରିବାରୁ କଳାହାଣ୍ଡିରୁ ଆସିଥିବା ହାତୀ ପଲ କାହାର ଯେମିତି ଧନଜୀବନ ନଷ୍ଟ ନକରେ ତାହା ଉପରେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କହିଛନ୍ତି ।

କେନ୍ଦ୍ରାପାଟି ମୁଣ୍ଡିହତାରୁ ଚୋରି, ଦୁଇଜଣ ଅଟକ

ଅସ୍ତରଙ୍ଗ, ୦୨/୧୦ (ଆ.ପ୍ର) : କେନ୍ଦ୍ରାପାଟିର ମୁଣ୍ଡିହତାର ବଂଶୀଧର ମହାନ୍ତିଙ୍କ ଘରୁ ଚୋରି କରି ପଳାଉଥିବା ବେଳେ ଯୁବକଙ୍କ ହାବୁଡ଼ରେ ପଡି କାକଟପୁର ପୁଲିସର ଜିମା ଦେବା ଏଭଳି ଏକ ଘଟଣା ଏବେ ଚର୍ଚ୍ଚାରେ ରହିଛି । ଘଟଣାରେ ଦୁଇଜଣ ଅଟକ ଥିଲା ବେଳେ ଘର ମାଲିକ ବାହାରେ ରହୁଥିବାରୁ ଏପର୍ଯ୍ୟନ୍ତ ଥାନାରେ ଲିଖିତ ଅଭିଯୋଗ ହୋଇପାରିନି । ସୂଚନାନୁସାରେ ମୁଣ୍ଡିହତାର ବଂଶୀଧର ମହାନ୍ତିଙ୍କ ପରିବାର ବାହାରେ ରହୁଥିଲା ବେଳେ ସୁଯୋଗ ଭଣ୍ଡି କେତେକ ଦୁର୍ବୃତ୍ତ ତାଙ୍କ ଘରେ ପଶି ଗତକାଲି ରାତିରେ ଚୋରି କରିଥିଲେ । ଘରର ୩ଟି କବାଟ ଭାଙ୍ଗି କେତେକ ଜିନିଷପତ୍ର ଚୋରିକରି ଏକ ବସ୍ତାରେ ପୁରାଇ କାକଟପୁର ଅଭିମୁଖେ ପଳାୟନ କରୁଥିଲା ବେଳେ କେନ୍ଦ୍ରାପାଟିର ଯୁବକଙ୍କ ହାବୁଡ଼ରେ ପଡ଼ିଥିଲେ । ଏକ ବାଇକ୍ ୩ ଜଣ ବସି ଏକ ବସ୍ତା ଧରି ତରବର ହୋଇଯାଉଥିଲା ବେଳେ ବସ୍ତା ଖସିପଡିଥିଲା । ରାସ୍ତାରେ ଯାତାୟାତ କରୁଥିବା ଯୁବକମାନେ କ'ଣ ହେଲା ଭାବି ସେମାନଙ୍କ ନିକଟକୁ ଯିବାରୁ ଉକ୍ତ ବସ୍ତାକୁ ଦୁର୍ବୃତ୍ତ ବଣକୁ ଫିଙ୍ଗି ଦେଇଥିଲେ । ସନ୍ଦେହ ଉପୁଜିବା ସହ ଯୁବକମାନେ ସେମାନଙ୍କୁ ପଚରାଉଚରା କରିବା ବେଳେ ସତ କ'ଣ ଜଣାପଡିଥିଲା । ଫଳରେ ଦୁର୍ବୃତ୍ତଙ୍କୁ ବନ୍ଦେ ଛେଚିବା ସହ ଜଣଙ୍କୁ କାବୁ କରିବା ବେଳେ ଜଣେ ଧରାପଡ଼ି ଅନ୍ୟ ଦୁଇଜଣ କୌଣସି କ୍ରମେ ଗାଡି ଛାଡି ପଳାଇଥିଲେ । ଉକ୍ତ ଦୁର୍ବୃତ୍ତ ସହ ଗାଡିକୁ ଅଟକ ରଖି ବନ୍ଦେ ଜନମାଧ୍ୟମ ଦେବା ଓ ସୂଚନା ଦେବାରେ ଘଟଣା ସ୍ଥଳରେ କାକଟପୁର ପୁଲିସ୍ ପହଂଚିଥିଲା । ଧରାପଡିଥିବା ଦୁର୍ବୃତ୍ତକୁ ଥାନାକୁ ଆଣିବା ଓ ପଚରାଉଚରା କରିବା ଅନ୍ୟଜଣଙ୍କୁ ଧରି ଥାନାରେ ଅଟକ ରଖାଯାଇଛି । ପରିବାର ଲୋକ ବାଙ୍ଗାଲୋର ଓ ଟାଟାର ରହୁଥିଲା ବେଳେ ଚୋରିହେବା ଖବର ପାଇ ଘରକୁ ଆସିବାକୁ ବିଳମ୍ବ ହେବାରୁ ଅନଲାଇନ୍ କାକଟପୁର ଥାନାକୁ ଅଭିଯୋଗ କରି ଘରକୁ ଫେରୁଛନ୍ତି । ଚୋରି ହେବାର ଘଟଣା ସ୍ଥଳ ଅସ୍ତରଙ୍ଗ ଥାନା ଅଧୀନରେ ଯାଉଥିଲା ସେଠାରେ ଅଭିଯୋଗ କରିବାକୁ ରହିଛି । ଅନ୍ୟପକ୍ଷରେ ଦୁର୍ବୃତ୍ତଙ୍କ ମଧ୍ୟରୁ ଦୁଇଜଣଙ୍କୁ କାକଟପୁର ପୁଲିସ୍ ଅଟକ ରଖିବା ଖବର ମିଳିଛି । ପ୍ରକୃତରେ ଘରୁ କେଉଁ କେଉଁ ଜିନିଷ ଚୋରି ହୋଇଛି ଓ ତା କେତେ ଟଙ୍କାର ତାହା ଜଣାପଡ଼ିନି । ଖବର ଲେଖା ହେବା ପର୍ଯ୍ୟନ୍ତ ପରିବାର ପକ୍ଷରୁ ଅସ୍ତରଙ୍ଗ ଥାନାରେ ଅଭିଯୋଗ ହୋଇନଥିବା ସୂଚନା ମିଳିଛି । ଅଭିଯୋଗ ପରେ ଅସ୍ତରଙ୍ଗ ପୁଲିସର ଖୋଳତାଡ ଆରମ୍ଭ ହେବା ସହ ଚୋରି ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ତାହା ଜଣାପଡିବ ।

ବିଜୁ ଜନତା ଦଳ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ

ଜି.ଉଦୟଗିରି, ୦୨/୧୦ (ଆ.ପ୍ର) : ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜି.ଉଦୟଗିରି ଠାରେ ଦଳ ପକ୍ଷରୁ ୧୫୭ ତମ ଗାନ୍ଧୀ ଜୟନ୍ତୀ ମହାସମାରୋହରେ ପାଳନ କରାଯାଇଛି ଓ ଏନଏସି ନଗର ସଭାପତି ଅନିଲ କୁମାର ଦଳବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ସକ୍ରିୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ସ୍ଥାନୀୟ ଗାନ୍ଧୀ ଛକ ଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ସହରରେ ଥିବା ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତୃବୃନ୍ଦ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଶପଥପାଠ ପରେ ଦଳୀୟ ନେତୃବୃନ୍ଦ କର୍ମୀ ପଦଯାତ୍ରାରେ ଯାଇ ବସ ଛକରେ ଥିବା ବଳରା ବିଶୋୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ପରେ ବିଜୁ ଜନତା ଦଳ ତରଫରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଫଳ ବଂଟନ କରାଯାଇଥିଲା । ଆଜିର ଏହି ପବିତ୍ର ଗାନ୍ଧୀ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ବରିଷ୍ଠ ରାଜ୍ୟ ସଂଖ୍ୟାଲଘୁ ସମ୍ପାଦିକା ଜାଲିନା ପ୍ରିୟଦର୍ଶିନୀ, ବ୍ଲକ ସଭାପତି ଲିଙ୍ଗରାଜ କହଁର, ଜିଲ୍ଲା ସାଧାରଣ ସମ୍ପାଦକ ସମୀର କୁମାର ପାତ୍ରୀ, ବରିଷ୍ଠ ସକ୍ରିୟ କର୍ମୀ ଦେବନାଥ ଦଳବେହେରା, କାଳୁ ଚରଣ ପଣ୍ଡା, କିଶୋର ଚନ୍ଦ୍ର ନାୟକ, ସୁବାଷ ଶତପଥି,ସମିତି ସଭ୍ୟ ମାଲ୍ୟବନ୍ତ କହଁର, ସକ୍ରିୟ କର୍ମୀ ବଳରାମ ତ୍ରିପାଠୀ, ଉଦୟନାଥ ନାୟକ, ସୁବ୍ରତ ଆଚାର୍ଯ୍ୟ, ମହମ୍ମଦ ନୁର, ନଗର ସଭାନେତ୍ରୀ କୃତାଞ୍ଜଳୀ ନାୟକ, ନଗର କାର୍ଯ୍ୟକାରୀ ସଭାନେତ୍ରୀ ନନ୍ଦିତା ପ୍ରଧାନ, ମହିଳା ଜିଲ୍ଲା ସାଧାରଣ ସମ୍ପାଦିକା ସିଧେଶ୍ୱରୀ ନାୟକ, କାଉନସିଲର ଦୀପକ ନାୟକ, ଲିପିକା ପ୍ରଧାନ,ଭାରତୀ ବେହେରା, ଜିଲ୍ଲା ପରିଷଦ ସଭ୍ୟା ଲିଜିମା ପ୍ରଧାନ, ସରପଂଚ ତ୍ରିଶଳା ପ୍ରଧାନ, ମହିଳା ନେତ୍ରୀ ମାମି ନାୟକ, ସିମାଂଚଳ ନାୟକ, ଦୁର୍ଗାମାଧବ ପଟ୍ଟନାୟକ, ଶିବରାମ ପାତ୍ର,ସତ୍ୟନାରାୟଣ ନାୟକ, ପ୍ରକାଶ ନାୟକଙ୍କ ସମେତ ଶତାଧିକ ବିଜୁ ଜନତା ଦଳର କର୍ମୀଙ୍କ ଉପସ୍ଥିତିରେ ଗାନ୍ଧୀ ଜୟନ୍ତୀ ପାଳନ ହୋଇଥିଲା ।

ଭଦ୍ରକ ଜିଲ୍ଲା କଂଗ୍ରେସ ତରଫରୁ ଗାନ୍ଧୀ - ଶାସ୍ତ୍ରୀ ଜୟନ୍ତୀ ପାଳନ ଇଣ୍ଡିଆ ବ୍ଲକ ତରଫରୁ ଗଣତନ୍ତ୍ର ବଂଚାଅ ଅଭିଯାନ ଓ ଅକ୍ଟୋବର ୮ ଓଡ଼ିଶା ବଂଦ ପାଇଁ ପ୍ରସ୍ତୁତି ବୈଠକ

ଭଦ୍ରକ, ୦୨/୧୦ (ଆ.ପ୍ର) : ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଶାନ୍ତି ଦୂତ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ଜନ୍ମ ଜୟନ୍ତୀରେ ଭଦ୍ରକ ଗାନ୍ଧୀ ପଡିଆ ଠାରେ ପ୍ରତିଷ୍ଠିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ କଂଗ୍ରେସ ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ତ୍ୟାଗ, ସଂଘର୍ଷ, ସଂଗ୍ରାମ, ବଳିଦାନ ଓ ବିଚାରଧାରାକୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ କଂଗ୍ରେସ ଜିଲ୍ଲା କାର୍ଯ୍ୟାଳୟରେ ଇଣ୍ଡିଆ ମେଂଟ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା ଏଥିରେ ଗଣତନ୍ତ୍ର ହତ୍ୟାକାରୀ ଭୋଟ ଚୋର ଜ୍ଞାନେଶ କୁମାରଙ୍କୁ ବହିଷ୍କାର, ମୁଖ୍ୟ ନିର୍ବାଚନ କମିଶନର ଚୟନ କମିଟିରେ ପ୍ରଧାନମନ୍ତ୍ରୀ, ଲୋକସଭାର ବିରୋଧୀ ଦଳ ନେତା, ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କୁ ସାମିଲ କରିବା, ଏସ୍ଆଇଆର୍ ବାତିଲ, ଇଭିଏମ ହଟାଇବା, ବାଲାଟ ପେପରରେ ଭୋଟ କରାଇବା, ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ଦାବି ସହ ଏମଏମଡିଆର ସଂଶୋଧନ ଆଇନ ବାତିଲ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ବନ୍ୟାରେ ମୃତ୍ୟୁ ବରଣ କରିଥିବା ସାଧାରଣ ଜନତା ଓ ବନ୍ୟା ପ୍ରପୀଡିତଙ୍କୁ ଉପଯୁକ୍ତ କ୍ଷତିପୂରଣ, ଚାଷୀ- ଭାଗଚାଷୀମାନଙ୍କ କୃଷି ଓ ମହାଜନୀ ଋଣ ଛାଡ କରିବା ଆଦି ଦାବି ନେଇ ଇଣ୍ଡିଆ ମେଂଟ ତରଫରୁ କଂଗ୍ରେସ ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି, ସିପିଆଇଏମ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ସିପିଆଇ ଜିଲ୍ଲା ସଂପାଦକ ଶ୍ରୁଭେନ୍ଦ୍ର ପ୍ରତାପ ମହାନ୍ତି, ସିପିଆଇ(ଏମଏଲ) ଲିବରେସନ ଜିଲ୍ଲା ସଂପାଦକ ସମର ବଳଙ୍କ ମିଳିତ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଗୁଡିକୁ ସଫଳ ରୂପାୟନ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଉପରୋକ୍ତ ଦାବି ନେଇ ଆସନ୍ତା ୦୩ ଅକ୍ଟୋବର ରୁ ୦୫ ଅକ୍ଟୋବର ପର୍ଯ୍ୟନ୍ତ ବ୍ଲକ ସ୍ତରୀୟ ପ୍ରତିବାଦ ଓ ପଥପ୍ରାନ୍ତ ସଭା, ୦୬ ଅକ୍ଟୋବରରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ବିକ୍ଷୋଭ, ଅକ୍ଟୋବର ୭ରେ ଭଦ୍ରକ ସହର ସହିତ ୭ ଟି ବ୍ଲକ ସଦର ମହକୁମାରେ ମଟର ସାଇକେଲ ରାଲି ସହ ଗାଡି ପ୍ରଚାର କାର୍ଯ୍ୟକ୍ରମ, ଅକ୍ଟୋବର ୮ ତାରିଖରେ ଓଡିଶା ବନ୍ଦକୁ ଭଦ୍ରକ ଜିଲ୍ଲାରେ ସଫଳ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଗୁଡିକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ବରିଷ୍ଠ କଂଗ୍ରେସ ନେତା ନେତ୍ରାନନ୍ଦ ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି, ଦେବରୂପ ମହାନ୍ତି, ପିତବାସ ଧଳ, ପ୍ରଦ୍ୟୁମ୍ନ କୁମାର ଦାସ, ରାଜେନ୍ଦ୍ର ପ୍ରସାଦ ଜେନା ଯୁବ କଂଗ୍ରେସ ଜିଲ୍ଲା ସଭାପତି ବଳରାମ ରାଉତ, କଂଗ୍ରେସ ନେତା ବରିଷ୍ଠ ଆଇନଜୀବୀ ନିଶିକାନ୍ତ ନାୟକ, ସିପିଆଇ(ଏମ)ର ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ବରିଷ୍ଠ ଆଇନଜୀବୀ ଗିରିଧାରୀ ନାଥ, ସିପିଆଇର ବରିଷ୍ଠ ନେତା ରମେଶ ଜେନା, ଭଦ୍ରକ ଓକିଲ ସଂଘ ପୂର୍ବତନ ଉପସଭାପତି ଅଶୋକ କୁମାର ନାୟକ, ସିପିଆଇର ଯୁବନେତା ଦିଲିପ ନାୟକ, କଂଗ୍ରେସ ନେତା ବିଜୟ ବାରିକ୍, ଶର୍ମିଷ୍ଠା ପଣ୍ଡା, ସରୋଜ କୁମାର ରାଉଳ, ଗୟାଧର ସେଠୀ, ଅଶିଷ କୁମାର ରାଉତ, ଶୁଭାଶିଷ ମଲ୍ଲିକ, ଗୋଲାମ ମୟୁଦ୍ଦିନ, ସଞ୍ଜୟ ମିଶ୍ର, ମହେଶ କୁମାର ମିଶ୍ର, ରାଜୁ ପ୍ରସାଦ ରାୟ, ସେକ୍ ହାସିନା, ସୋମନାଥ ପତି,ଏନାମୁଲ ହକ୍, ହରିହର ମଣ୍ଡଳ, ମନୋଜ ମଲ୍ଲିକ୍, ପ୍ରମୁଖ ସାମିଲ ହୋଇ ଭାରତର ଗଣତନ୍ତ୍ରର ସୁରକ୍ଷା ପାଇଁ ଭଦ୍ରକ ଜିଲ୍ଲା ବାସୀ ଏକହୋଇ ଲଢିବାକୁ ଆହ୍ୱାନ ଜଣାଇଥିଲେ ।

ନୂଆପଡ଼ାରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ମହାସମାରୋହରେ ପାଳିତ

ନୂଆପଡ଼ା, ୦୨/୧୦ (ଆ.ପ୍ର) : ନୂଆପଡା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ ଏବଂ ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ୧୨୨ତମ ଜୟନ୍ତୀ ସ୍ଥାନୀୟ ଗାନ୍ଧୀ ପ୍ରମୋଦ ଉଦ୍ୟାନ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା, ଭାନୁ ପ୍ରତାପ ସିଂହ ମାଝୀ, ମୁରଲୀଧର ଭୋଇ ଓ ଅବନୀ ରଞ୍ଜନ ଯୋଶୀଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ବିଶିଷ୍ଟ ବ୍ୟକ୍ତିବିଶେଷ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନେ ଗାନ୍ଧୀ ପ୍ରମୋଦ ଉଦ୍ୟାନ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଏବଂ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଅହିଂସା, ସ୍ୱଚ୍ଛତା ଓ ମାନବିକତାର ଆଦର୍ଶ ତଥା ଲାଲବାହାଦୁର ଶାସ୍ତ୍ରୀଙ୍କ ସରଳତା, ନିଷ୍ଠା, ଶୃଙ୍ଖଳା, ଜାତିପ୍ରୀତି ଓ ଦେଶପ୍ରେମର ଆଦର୍ଶକୁ ଏହି ଅବସରରେ ସ୍ମରଣ କରାଯାଇଥିଲା । ସମାରୋହରେ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ଶ୍ରୀ ଦାଶ କହିଥିଲେ ଯେ, ଗାନ୍ଧୀଜୀଙ୍କ ବିଚାର ଓ ଆଦର୍ଶ ଆଜି ମଧ୍ୟ ପ୍ରାସଙ୍ଗିକ । ବର୍ତ୍ତମାନ ସମୟରେ ଗାନ୍ଧୀବାଦକୁ ଆପଣାଇବା ସହ ତାଙ୍କ ଆଦର୍ଶକୁ ନିଜ ଜୀବନରେ ଅନୁକରଣ କରିବା ହିଁ ଗାନ୍ଧୀଜୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ । ସତ୍ୟ, ଅହିଂସା, ସ୍ୱଚ୍ଛତା, ସରଳ ଜୀବନଯାପନ ଓ ମାନବିକ ମୂଲ୍ୟବୋଧକୁ ଜୀବନରେ ଧାରଣ କରି ସମାଜରେ ଶାନ୍ତି, ସଦ୍‌ଭାବନା ଓ ଭାଇଚାରା ପ୍ରତିଷ୍ଠା ପାଇଁ ସେ ଆହ୍ୱାନ ଦେଇଥିଲେ । ଏଥିସହ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୀବନରୁ ଜାତିପ୍ରୀତି, ଦେଶପ୍ରେମ, ନିଷ୍ଠା ଓ କର୍ତ୍ତବ୍ୟପରାୟଣତାର ଶିକ୍ଷା ଗ୍ରହଣ କରିବାକୁ ସେ କହିଥିଲେ । ସମାରୋହରେ ଉପସ୍ଥିତ ବକ୍ତାମାନେ ଗାନ୍ଧୀଜୀଙ୍କ ଜୀବନ ଓ ଆଦର୍ଶ ଉପରେ ଆଲୋକପାତ କରିବା ସହ ସତ୍ୟ ଓ ଅହିଂସାର ମାର୍ଗ ଅନୁସରଣ କରି ସମାଜରେ ଶାନ୍ତି, ସଦ୍‌ଭାବନା ଓ ମାନବିକତା ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଥିଲେ । ଏଥିସହ ଶାସ୍ତ୍ରୀଜୀଙ୍କ ଜାତିପ୍ରୀତି ଓ ଦେଶପ୍ରେମ ସହ ଦେଶ ଗଠନରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ନୂଆପଡ଼ା ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅତିଥିମାନେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧିର ବାର୍ତ୍ତା ଦେଇଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଡ଼େଇ ମଂଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସମନ୍ୱୟ ସଂଯୋଜକ ଅନୀଲ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ଓ ବିଭାଗୀୟ କର୍ମଚାରୀମାନେ ସମଗ୍ର କାର୍ଯ୍ୟକ୍ରମର ସୁଚାରୁ ଓ ସଫଳ ଆୟୋଜନରେ ସହଯୋଗ କରିଥିଲେ ।

ବିଧାୟକଙ୍କ ଦ୍ୱାରା ଗାନ୍ଧୀ ଜୟନ୍ତି ପାଳନ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍ଘାଟନ ଓ ଶିଳାନ୍ୟାସ

ଛାତିଆ, ୦୨/୧୦ (ଆ.ପ୍ର) : ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ପ୍ରତ୍ୟେକ ବର୍ଷ ବଡଚଣା ଭାଜପା ପକ୍ଷରୁ ମହା ଆଡମ୍ବର ସହକାରେ ପାଳନ ହୋଇଥାଏ । ଏହି ଅବସରରେ ଆଜି ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ ପାଳନ ପାଇଁ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା ନେଳିଆ ଛକ ଠାରୁ ବାହାରି ଚମ୍ପାପୁର ହାଟ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପହଂଚିଥିଲା । ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ସେଠାରେ ପହଂଚିଥିଲେ । ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ ସପେଇ ନାଳ ଉପରେ ସେତୁ ନିର୍ମାଣ, ଜଳ ନିଷ୍କାସନ ବିଭାଗ ପକ୍ଷରୁ ନଦୀବନ୍ଧ ସୁଦୃଢ଼ିକରଣ, ଗ୍ରାମ ପଂଚାୟତ କଲ୍ୟାଣ ମଣ୍ଡପ, ସପନପୁର କୋଠ ଘର, ଗ୍ରାମୀଣ ଉଦ୍ୟାନ ଶିଳାନ୍ୟାସ ଓ ଗ୍ରାମ ପଂଚାୟତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଶୁଭ ଉଦଘାଟନ ବିଧାୟକ ଶ୍ରୀ ନାୟକଙ୍କ କରକମଳରେ ଅନୁଷ୍ଠିତ ହୋଇଥିଲାଏଥିରେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଉପସ୍ଥିତଥିଲେ । ଏହାପରେ ଜିଲ୍ଲା ଭାଜପା ସମ୍ପାଦକ ବିକାଶ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀ ନାୟକ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଅହିଂସା, ସତ୍ୟ, ନୀତି ଓ ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବଡଚଣାର ବିଭିନ୍ନ ସ୍ଥାନରେ ବିକାଶର ନୂଆ ଅଧ୍ୟାୟ ଯୋଡି ହେଉଥିବା ବେଳେ ଅପ୍ରସଙ୍ଗକୁ ପ୍ରସଙ୍ଗ କରି ବିରୋଧି ଯେତେ ଅପପ୍ରଚାର କଲେବି ବଡଚଣା ବିକାଶ ରଥକୁ ରୋକି ପାରିବେ ନାହିଁ କି ଭାରତୀୟ ଜନତାପାର୍ଟିର ଲୋକପ୍ରିୟତାକୁ ସାଧାରଣ ଲୋକଙ୍କ ମନ ପାଇବା ଠାରୁ ଦୂରେଇ ଦେଇ ପାରିବେନି ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ସଭ୍ୟ ଅରବିନ୍ଦ ସାମଲ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ନିରଞ୍ଜନ ସେନାପତି, ଉପାଧ୍ୟକ୍ଷ ବିଭାଷ ଚନ୍ଦ୍ର ନନ୍ଦ, ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲିକ, ନିଳମଣୀ ରାଉତ, ଦିପକ ସାହୁ, ରଞ୍ଜନ ସାହୁ, ସାଂସଦଙ୍କ ପ୍ରତିନିଧି ରବୀନ୍ଦ୍ର ରାଉତ, ପାଂଚଟି ମଣ୍ଡଳର ସଭାପତି, ଚମ୍ପାପୁର ପଂଚାୟତର ସରପଂଚ, ସମିତି ସଭ୍ୟ ଓ ବହୁ ସଂଖ୍ୟାରେ ଜନସାଧାରଣ ମାନେ ଉପସ୍ଥିତ ଥିଲେ । ପରିଶେଷରେ ଛତିଆ ମଣ୍ଡଳ ସଭାପତି ବିଶ୍ୱଜିତ ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ସ୍ୱଚ୍ଛତାର ବାର୍ତ୍ତା ବାଂଟିଲେ ପ୍ରଶାସନିକ ଅଧିକାରୀ ଓ ସ୍ୱେଚ୍ଛାସେବୀ

ପାରଳାଖେମୁଣ୍ଡି, ୦୨/୧୦ (ଆ.ପ୍ର) : ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ତଥା ଷୋଡ଼ଶ ଦିନାତ୍ମକ ଶାରଦୀୟ ଦୁର୍ଗାପୂଜା ପୂର୍ବରୁ ଗଞ୍ଜାମ ଜିଲ୍ଲା ସଦରମହକୁମା ଛତ୍ରପୁର ସହର ନିକଟରେ ଥିବା କରପଡ଼ା ପଂଚାୟତର ନୀଳାଦ୍ରିପୁର ପାହାଡ଼ ଶିଖରରେ ଅବସ୍ଥିତ ମାଆ ରାମଚଣ୍ଡୀ ପୀଠରେ ଆଜି ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ପୂଜା କମିଟି ବରିଷ୍ଠ ପରାମର୍ଶଦାତା ତଥା ଗଜପତି ଜିଲ୍ଲାର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରୋସେକ୍ୟୁଟର ରାଜେଶ କୁମାର ମିଶ୍ର ଓ ସଂଯୋଜକ ତଥା ରେଳବାଇରେ କାର୍ଯ୍ୟରତ କମଳ ପଣ୍ଡାଙ୍କ ସଂଯୋଜନାରେ ପୂଜା କମିଟି ଉପଦେଷ୍ଟା ତ୍ରିପତି ବାଲାଜି ମିଶ୍ରଙ୍କ ନେତୃତ୍ୱରେ ରାମଚଣ୍ଡୀ ପୂଜା କମିଟି, ସେବା ପ୍ରତିନିଧି ସଙ୍ଗଠନ ଓ ବ୍ରହ୍ମପୁରସ୍ଥିତ ସିଡ୍‌ବ୍ଲୁସି. ସଦସ୍ୟ ଜଗନ୍ନାଥ ଚୌଧୁରୀଙ୍କ ନେତୃତ୍ୱରେ ପାରଳାଖେମୁଣ୍ଡିସ୍ଥିତ ଜଷ୍ଟିସ କର୍ଣ୍ଣର ଚାରିଟେବଲ ଟ୍ରଷ୍ଟର ସଦସ୍ୟ ଓ କମାଣ୍ଡାଂଟ ସାରଦା ପ୍ରସାଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅଷ୍ଟମ ବାଟାଲିୟନର ଶତାଧିକ କର୍ମଚାରୀ ତଥା ସ୍ୱେଚ୍ଛାସେବୀଙ୍କୁ ନେଇ ଆଜି ଏକ ବିଶାଳ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା । ଆଜିର ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ସକାଳ ୭ଘଟିକାରୁ ଆରମ୍ଭ ହୋଇ ଦିବା ୧୦ଘଟିକା ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ନୂତନ ଭାବେ ଗଠନ କରାଯାଇଥିବା ମନ୍ଦିର ପୂଜା କମିଟିର ସମସ୍ତ ସଦସ୍ୟ ତଥା ମନ୍ଦିର ଟ୍ରଷ୍ଟି ଲକ୍ଷ୍ମୀନୃସିଂହ ପଣ୍ଡା, ପୂଜାକମିଟି ସମ୍ପାଦକ ବିମଳ ପଣ୍ଡା, ଉପସଭାପତି ମନୋଜ ମିଶ୍ର, କୁଞ୍ଜ ନାୟକ, ଉପଦେଷ୍ଟା ବଂଶୀଧର ନାୟକ, ଶଙ୍କର ନାୟକ, ଓକିଲ ଲଳିତ ବେହେରା, ଏସ. ରବି, ରିଙ୍କୁ ସାହୁ, ଟୁଟୁ ନାୟକ, ସୁଶାନ୍ତ ଗୌଡ଼, ମନୋରଞ୍ଜନ ବେହେରା, ପି. ଲୋକନାଥ ରେଡ୍ଡୀ, ସନ୍ତୋଷ ପଣ୍ଡା, ସୁଧୀର ମହାରଣା, ରବି ବେହେରା, ବରୁଣ ଚୌଧୁରୀ ପ୍ରମୁଖ ସଦସ୍ୟ ଯୋଗ ଦେଇ ସାହାଯ୍ୟର ହାତ ବଢ଼ାଇ ମନ୍ଦିରର ପୁରାତନ ଐତିହାସିକ ରାମକୁଣ୍ଡକୁ ପରିଷ୍କାର କରିବା ସହ ତା'ର ପୁନରୁଦ୍ଧାର କରିଥିଲେ । ସର୍ବଶେଷରେ କରପଡ଼ା ସରପଂଚ ଅଜୟ ନାୟକ ଏହି ସ୍ୱଚ୍ଛତା କାର୍ଯ୍ୟରେ ସହଯୋଗର ହାତ ବଢାଇବା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଆଗାମୀ କାର୍ଯ୍ୟକ୍ରମରେ ଏହିପରି ସହାୟତାର ହାତ ବଢାଇବାକୁ ଅନୁରୋଧ କରିଥିଲେ । ସୂଚନାଯୋଗ୍ୟ, ମନ୍ଦିରରେ ୧୬ଦିନିଆ ଶାରଦୀୟ ଦୁର୍ଗାପୂଜା ଅକ୍ଟୋବର ୩ ତାରିଖ ମୂଳାଷ୍ଟମୀରୁ ଆରମ୍ଭ ହୋଇ ଦୁର୍ଗାପୂଜା ଦଶମୀ ପର୍ଯ୍ୟନ୍ତ ଚାଲିବ ।

ଖୋର୍ଦ୍ଧା ଠାରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ଖୋର୍ଦ୍ଧା,୦୨/୧୦(ଆ.ପ୍ର): ପବିତ୍ର ଜିଲ୍ଲା ସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଜିଲ୍ଲା ସଦର ମହକୁମା, ଖୋରଧା ଠାରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଅଛି । ପୂର୍ବାହ୍ନରେ ଜିଲ୍ଲା ପରିଷଦ ଉପ ସଭାପତି, ଖୋର୍ଦ୍ଧା ଗୋପୀନାଥ ମହାରଣା, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଖୋର୍ଦ୍ଧା ପ୍ରତାପ ଚନ୍ଦ୍ର ବେହେରା ଯୋଗଦେଇ ଖୋରଧା ଡାକବଙ୍ଗଳା ସନ୍ନିକଟ ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ଅର୍ଦ୍ଧ ବୟବ ପ୍ରତି ମୂର୍ତିରେ ଗଣମାଧ୍ୟମ ପ୍ରତିନିଧି ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ଗହଣରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ପରେ ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଖୋରଧା ପ୍ରତାପ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଓ ସର୍ବ ଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ, ଜିଲ୍ଲା ପରିଷଦ ସଭାପତି, ରୂପଶ୍ରୀ ରାଣୀ ଗୁମାନ ସିଂହ, ସମ୍ମାନିତ ଅତିଥି ରୂପେ ଉପସଭାପତି, ଜିଲ୍ଲା ପରିଷଦ, ଖୋରଧା ଗୋପୀନାଥ ମହାରଣା, ସମ୍ମାନିତ ଅତିଥି ଭାବେ ସଦର ତହସିଲଦାର ବିଭାଷ ପାଣିଗ୍ରାହୀ ଏବଂ ମୁଖ୍ୟ ବକ୍ତା ଭାବେ ପ୍ରାଣ ନାଥ ସ୍ୱୟଂ ଶାସିତ ମହା ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡ଼ଃ ସୁବୋଧ କୁମାର ଜଗଦେବ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ପ୍ରଦୀପ ପ୍ରଜ୍ଜ୍ୱଳନ କରି ସମାରୋହକୁ ଉଦ୍ଘାଟନ କରିଥିଲେ । ପରେ ସଭାପତି ମୁଖ୍ୟଅତିଥି, ସମ୍ମାନିତ ଅତିଥି, ମୁଖ୍ୟ ବକ୍ତା ଓ ହିନ୍ଦୁ ଧର୍ମ ଯାଜକ ପଣ୍ଡିତ ସୁଶାନ୍ତ କୁମାର ମିଶ୍ର, ଇସଲାମ ଧର୍ମ ଯାଜକ ମଉଲାନା ଖତି ଉଦ୍ଦିନ ଏବଂ ଖ୍ରୀଷ୍ଟିଆନ୍ ଧର୍ମଗୁରୁ ମାନୁଆଲ କରାଡାଙ୍କୁ ଉତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ବନ୍ଦେ ମାତରମ୍ ଓ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ହିନ୍ଦୁ ଧର୍ମ, ଇସଲାମ ଧର୍ମ ଏବଂ ଖ୍ରୀଷ୍ଟିଆନ୍ ଧର୍ମଗୁରୁ ମାନେ ଗୀତା, କୋରାନ ଓ ବାଇବେଲ ପାଠ କରିଥିଲେ । ମୁଖ୍ୟ ଅତିଥି ରୂପଶ୍ରୀ ରାଣୀ ଗୁମାନ ସିଂହ ତାଙ୍କ ଅଭିଭାଷଣରେ ମହାତ୍ମା ଗାନ୍ଧୀ ମହାମାନବ ଏବଂ ସତ୍ୟ ଅହିଂସା, ମାନବିକତା ତଥା ମାନବ ସେବାହିଁ ମାଧବ ସେବାର ପୂଜାରୀ ଥିଲେ, ଏଣୁ ଛାତ୍ର ଛାତ୍ରୀ, ଯୁବଗୋଷ୍ଠୀ ମହାତ୍ମାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗାନ୍ଧିଜୀଙ୍କ ସ୍ୱପ୍ନ



ରାମ ରାଜ୍ୟ ନିର୍ମାଣ ନିର୍ମାଣ କରିବାକୁ ଉଦବୋଧନ ରଖିଥିଲେ କ୍ଷ ସଭାପତି ଭାଷଣରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେହେରା କହିଲେ ମହାତ୍ମା ଗାନ୍ଧୀଙ୍କ ଆତ୍ମ ଜୀବନୀ ପଢ଼ି ଛାତ୍ରଛାତ୍ରୀମାନେ ଉଦବୁଦ୍ଧ ହୋଇ ସତ୍ୟ, ଅହିଂସା, ସ୍ୱଚ୍ଛତା ମାର୍ଗରେ ଚାଲି ସବୁ କ୍ଷେତ୍ରରେ ପାଠ ପଢ଼ି ସୁନାମ ଆଣିଲେ ତାହାହିଁ ହେବ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଏବଂ ଆମର ବିକଶିତ ଓଡ଼ିଶା ଓ ବିକଶିତ ଭାରତ ସମୃଦ୍ଧ ରାଜ୍ୟ ଓ ରାଷ୍ଟ୍ର ନିର୍ମାଣ ସାକାର ହେବ ବୋଲି ନିଜ ଅଭିଭାଷଣରେ ଗୁରୁତ୍ୱାରୋପ କରିଥିଲେ କ୍ଷ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ, ଉପ ସଭାପତି ଗୋପୀନାଥ ମହାରଣା ଯୋଗ ଦେଇ କହିଲେ ଭାରତ ଛାଡ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଅସହଯୋଗ ଆନ୍ଦୋଳନରେ ଗାନ୍ଧିଜୀ ଦେଶପାଇଁ ସମ୍ମାନ ପ୍ରଦର୍ଶନ କରିଥିଲେ । ସବୁ ଧର୍ମକୁ ସମନ୍ୱୟ କରିବା ପାଇଁ ଗାନ୍ଧୀ ଜୟନ୍ତୀ ପାଳନ ହେଉଅଛି । ମହାତ୍ମା ଗାନ୍ଧୀ ମହିଳା ଶକ୍ତିକୁ ଉତାନ ପାଇଁ ଏବଂ ସ୍ୱଚ୍ଛତା ପାଇଁ ସଫେଇ କର୍ମଚାରୀମାନଙ୍କୁ ସେ ପ୍ରଥମ ସନ୍ତାନ ବୋଲି କହୁଥିଲେ । ଏଣୁ ସମସ୍ତେ ସ୍ୱଚ୍ଛତା ମନ୍ତ୍ରରେ ବାନ୍ଧି ହୋଇ କାର୍ଯ୍ୟ କଲେ ଆମ ଦେଶ ସମଗ୍ର ବିଶ୍ୱର ଏକ ନମ୍ବର ରହିବ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଭାବେ ପ୍ରାଣ ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡ଼ଃ ସୁବୋଧ କୁମାର ଜଗଦେବ ଯୋଗଦେଇ ନିଜ ବକ୍ତବ୍ୟରେ ଗାନ୍ଧିଜୀ ଜଣେ ଯୁଗ ପୁରୁଷ ଥିଲେ । ଗାନ୍ଧୀଙ୍କ ଆଦର୍ଶ ସାରା ବିଶ୍ୱକୁ ଆଚମ୍ଭିତ କରିଥିଲା । ଓଡ଼ିଶାକୁ ବିଶେଷ କରି ଖୋରଧା ପାଇକ ମାଟିକୁ ୧୯୨୧ ମସିହା ମାର୍ଚ୍ଚ ୨୧ ତାରିଖରେ ଆସି ଧୋତି, ବେରାବୋଉ ଠେଙ୍ଗା ତାଙ୍କର ବ୍ୟବହାରିକ ସାଥୀ ହୋଇଥଲା ବୋଲି ପ୍ରକାଶ କରି ଗାନ୍ଧୀ ଦର୍ଶନର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନେ ସମ୍ମାନର ସହ ବଂଚିବାର ସ୍ୱଚ୍ଛତା, ସ୍ୱଚ୍ଛତା ହିଁ ପୂର୍ଣ୍ଣତା ଏବଂ ସ୍ୱଚ୍ଛତାହିଁ ମାନବ ଧର୍ମ, ପରିଶ୍ରମ କରିବା, ତ୍ୟାଗ କରିବା ଆଦି ଗାନ୍ଧୀ ଦର୍ଶନକୁ ଛାତ୍ରଛାତ୍ରୀ, ଯୁବକ ଯୁବତୀମାନେ କର୍ମମୟ ଜୀବନରେ ଲଗାଇ ଆଗକୁ ବଢ଼ିବାକୁ ପ୍ରୋତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ସଦର ତହସିଲଦାର ବିଭାଷ ପାଣିଗ୍ରାହୀ ଯୋଗଦେଇ ଗାନ୍ଧୀ, ଗୋପବନ୍ଧୁ, ସୁଭାଷ ବୋଷ, ଲାଲ୍ ବାହାଦୁର ଶାସ୍ତ୍ରୀ, ରବୀନ୍ଦ୍ର ନାଥ ଟାଗୋର ଆଦି ଜୀବନୀ ପଢ଼ି ଭଲ ମଣିଷ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ମଂଚ ପରିଚାଳନା କରିଥିବା ବେଳେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଏବଂ ଧନ୍ୟ ବାଦ ଅର୍ପଣ କରିଥିଲେ । ଶେଷରେ ବନ୍ଦେ ମାତରମ ଏବଂ ଜାତୀୟ ସଙ୍ଗୀତ ଗାନ ପୂର୍ବକ ସଭା ସାଙ୍ଗ କରାଯାଇଥିଲା । ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଡିଇଜିଏମ ମାନସ କୁମାର ବ୍ରହ୍ମା, ସିଆରସିସି, ରେବତୀ ପଣ୍ଡା, ବ୍ଲକ୍ ଶିକ୍ଷା ଅଧିକାରୀ, ଖୋରଧା, ବୁଦ୍ଧିଜୀବୀ ନିକୁଞ୍ଜ କିଶୋର ପଟ୍ଟନାୟକ, ଭୀମ ସେନ ପ୍ରଧାନ, ସତ୍ୟବାଦୀ ବଳିୟାର ସିଂହ, ଇତିଶ୍ରୀ ସାହୁ, ସୌଦାମିନୀ ପଟ୍ଟନାୟକ, ନରେନ୍ଦ୍ର ପୃଷ୍ଟି, ବିଭିନ୍ନ ବିଦ୍ୟାଳୟ ଏବଂ ମାବିଦ୍ୟାଳୟର ଛାତ୍ରଛାତ୍ରୀ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

ରଟିଙ୍ଗିଆ ପଂଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ



ଜି.ଉଦୟଗିରି, ୦୨/୧୦ (ଆ.ପ୍ର) : ମହାତ୍ମା ଗାନ୍ଧୀ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ରଟିଙ୍ଗିଆ ଗ୍ରାମ ପଂଚାୟତରେ ସରପଂଚ ବିଷ୍ଣୁଦେବ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଗ୍ରାମସଭାରେ ପଂଚାୟତର ଗ୍ରାମବାସୀ, ୱାର୍ଡ ସଭ୍ୟସଭ୍ୟା, ଗ୍ରାମ କମିଟିର ସଦସ୍ୟବୃନ୍ଦ, ବିଭିନ୍ନ ବିଭାଗର କର୍ମଚାରୀ, ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ହିସାବ ରକ୍ଷକ ଓ ତଥ୍ୟ ପ୍ରବେଶ ଅପରେଟର, ଅଙ୍ଗନୱାଡ଼ି କର୍ମୀ, ଏଏନଏମ୍, ଆଶା କର୍ମୀ, ଗାଁସାଥି ଏବଂ ବିଭିନ୍ନ ଲାଇନ୍ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ ।ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛତା, ସେବା, ଅହିଂସା ଓ ଗ୍ରାମ ସ୍ୱରାଜର ଆଦର୍ଶ ଏବଂ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଶୃଙ୍ଖଳା, ସରଳତା, ଦେଶସେବା ଓ ସାମୂହିକ ଦାୟିତ୍ୱବୋଧକୁ ସ୍ମରଣ କରାଯାଇଥିଲା । ସ୍ୱଚ୍ଛ, ସୁସ୍ଥ, ସୁନ୍ଦର ଓ ସମୃଦ୍ଧ ଗ୍ରାମ ଗଠନ ପାଇଁ ପଂଚାୟତର ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ସହଯୋଗ ଓ ଅଂଶଗ୍ରହଣ ଆବଶ୍ୟକ ବୋଲି ସରପଂଚ ଶ୍ରୀ ପ୍ରଧାନ ଆଲୋକପାତ କରିଥିଲେ । ଗ୍ରାମସଭାରେ 'ସ୍ୱଚ୍ଛତା ହିଁ ସେବା', ଘରୋଇ ବର୍ଜ୍ୟ ପୃଥକୀକରଣ, ସ୍ୱଚ୍ଛତା ସେବା ଆକଳନ, ଶିଶୁ ସୁରକ୍ଷା, ବାଲ୍ୟ ବିବାହ ନିରୋଧ, ମହିଳା ଓ ବାଳିକାଙ୍କ ସୁରକ୍ଷା, ମାନବ ଚାଲାଣ ନିରୋଧ, ଭିବି-ଜି-ରାମଜି, ମାଦକ ଦ୍ରବ୍ୟ ନିରୋଧ ଓ ଯୁବ ସମାଜର ସୁରକ୍ଷା ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଏଥିସହିତ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରର ସୁବିଧା-ସୁଯୋଗ, ଜଳ ସଂରକ୍ଷଣ, ପରିବେଶ ସୁରକ୍ଷା, ସ୍ୱଚ୍ଛତା ବ୍ୟବସ୍ଥା, ଶିଶୁ ଓ ମହିଳାଙ୍କ ସୁରକ୍ଷା ଏବଂ ଜନ ଯୋଜନା ଅଭିଯାନ ମାଧ୍ୟମରେ ପଂଚାୟତ ଅଂଚଳର ସାମଗ୍ରିକ ବିକାଶକୁ ଆଗେଇ ନେବା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ସଭାରେ ନାଏବ ସରପଂଚ ଶାରଦା ପ୍ରଧାନ, ଏଡିଇଓ ଜିତେନ୍ଦ୍ର ପ୍ରଧାନ, ରାଜସ୍ୱ ନିରୀକ୍ଷକ ପ୍ରମୋଦ କୁମାର ସାହୁ, ସମାଜସେବୀ ହୃଷିକେଶ ପ୍ରଧାନ, ସିଆରପି ଭୁଶ୍ରୀ ନିଶାମଣି ପ୍ରଧାନ, ବିମଳା ପ୍ରଧାନ, ଅଙ୍ଗନୱାଡ଼ି କର୍ମୀ ସୁପବିତ୍ରା ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ବୈଠକରେ ଉଠିଥିବା ବିଭିନ୍ନ ସାମାଜିକ ଓ ବିକାଶମୂଳକ ବିଷୟ ଉପରେ ସମୂହ ଆଲୋଚନା କରାଯାଇ ଗ୍ରାମର ସମସ୍ୟା ଗୁଡ଼ିକର ସମାଧାନ ସହିତ ସ୍ଥାୟୀ ବିକାଶ ଦିଗରେ ସମସ୍ତଙ୍କ ସହଭାଗିତାକୁ ଗୁରୁତ୍ୱ ଦିଆଯାଇଥିଲା । ଶେଷରେ ଏଡିଇଓ ଜିତେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସାମୂହିକ ଅଂଶଗ୍ରହଣ ଓ ଦାୟିତ୍ୱବୋଧ ମାଧ୍ୟମରେ ରଟିଙ୍ଗିଆ ପଂଚାୟତକୁ ଏକ ସ୍ୱଚ୍ଛ, ସୁସ୍ଥ, ସୁରକ୍ଷିତ ଓ ବିକଶିତ ପଂଚାୟତ ଭାବେ ଗଢ଼ି ତୋଳିବାର ସଂକଳ୍ପ ସହିତ ଶପଥ ପାଠ କରି ବୈଠକ ସମାପ୍ତ ହୋଇଥିଲା ।

୪୪ ବର୍ଷର ଅପେକ୍ଷାରେ ଅନ୍ତ, ସ୍ୱର୍ଣ୍ଣ ଜିତିଲା ଭାରତୀୟ ମହିଳା ହକି ଟିମ୍

ନୂଆଦିଲ୍ଲୀ, ୨/୧୦ (ନ୍ୟୁ.ଏ): ୧୯୯୮ ଓ ୨୦୧୮ରେ ହୃଦୟ ଭାଙ୍ଗିଥିଲା । ହେଲେ ୨୦୨୬ରେ ହୃଦୟ ଜିତିଛି ଭାରତୀୟ ମହିଳା ହକି ଟିମ । ଦୀର୍ଘ ୪୪ ବର୍ଷ ଧରି ରହିଥିବା ଅପେକ୍ଷାର ଅନ୍ତ ଘଟିଛି । ୨୦୨୬ ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଟିମ ନୂଆ ଇତିହାସ ରଚିଛି । ଏସିଆନ ଗେମ୍ସର ଡିଫେଣ୍ଡିଂ ଚାଇନାକୁ ୧-୦ରେ ହରାଇ ଦଳ ସ୍ୱର୍ଣ୍ଣ ପଦକ ଜିତିବାକୁ ସକ୍ଷମ ହୋଇଛି । ଭାରତ ଶେଷ ଥର ୧୯୮୨ ଦିଲ୍ଲୀରେ ଆୟୋଜିତ ଏସିଆନ ଗେମ୍ସର ମହିଳା ହକିରେ ସ୍ୱର୍ଣ୍ଣ ଜିତିଥିଲା । ଏବେ ୪୪ ବର୍ଷ ପରେ ଜାପାନରେ ଏହାର ପୁନାରାବୃତି ଘଟିଛି । ଲାରେମସିଆମିଙ୍କ ଏକମାତ୍ର ଗୋଲ ଭାରତକୁ ବିଜୟ ଭେଟି ଦେଇଛି । ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଟିମ ଚାମ୍ପିୟନ ହେବା ମାତ୍ରେ ସିଧାସଳଖ ୨୦୨୮ ଲସ ଆଞ୍ଜେଲେସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଛି । ନିକଟରେ ଶେଷ ହୋଇଥିବା ମହିଳା ହକି ବିଶ୍ୱକପରେ ଭାରତ ୫ମ ସ୍ଥାନରେ ନିଜର ଅଭିଯାନ ଶେଷ କରିଥିଲା । ହେଲେ ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଟିମ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିପାରିଛି । ଜାପାନରେ ଚାଲିଥିବା ଏସିଆନ ଗେମ୍ସ ୨୦୨୬ରେ ନୂଆ ଇତିହାସ ରଚିବା ଲକ୍ଷ୍ୟରେ ଯାଇଥିଲା ଭାରତୀୟ ମହିଳା ହକି ଟିମ । ଆଉ ଫାଇନାଲରେ ଦଳ ଆରମ୍ଭରୁ ହିଁ ଏହାକୁ ସାକାର କରିବା ଦିଗରେ ଆଗେଇ ଚାଲିଥିଲା । ଚାଇନା ଡିଫେଣ୍ଡିଂ ଚାମ୍ପିୟନ ହୋଇଥିଲେ ହେଁ ଭାରତୀୟ ମହିଳା ଦଳ ଗୋଲ ସ୍କୋର କରି ଖାତା ଖୋଲିଥିଲା । ମ୍ୟାଚ୍‌ର ୧୦ମ ମିନିଟ୍‌ରେ ନିଜର ୨୦୦ତମ ମ୍ୟାଚ୍ ଖେଳୁଥିବା ଲାରେମସିଆମି ଗୋଲ କରି ଭାରତକୁ ୧-୦ରେ ଆଗୁଆ କରି ଦେଇଥିଲେ । ପ୍ରଥମ କ୍ୱାର୍ଟର ଭାରତ ନିୟନ୍ତ୍ରଣରେ ରହିଥିଲା । ହେଲେ ଦ୍ୱିତୀୟ କ୍ୱାର୍ଟର ଠାରୁ ଚାଇନା ଘନଘନ ଆକ୍ରମଣ କରିଥିଲା । ଭାରତ କେବଳ ଡିଫେନ୍ସରେ ଅଧିକ ଧ୍ୟାନ ଦେଇଥିଲା । ହେଲେ ଦ୍ୱିତୀୟ କ୍ୱାର୍ଟରରେ ଡି' ଭିତରେ ତ୍ରୁଟି ଭାରତୀୟ ଖେଳାଳି ତ୍ରୁଟି କରିବାରୁ ଚାଇନାକୁ ମିଳିଥିଲା ପେନାଲ୍ଟି ଷ୍ଟ୍ରୋକ୍ । ଏହି ନିଷ୍ପତି ଭାରତୀୟ ଫ୍ୟାନ୍ସଙ୍କ ଛାତିକୁ ପୂରା ଧଡ଼ଧଡ଼ କରି ଦେଇଥିଲା । ଲାଗୁଥିଲା ସ୍ଥିତି ବରାବର କରିଦେବ ଚାଇନା । ହେଲେ ଗୋଲ ପୋଷ୍ଟ ଆଗରେ ଖୁଂଟ ଭଳି ରହିଥିଲେ ସବିତା ପୁନିଆ । ଭାରତର ଅନ୍ୟତମ ଅଭିଜ୍ଞ ଖେଳାଳି ସବିତା ହାର ମାନିବା ସ୍ଥିତିରେ ନଥିଲେ । ପେନାଲ୍ଟି ଷ୍ଟ୍ରୋକକୁ ମଧ୍ୟ ସେ ଅଟକାଇ ଦେଇ ଭାରତୀୟ ଖେଳାଳି ଓ ଫ୍ୟାନ୍ସଙ୍କ ମଧ୍ୟରେ ଉସାହ ଭରି ଦେଇଥିଲେ । ସବିତା ପେନାଲ୍ଟି ଷ୍ଟ୍ରୋକ ଟାଳିଥିଲେ ମଧ୍ୟ ବିପଦ ଟଳି ନଥିଲା । ଚାଇନା ହାଫ ଟାଇମ ପରେ ମଧ୍ୟ ଏକାଧିକ ପେନାଲ୍ଟି କର୍ଣ୍ଣର ହାସଲ କରିଥିଲା । ଭାରତୀୟ ଖେଳାଳି ମିଡଫିଲ୍ଡରେ ତ୍ରୁଟି ମଧ୍ୟ କରିଥିଲେ । ଏହା ସତ୍ୱେ ଚାଇନା ଗୋଲ କରିବାକୁ ସକ୍ଷମ ହୋଇ ନଥିଲା । ଭାରତ ଶେଷ କ୍ୱାର୍ଟରରେ ପୂରା ଡିଫେନ୍ସିଭ ଆଭିମୁଖ୍ୟ ଦେଖାଇଥିଲା । ଏହାକୁ ଦେଖି ମ୍ୟାଚ୍ ସରିବାକୁ ୩.୨୭ ମିନିଟ ବାକିଥିବା ବେଳେ ଚାଇନା ନିଜର ଗୋଲକିପରଙ୍କୁ କାଢ଼ି ନେଇଥିଲା । ଅଧିକ ଜଣେ ଖେଳାଳିଙ୍କ ସହ ଆକ୍ରମଣ କରିଥିଲା । ହେଲେ ସଲିମା ଟେଟଙ୍କ ଟିମ ଇତିହାସ ରଚିବା ମୁଡରେ ଥିଲା । ଅଭିଜ୍ଞ ନେହା ଓ ନବନୀତ କୌରଙ୍କ ସମେତ ଓଡ଼ିଶାର ସୁନେଲିତା ଟପୋ ଚାଇନାର ସବୁ ଆକ୍ରମଣକୁ ପଣ୍ଡ କରି ଦେଇଥିଲେ । ଆଉ ଭାରତକୁ ୪୪ ବର୍ଷ ପରେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଭେଟି ଦେଇଥିଲେ । ୧୯୮୨ ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଡେବ୍ୟୁ କରିବା ସହ ରାଉଣ୍ଡ ରବିନ ଫର୍ମାଟରେ ଅପରାଜେୟ ରହି ସ୍ୱର୍ଣ୍ଣ ପଦକ ଜିତିଥିଲା । ଏହା ଆଜି ଯାଏ ଭାରତୀୟ ମହିଳା ଦଳର ଏକମାତ୍ର ଏସୀୟ ସ୍ୱର୍ଣ୍ଣ ଥିଲା । ୧୯୯୮ରେ ଦଳ ଫାଇନାଲକୁ ଯାଇଥିଲା । କିନ୍ତୁ ଦକ୍ଷିଣ କୋରିଆ ୨-୧ରେ ଭାରତକୁ ହରାଇ ଦେଶର ସ୍ୱର୍ଣ୍ଣ ସ୍ୱପ୍ନକୁ ଭାଙ୍ଗି ଦେଇଥିଲା । ୨୦୧୮ ଜାକାର୍ତା ଏସୀୟ କ୍ରୀଡ଼ାରେ ଭାରତୀୟ ମହିଳା ଟିମ ପାଇଁ ପୁଣି ସୁନା ଜିତିବାର ସୁଯୋଗ ସୃଷ୍ଟି ହୋଇଥିଲା । ହେଲେ ଜାପାନ ଏହାକୁ ୧-୦ରେ ଜିତି ସବୁ ସ୍ୱପ୍ନକୁ ଧୂଳିସାତ କରିଥିଲା । କୋଟି କୋଟି ଭାରତୀୟଙ୍କ ହୃଦୟ ମଧ୍ୟ ଭାଙ୍ଗିଥିଲା । ୨୦୨୬ ସବୁ ଦୁଃସ୍ୱପ୍ନକୁ ଭାଙ୍ଗି ଚୂରମାର କରି ଦେଇଛି । ଭାରତୀୟ ମହିଳା ଟିମ ଏସିଆ ମହାଦେଶର ଚାମ୍ପିୟନ ହୋଇଯାଇଛି । ନିଜର ୨୦୦ତମ ମ୍ୟାଚ୍‌ରେ ଲାରେମସିଆମି ଗୋଲ୍ କରି ଭାରତକୁ ବିଜୟ ଭେଟି ଦେଇଛନ୍ତି । ଏହି ମ୍ୟାଚ୍ ତାଙ୍କ ପାଇଁ ଆହୁରି ସ୍ମରଣୀୟ ହୋଇଯାଇଛି ।

ଜନ୍ମ ଦିନରେ ସ୍ୱର୍ଣ୍ଣ ଜିତିଲେ ଲଭଲିନା

ନୂଆଦିଲ୍ଲୀ, ୨/୧୦ (ନ୍ୟୁ.ଏ): ଆଜି ହେଉଛି ଭାରତର ଷ୍ଟାର ବକ୍ସର ଲଭଲିନା ବୋର୍ଗୋହେନ୍‌ଙ୍କର ଜନ୍ମଦିନ । ଆଉ ନିଜ ଜନ୍ମଦିନ ସେ ଜିତିଛନ୍ତି ସ୍ୱର୍ଣ୍ଣ ପଦକ । ଜାପାନରେ ଆଇଚି ନାଗୋୟାରେ ଚାଲିଥିବା ଏସିଆନ ଗେମ୍ସରେ ତାଙ୍କୁ ମିଳିଛି ଏହି ସଫଳତା । ମହିଳା ୭୫ କେଜି ବକ୍ସିଂ ଫାଇନାଲରେ ଚାଇନାର ବାଓ ଜିୟିଙ୍କୁ ୫-୦ରେ ପରାସ୍ତ କରି ଲଭଲିନା ଜିତିଛନ୍ତି ସ୍ୱର୍ଣ୍ଣ ପଦକ । ୨୦୨୩ରେ ଚାଇନାର ହାଙ୍ଗଝୋଉରେ ଅନୁଷ୍ଠିତ ଏସିଆନ ଗେମ୍ସରେ ସେ ଫାଇନାଲରେ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ । ଏହା ସହିତ ଏସିଆନ ଗେମ୍ସରେ ବକ୍ସିଂରେ ସ୍ୱର୍ଣ୍ଣ ପଦକ ଜିତିବାରେ ସେ ହେଉଛନ୍ତି ଦ୍ୱିତୀୟ ଭାରତୀୟ ମହିଳା । ତାଙ୍କ ପୂର୍ବରୁ ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଭାରତର ଅନ୍ୟତମ ଷ୍ଟାର ବକ୍ସର ମ୍ୟାରୀ କମ୍ । ୧୯୯୭ ମସିହା ଅକ୍ଟୋବର ୨ ତାରିଖରେ ଆସାମର ଗୋଲଘାଟ ଜିଲ୍ଲାର ବାରୋମୁଖିଆ ଗାଁରେ ଜନ୍ମ ହୋଇଥିବା ଲଭଲିନା ବୋର୍ଗୋହେନ୍ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ବିଶ୍ୱ ଚାମ୍ପିୟନଶିପ୍‌ରେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ବ୍ରୋଞ୍ଜ ପଦକ ଜିତିଛନ୍ତି । ସେହିପରି ଏସିଆନ ଚାମ୍ପିୟନଶିପ୍‌ରେ ସେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ବ୍ରୋଞ୍ଜ ଜିତିଥିବା ବେଳେ ୨୦୨୬ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ରୌପ୍ୟ ପଦକ ଜିତିଛନ୍ତି । ଗତ ଏସିଆନ୍ ଗେମ୍ସରେ ସେ ରୌପ୍ୟ ପଦକ ଜିତିଥିବା ବେଳେ ଏଥର ଜିତିଛନ୍ତି ସ୍ୱର୍ଣ୍ଣ । ଜାପାନରେ ଆଇଚି ନାଗୋୟାରେ ଚାଲିଥିବା ଏସିଆନ ଗେମ୍ସ ଚତୁର୍ଦ୍ଦଶ ଦିବସରେ ପହଂଚିଥିବା ବେଳେ ଲଭଲିନାଙ୍କ ସ୍ୱର୍ଣ୍ଣ ପଦକ ଜିତିବା ପରେ ଭାରତର ମୋଟ ସ୍ୱର୍ଣ୍ଣ ପଦକ ସଂଖ୍ୟା ୧୨କୁ ବୃଦ୍ଧି ପାଇଛି । ଲଭଲିନାଙ୍କ ପୂର୍ବରୁ ଆଜି ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲେ ମହିଳା ତିରନ୍ଦାଜମାନେ । ମହିଳା ରିକର୍ଭ ଆର୍ଚେରୀ ଟିମ୍‌କୁ ମିଳିଥିଲା ଏହି ସଫଳତା । ଏହି ଟିମ୍‌ରେ ଥିଲେ ଅଙ୍କିତା ଭକତ, କିର୍ତୀ ଶର୍ମା ଓ କୁମକୁମ ଅନୀଲ ମୋହୋଦ । ସେମାନେ ଦକ୍ଷିଣ କୋରିଆ ଟିମ୍‌କୁ ପରାସ୍ତ କରିଥିଲେ । ଏହା ସହିତ ଏହି ଟିମ୍ ଇତିହାସ ରଚିଛି । ଏହି ଇଭେଂଟରେ ପ୍ରଥମ ଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିଛି ଭାରତ । ସେହିପରି ତୀରନ୍ଦାଜ କୁମକୁମ ଅନୀଲ ମୋହୋଦ ଓ ଧୀରଜ ବୋମ୍ମାଦେବରା ମିକ୍ସଡ ରିକର୍ଭ ଟିମ୍ ଇଭେଂଟରେ ରୌପ୍ୟ ପଦକ ଜିତିଛନ୍ତି । ନୌଚାଳନାରେ ଭାରତକୁ ଏକ ବ୍ରୋଞ୍ଜ ପଦକ ମିଳିଛି । ଦେଶ ପାଇଁ ଏହି ପଦକ ଜିତିଛନ୍ତି ନେତ୍ରା କୁମାନନ । ମହିଳା ଡିଙ୍ଗି ଇଭେଂଟରେ ତାଙ୍କୁ ଏହି ପଦକ ମିଳିଛି । ଭାରତ ମୋଟ ପଦକ ସଂଖ୍ୟା ୭୦କୁ ବୃଦ୍ଧି ପାଇଥିବା ବେଳେ ତା' ମଧ୍ୟରେ ରହିଛି ୧୨ ସ୍ୱର୍ଣ୍ଣ ପଦକ, ୨୪ ରୌପ୍ୟ ଓ ୩୪ ବ୍ରୋଞ୍ଜ ।

ଭାରତୀୟ ରିକର୍ଭ ମହିଳା ଦଳକୁ ସ୍ୱର୍ଣ୍ଣ; ମିଶ୍ରିତରେ ରୌପ୍ୟ

ନାଗୋୟା, ୨/୧୦ (ନ୍ୟୁ.ଏ): ଭାରତୀୟ ରିକର୍ଭମହିଳା ଦଳ ଚଳିତ ଏସୀୟ କ୍ରୀଡ଼ା ତୀରନ୍ଦାଜିରେ ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ଗୌରବ ଆଣିଛି । ହେଲେ ମିଶ୍ରିତ ଯୁଗଳରେ କୁମ୍‌କୁମ୍ ଅନିଲ ମୋହୋଦ ଓ ଧୀରଜ ବୋମ୍ମାଦେବାରା ଅଳ୍ପକେ ସ୍ୱର୍ଣ୍ଣ ପଦକ ହାତଛଡ଼ା କରି ରୌପ୍ୟରେ ସନ୍ତୁଷ୍ଟ ରହିଛନ୍ତି । ଶୁକ୍ରବାର ଦଳଗତ ଫାଇନାଲ୍‌ରେ ଭାରତ ୫-୩ରେ ୧୦ ଥରର ଅଲିମ୍ପିକ ବିଜେତା ଦକ୍ଷିଣ କୋରିଆକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ନିଶ୍ଚିତ କରିଥିଲା । ଏସୀୟ କ୍ରୀଡ଼ାରେ ଲଗାତାର ୭ ଥର ସ୍ୱର୍ଣ୍ଣ ଜିତିଥିବା କୋରିଆକୁ ଅଙ୍କିତା ଭକତ, କୀର୍ତି ଶର୍ମା ଓ ୧୭ ବର୍ଷୀୟା କୁମ୍‌କୁମ୍‌ଙ୍କୁ ନେଇ ଗଠିତ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ ବଳରେ ମାତ୍ ଦେଇ ଇତିହାସ ରଚିଛି । ମ୍ୟାଚ୍‌ର ପ୍ରଥମ ଦୁଇ ଗେମ୍‌ରେ ଉଭୟ ଦଳ ୫୪, ୫୬ କରି ସମାନ ସ୍ତରରେ ରହିଥିଲେ । ହେଲେ ତୃତୀୟ ଗେମ୍‌କୁ ଭାରତ ୫୫-୫୧ରେ ଜିତି ୨ ପଏଂଟ ଆଗରେ ରହିଥିଲା । ଚତୁର୍ଥ ଗେମ୍ ୫୪-୫୪ରେ ଶେଷ ହେବାରୁ ଭାରତ ୫-୩ରେ ବିଜୟୀ ହୋଇ ଦକ୍ଷିଣ କୋରିଆର ଲଗାତାର ଅଷ୍ଟମ ଓ ମୋଟ ଉପରେ ନବମ ଏସୀୟ ସ୍ୱର୍ଣ୍ଣ ଆଶାରେ ପାଣି ଭରିବା ସହ ପ୍ରଥମ ଥର ଲାଗି ଏହି କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତି ଇତିହାସ ରଚିଥିଲା । ପୂର୍ବରୁ ସେମିଫାଇନାଲ୍ ଗତ ସଂସ୍କରଣ କାଂସ୍ୟ ବିଜେତା ଭାରତ ୫-୧ରେ ଚୀନ୍‌କୁ ପରାସ୍ତ କରିଥିଲା । ଚଳିତ ମେ' ମାସରେ ଭାରତ ସାଂଘାଇ ବିଶ୍ୱକପରେ ସ୍ୱର୍ଣ୍ଣ ଜିତି ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ଲାଗି ରାସ୍ତା ପ୍ରସ୍ତୁତ କରିଥିଲା । ଏହି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଦକ୍ଷିଣ କୋରିଆକୁ ହରାଇଥିଲା ଭାରତ । ବିଶ୍ୱ ବିଜେତା ଦଳରେ ଥିବା ପୂର୍ବତନ ବିଶ୍ୱର ଏକ ନମ୍ବର ଦୀପିକା କୁମାରୀ ଚୟନ ପ୍ରକ୍ରିୟାରେ ବିଫଳ ହେବାରୁ ତାଙ୍କ ସ୍ଥାନରେ କୀର୍ତି ଏସୀୟ କ୍ରୀଡ଼ା ଦଳରେ ସାମିଲ ହୋଇଥିଲେ । ମିଶ୍ରିତ ଯୁଗଳ ଫାଇନାଲ୍‌ରେ କୁମ୍‌କୁମ୍ ଓ ଧୀରଜ ୩-୫ (୩୪-୩୮, ୩୫-୩୭, ୩୭-୩୬, ୩୭-୩୭)ରେ ଚୀନ୍ ଯୋଡ଼ିଠୁ ହାରି ରୌପ୍ୟ ପାଇଥିଲେ । ଏସୀୟ କ୍ରୀଡ଼ା ଇତିହାସରେ ଭାରତର ଏହା ପ୍ରଥମ ମିଶ୍ରିତ ଯୁଗଳ ରୌପ୍ୟ ପଦକ । ଦିନସାରା ଚମତ୍କାର ପ୍ରଦର୍ଶନ କରିଥିବା କୁମ୍‌କୁମ୍ ମିଶ୍ରିତ ଫାଇନାଲ୍‌ରେ ଟିକେ ଧିମେଇ ଯାଇଥିଲେ । ଥରେ ୧୦ ସ୍କୋର ଏବଂ ଅନେକ ଥର ୮ ଓ ୭ ସ୍କୋର କରିବା ଭାରତ ପାଇଁ ମହଙ୍ଗା ପଡ଼ିଥିଲା । ଅନ୍ୟପକ୍ଷରେ ଚୀନ୍‌ର ମେଙ୍ଗ୍‌କ୍ସି ଲି ୫ ଥର ୧୦ଏସ୍ ପାଇ ଦଳକୁ ସ୍ୱର୍ଣ୍ଣ ଭେଟି ଦେଇଥିଲେ । ଏହି ରୌପ୍ୟ ସହ କୁମ୍‌କୁମ୍ ଚଳିତ ପ୍ରତିଯୋଗିତାରେ ନିଜ ପଦକ ସଂଖ୍ୟାକୁ ୨ରେ ପହଂଚାଇଛନ୍ତି । ସେମିଫାଇନାଲ୍‌ରେ କୁମ୍‌କୁମ୍ ଓ ଧୀରଜ ୩୭-୩୫ରେ ଜାପାନ ଯୋଡ଼ିଙ୍କୁ ହରାଇ ପ୍ରଥମ ଥର ଫାଇନାଲ୍‌ରେ ପହଂଚିଥିଲେ ।

କ୍ୟାପଟେନ୍ ସ୍ମିତ୍ ମାଛରଙ୍କୁ ଅଶୋକ ଚକ୍ର ପୁରସ୍କାର ପ୍ରଦାନ କରିବାକୁ ଦାବି

ନୂଆଦିଲ୍ଲୀ, ୨/୧୦ (ନ୍ୟୁ.ଏ): ଇସ୍ରାଏଲୀ ଯାତ୍ରୀ ମାନଙ୍କୁ ନେଇ ଯାଉଥିବା ଫ୍ଲାଏଦୁବାଇ ବିମାନ ଉଡ଼ ୧୦୭୩ ର ଦୁର୍ଘଟଣାକୁ ରୋକିଥିବା ଭାରତୀୟ କ୍ୟାପଟ୍ଟେନ ସ୍ମିତ୍ ମାଛରଙ୍କୁ ସାରା ବିଶ୍ୱରେ ପ୍ରଶଂସା କରାଯାଉଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଠାରୁ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପର୍ଯ୍ୟନ୍ତ ସମସ୍ତେ କ୍ୟାପଟ୍ଟେନ ସ୍ମିତ୍ ଙ୍କ ସାହସିକତାକୁ ସମ୍ମାନ ଜଣାଇଛନ୍ତି । ଏହି ସମୟରେ, ଭାରତରେ କ୍ୟାପଟ୍ଟେନ ସ୍ମିତ୍ ଙ୍କ ଅଶୋକ ଚକ୍ର ପାଇଁ ଆହ୍ୱାନ ଆରମ୍ଭ ହୋଇଛି । ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଲେଖିକା ଶେଫାଲି ବୈଦ୍ୟାଙ୍କ ସମେତ ଅନେକ ନେତା ଏବଂ ସେଲିବ୍ରିଟି କ୍ୟାପଟ୍ଟେନ ସ୍ମିତ୍ ଙ୍କୁ ଅଶୋକ ଚକ୍ର ବୀରତା ପୁରସ୍କାର ପ୍ରଦାନ କରିବାକୁ ଦାବି କରିଛନ୍ତି । ଶିବସେନା ରାଜ୍ୟସଭା ସାଂସଦ ମିଲିନ୍ଦ ଦେଓରା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏକ ଚିଠି ଲେଖିଛନ୍ତି, କ୍ୟାପଟ୍ଟେନ ସ୍ମିତ୍ ଙ୍କ ପାଇଁ ପ୍ରତିଷ୍ଠିତ ଅଶୋକ ଚକ୍ର ଦାବି କରିଛନ୍ତି । ମୁମ୍ବାଇରେ ଜନ୍ମିତ ପାଇଲଟ୍ କ୍ୟାପଟ୍ଟେନ ସ୍ମିତ୍ ମାଛର ଦୁବାଇରୁ ଇସ୍ରାଏଲର ତେଲ ଅଭିଭ୍ ଯାଉଥିବା ଫ୍ଲାଏଦୁବାଇ ବିମାନ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ମିଡିଲ୍ ଏୟାର ଚ୍ୟାଲେଞ୍ଜ ସମୟରେ ଅସାଧାରଣ ସାହସ ପ୍ରଦର୍ଶନ କରିଥିଲେ । ମହାରାଷ୍ଟ୍ର ଡେପୁଟି ସିଏମ୍ ଏକନାଥ ସିନ୍ଦେ ଏବଂ ଶିବସେନା ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଏକ ଚିଠି ସେୟାର କରି ମିଲିନ୍ଦ ଦେଓରା କ୍ୟାପଟ୍ଟେନ ସ୍ମିତ ମାଛରଙ୍କୁ ପ୍ରଶଂସା କରିଛନ୍ତି, ତାଙ୍କୁ 'ମୁମ୍ବାଇର ପୁଅ' ବୋଲି କହିଛନ୍ତି । ଚିଠିରେ ମିଲିନ୍ଦ ଦେଓରା ଲେଖିଛନ୍ତି ଯେ ଆକାଶରେ ଏକ ଅକଳ୍ପନୀୟ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ କ୍ୟାପଟ୍ଟେନ ସ୍ମିତ ମାଛର ନିଜ ଜୀବନର ଚିନ୍ତା ନକରି ଅନ୍ୟମାନଙ୍କ ଜୀବନକୁ ପ୍ରାଥମିକତା ଦେଇଥିଲେ ଏବଂ ଗୁରୁତର ଆହତ ହେବା ସତ୍ୱେ ତାଙ୍କ କାମ ଜାରି ରଖିଥିଲେ । ଦେଓରା କହିଛନ୍ତି ଯେ ଏହି କାର୍ଯ୍ୟ ସାହସ, ନିଃସ୍ୱାର୍ଥପରତା ଏବଂ ସମର୍ପଣର ସର୍ବୋଚ୍ଚ ଉଦାହରଣ । ପ୍ରଧାନମନ୍ତ୍ରୀ ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଟ୍ୟାଗ୍ କରି ଲେଖିକା ଶେଫାଲି ବୈଦ୍ୟ ପୋଷ୍ଟ କରିଛନ୍ତି, 'ଯଦି କେହି ଏହି ବର୍ଷ ଅଶୋକ ଚକ୍ର ପାଇବାକୁ ଯୋଗ୍ୟ, ତେବେ ସେ ହେଉଛନ୍ତି କ୍ୟାପଟ୍ଟେନ ସ୍ମିତ ମାଛର । ଏହି ସାହସୀ ଫ୍ଲାଏଦୁବାଇ ପାଇଲଟ ନିଜେ ଗୁରୁତର ଆହତ ହେବା ସତ୍ୱେ ୨୦୦ ଯାତ୍ରୀଙ୍କ ଜୀବନ ବଂଚାଇଥିଲେ ।' ଏହା ବ୍ୟତୀତ, ପ୍ରଥମ ଭାରତୀୟ ବୁଲେଟ୍ ଧାବକ ଏବଂ ୨୦୧୮ରେ କିମକା ଏବଂ ଜାତୀୟ ପୁରସ୍କାର ପ୍ରାପ୍ତ ମେଜର ଡିପି ସିଂହ ମଧ୍ୟ ଟ୍ୱିଟରରେ ଲେଖିଛନ୍ତି ଯେ କ୍ୟାପଟ୍ଟେନ୍ ସ୍ମିତ୍ ସର୍ବୋଚ୍ଚ ଶାନ୍ତିକାଳୀନ ସାହସିକତା ପୁରସ୍କାର ଅଶୋକ ଚକ୍ର ପାଇବାକୁ ଯୋଗ୍ୟ । ନୀରଜା ଭାନୋଟଙ୍କୁ ୧୯୮୭ରେ ମରଣୋତର ଭାବରେ ସମ୍ମାନିତ କରାଯାଇଥିଲା । ଆପଣଙ୍କ ମଧ୍ୟରୁ କେତେ ଜଣ ସହମତ ।

ଫ୍ଲାଏଦୁବାଇ ଆକ୍ରମଣକୁ ଆତଙ୍କବାଦୀ କାର୍ଯ୍ୟ ମାନିଲା ୟୁଏଇ

ଆବୁଧାବି, ୨/୧୦ (ନ୍ୟୁ.ଏ): ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଜଣେ ବରିଷ୍ଠ ଅଧିକାରୀ ଫ୍ଲାଏଦୁବାଇ ବିମାନ ଏଫ୍‌ଜେଡ୍ ୧୦୭୩ରେ ଆକ୍ରମଣକୁ ଆତଙ୍କବାଦୀ କାର୍ଯ୍ୟ ବୋଲି କହିଛନ୍ତି । ଏହାସହିତ ମଝି ଆକାଶରେ ଭାରତୀୟ ପାଇଲଟ କ୍ୟାପଟ୍ଟେନ ସ୍ମିତ୍ ମାଛର ଯେପରି ଭାବେ ସହ-ପାଇଲଟଙ୍କ ହାଇଜାକ୍ ପରେ ବି ବିମାନକୁ ସୁରକ୍ଷିତ ରଖିବାକୁ ଲଢ଼ିଥିଲେ ତା'ର ପ୍ରଶଂସା କରିଛନ୍ତି । ୟୁଏଇ ରାଷ୍ଟ୍ରପତିଙ୍କ ପରାମର୍ଶଦାତା ଅନୱର ଗାରଗାସ୍ କହିଛନ୍ତି, ମାଛର ଦୃଢ଼ତାର ସହିତ ଲଢ଼ି ଆତଙ୍କବାଦୀ କାର୍ଯ୍ୟକୁ ପଣ୍ଡ କରିବା ସହିତ ଏତେବଡ଼ ବିପର୍ଯ୍ୟୟ ହେବାରୁ ରକ୍ଷା କରିଥିବାରୁ ପ୍ରଶଂସାର ପାତ୍ର । 'ଏକ୍ସ'ରେ ଏକ ପୋଷ୍ଟ କରି ସେ କହିଛନ୍ତି, ଆତଙ୍କବାଦ ଓ ଉଗ୍ରବାଦର ମୁକାବିଲା ପାଇଁ ସତର୍କତା ଆବଶ୍ୟକ । ଫ୍ଲାଏଦୁବାଇ ଘଟଣା ପରେ ପ୍ରଥମ ଥର ପାଇଁ ୟୁଏଇ ଅଧିକାରୀ ଏହାକୁ ଏକ ଆତଙ୍କବାଦୀ ଆକ୍ରମଣ ବୋଲି ସ୍ୱୀକାର କରିଛନ୍ତି । ସେପ୍ଟେମ୍ବର ୩୦ ରେ ଦୁବାଇରୁ ତେଲ ଅଭିଭ ଯାଉଥିବା ବିମାନ ପରିଚାଳନା ସମୟରେ ମାଛର ଗୁରୁତର ଆହତ ହୋଇଥିଲେ । କକପିଟ୍‌ରେ ଦୁଇ ପାଇଲଟ ମୁହାଁମୁହିଁ ହେବା ପରେ ବିମାନ ସାଉଦି ଆରବର ତାବୁକକୁ ଜରୁରୀ ଅବତରଣ କରିଥିଲା । ମାଛର କକ୍‌ପିଟ୍‌ରେ ଏକାକୀ ଆକ୍ରମଣକାରୀ ସହ ପାଇଲଟଙ୍କ ମୁକାବିଲା କରିବା ସହିତ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କ ସହାୟତାରେ ବିମାନଟି ସୁରକ୍ଷିତ ଭାବରେ ଅବତରଣ କରିଥିଲା । ବିମାନଟିରେ ୧୭୪ ଜଣ ଯାତ୍ରୀ ଓ ଆଠ ଜଣ କ୍ରୁ ସଦସ୍ୟ ଥିଲେ । ଗୁରୁବାର ୟୁଏଇ ହାଇଜାକ୍ ଘଟଣାରେ ତଦନ୍ତ ନିର୍ଦ୍ଦେଶ ଦେଇଥିଲା । ୟୁଏଇର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ, ବିମାନଟି ୟୁଏଇରେ ପଞ୍ଜିକୃତ ଓ ଏହାର ପତାକା ବହନ କରୁଥିବାରୁ ଘଟଣାର ପରିସ୍ଥିତି ଓ କାରଣ ତଦନ୍ତ ପାଇଁ ଏକ ଦଳ ଗଠନ କରାଯିବ । ତେବେ ୟୁଏଇ ସହ ପାଇଲଟଙ୍କ ପରିଚୟ ପ୍ରକାଶ କରିନାହିଁ ।

ହଠାତ୍ କଣ୍ଡକ୍ଟର ହୋଇଗଲେ ସିଏମ୍ ବିଜୟ

ନୂଆଦିଲ୍ଲୀ, ୨/୧୦ (ନ୍ୟୁ.ଏ): ବସ୍‌ରେ କଣ୍ଡକ୍ଟର ସିଟ୍‌ରେ ସିଏମ୍ ବିଜୟ । ହଠାତ୍ କଣ୍ଡକ୍ଟର ସାଜି ଲୋକଙ୍କ ଠାରୁ ଆଦାୟ କଲେ ଭଡ଼ା । ଆପଣ ଭାବୁଥିବେ ରାଜ୍ୟର ମୁଖ୍ୟମନ୍ତ୍ରୀ କଣ ଏମିତି କଣ୍ଡକ୍ଟର କାମ କଲେ । ପ୍ରକୃତ କଥା ହେଲା, ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ଶୁକ୍ରବାର ରାଜ୍ୟସାରା ମହିଳା ଓ ଟ୍ରାନ୍ସଜେଣ୍ଡର ସଂପ୍ରଦାୟ ପାଇଁ ମାଗଣା ବସ୍ ଯାତ୍ରାର ସମ୍ପ୍ରସାରଣ କରି, 'ଭେଟ୍ରି ପୟନମ୍ ତୋଟ୍ଟମ୍' ଯୋଜନାର ନୂତନ ପର୍ଯ୍ୟାୟର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନା ଅନୁସାରେ ଏବେ ଆହୁରି ଅନେକ ଶ୍ରେଣୀର ବସ୍‌ରେ ମାଗଣା ଯାତ୍ରା ସୁବିଧା ମିଳିବ । ଗାନ୍ଧୀ ଜୟନ୍ତୀ ଅବସରରେ ଏହି ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ବିଜୟ ଚେନ୍ନାଇରେ ନିଜେ ବସ୍‌ରେ ଯାତ୍ରା କରି ଥିଲେ । ଏହି ସମୟରେ ସେ ନିଜେ ମହିଳାମାନଙ୍କୁ ମାଗଣା ଟିକେଟ୍ ବାଂଟି ଥିଲେ । ବସରେ ଯାତ୍ରା କରୁଥିବା କଲେଜ ଛାତ୍ରୀମାନେ ଟିକେଟ୍ ବଦଳରେ ମୁଖ୍ୟମନ୍ତ୍ରୀଙ୍କୁ ଚକୋଲେଟ୍ ଦେଇ ଥିଲେ । ଉକ୍ତ ଯୋଜନାରେ ଦୈନିକ ପ୍ରାୟ ୮୪.୩୨ ଲକ୍ଷ ମହିଳା ଲାଭାନ୍ୱିତ ହେବାର ଆଶା କରାଯାଉଛି । ହିତାଧିକାରୀମାନେ ରାଜ୍ୟ ପରିବହନ ନିଗମ (ଟିଏନଏସଟିସି) ଦ୍ୱାରା ପରିଚାଳିତ ୧୨,୬୯୫ଟି ବସରେ ମାଗଣାରେ ଯାତ୍ରା କରି ପାରିବେ । ଏଥିରେ ଏକ୍ସପ୍ରେସ୍ ଏବଂ ଡିଲକ୍ସ ଶ୍ରେଣୀର ସେବାକୁ ମଧ୍ୟ ସାମିଲ କରାଯାଇଛି । ପୂର୍ବରୁ ଏହି ସୁବିଧା କେବଳ କେତେକ ସୀମିତ ଶ୍ରେଣୀର ସାଧାରଣ ବସରେ ଉପଲବ୍ଧ ଥିଲା, କିନ୍ତୁ ଏବେ ଏଥିରେ ଏକ୍ସପ୍ରେସ୍, ଡିଲକ୍ସ ଏବଂ ମନୋନୀତ ପାହାଡ଼ିଆ ଅଂଚଳର ବସ୍ ସେବାକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ରାଜ୍ୟ ସରକାରଙ୍କ ସୂଚନା ଅନୁଯାୟୀ, ଏହି ଯୋଜନାର ଲାଭ ଉଠାଇବା ପାଇଁ କୌଣସି ଆୟ ସୀମା ସ୍ଥିର କରାଯାଇ ନାହିଁ ଏବଂ ଗୋଟିଏ ଦିନରେ ଯାତ୍ରା ସଂଖ୍ୟା ଉପରେ ମଧ୍ୟ କୌଣସି କଟକଣା ନାହିଁ । କହି ରଖୁଛୁ କି, 'ଭେଟ୍ରି ପୟନମ୍' ନାମଟି ଶାସକ ଦଳ 'ତାମିଲଗା ଭେଟ୍ରି କାଝାଗମ୍' ରୁ ପ୍ରେରିତ, ଯାହାର ଅର୍ଥ ହେଉଛି ବିଜୟୀ ଯାତ୍ରା । ରାଜ୍ୟ ପରିବହନ ମନ୍ତ୍ରୀ ଏ. ବିଜୟ ତାମିଲନ୍ ପାର୍ଥିବନ୍ କହିଛନ୍ତି ଯେ, ପରିବହନ ଖର୍ଚ୍ଚ ଯେପରି ମହିଳା ଓ ଟ୍ରାନ୍ସଜେଣ୍ଡରଙ୍କ ଶିକ୍ଷା, ରୋଜଗାର, ଜୀବିକା ।

ଦିଲ୍ଲୀରେ ବାୟୁ ଗୁଣବତା ହ୍ରାସ; ୧୨ଟି ହଟ୍‌ସ୍ପଟ୍‌ରେ ବୃଦ୍ଧି ପାଉଛି ପ୍ରଦୂଷଣ

ନୂଆଦିଲ୍ଲୀ, ୨/୧୦ (ନ୍ୟୁ.ଏ): ଶୀତଋତୁ ଆଗମନ ପୂର୍ବରୁ ଦିଲ୍ଲୀ ଓ ଏହାର ପାର୍ଶ୍ୱବର୍ତୀ ସହରଗୁଡ଼ିକରେ ବାୟୁ ପ୍ରଦୂଷଣ ସମସ୍ୟା ପୁଣି ଥରେ ଗୁରୁତର ରୂପ ନେବାକୁ ଲାଗିଛି । ରାଜ୍ୟ ସରକାରଙ୍କ ବିଶେଷ ପ୍ରଦୂଷଣ ନିୟନ୍ତ୍ରଣ ଅଭିଯାନ ସତ୍ୱେ ସ୍ଥିତିରେ ଆଶାଜନକ ସୁଧାର ଆସିପାରି ନାହିଁ । ନଡ଼ା ପୋଡ଼ି ଏବଂ ପାର୍ବଣ ସମୟରେ ବାଣ ଫୁଟାଯିବା କାରଣରୁ ନିର୍ଦ୍ଧାରିତ ୧୨ଟି ସମ୍ବେଦନଶୀଳ ହଟ୍‌ସ୍ପଟ୍ ଅଂଚଳରେ ବାୟୁର ମାନ ଚିନ୍ତାଜନକ ସ୍ତରକୁ ଖସିଯାଇଛି । ସରକାର ଶୀତକାଳୀନ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିଥିଲେ ହେଁ ଏହି ସ୍ଥାନଗୁଡ଼ିକରେ କୌଣସି ପ୍ରତ୍ୟକ୍ଷ ସୁଫଳ ମିଳିନାହିଁ । ହରିୟାଣାରୁ ଆସୁଥିବା ଧୂଳିପୂର୍ଣ୍ଣ ପବନ ଓ ଖରାପ ରାସ୍ତା ଯୋଗୁଁ ଆୟାନଗର ଅଂଚଳରେ ପ୍ରଦୂଷଣ ବୃଦ୍ଧି ପାଉଥିବା ବେଳେ ପ୍ରଦୂଷଣକାରୀ ଯାନବାହାନ ଚଳାଚଳ ଏବଂ ନଡ଼ା ପୋଡ଼ି ଯୋଗୁଁ ନଜଫଗଡ଼ରେ ସ୍ଥିତି ଜଟିଳ ହୋଇଛି । ସେହିପରି ଓ୍ୱଜିରପୁରରେ ଶିଳ୍ପାଂଚଳ ଏବଂ ସଂକୀର୍ଣ୍ଣ ରାସ୍ତାରେ ନିରନ୍ତର ଯାନବାହାନ ଚଳାଚଳ ପ୍ରଦୂଷଣର ମୁଖ୍ୟ କାରଣ ପାଲଟିଛି । ଜାହାଙ୍ଗୀରପୁରୀରେ ଭାଲସ୍ୱା ଆବର୍ଜନା ପାହାଡ଼ ନିକଟତର ହେବା ଏବଂ ପ୍ରବଳ ଟ୍ରାଫିକ୍ ସମସ୍ୟା ଯୋଗୁଁ ବାୟୁମଣ୍ଡଳ ବିଷାକ୍ତ ହୋଇରହିଛି । ଅନ୍ୟପଟେ ଗାର୍ମେଂଟ-ଡାଇଂ ଶିଳ୍ପ ଓ ଅନଧିକୃତ ସ୍କ୍ରାପ୍ ୟୁନିଟ୍ ଏବଂ ଶାସ୍ତୀ ପାର୍କରେ ଭାରତୀୟ ସୀମାନ୍ତ ବସ୍ ଟର୍ମିନାଲ୍ (ଆଇଏସ୍‌ବିଟି) ସଂଯୋଗକାରୀ ରାସ୍ତାର ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥାରେ ତ୍ରୁଟି ଏବଂ ସ୍ଥାନୀୟ ଅଂଚଳର ଧୂଳି ସୃଷ୍ଟିକାରୀ ରାସ୍ତାଘାଟ ଯୋଗୁଁ ବାୟୁ ମାନ ହ୍ରାସ ପାଉଛି । ବିଶ୍ୱାସ ନଗରରେ ଶହ ଶହ ପ୍ଲାଷ୍ଟିକ୍ ଓ କେବୁଲ୍ ନିର୍ମାଣ ଶିଳ୍ପାଂଚଳ ଏବଂ ହରକେଶ ନଗରରେ ଓଖଲା ଶିଳ୍ପାଂଚଳ ନିକଟସ୍ଥ ବସ୍ତି ଅଂଚଳରେ କପଡ଼ା ଆବର୍ଜନା ପୋଡ଼ାଯିବା କାରଣରୁ ବାୟୁ ଦୂଷିତ ହେଉଛି । ହରି ନଗର ବସ୍ ଡିପୋ ଓ ମାୟାପୁରୀ ସ୍କ୍ରାପ୍ ବଜାର ହେତୁ ସ୍ଥାନୀୟ ଅଧିବାସୀ ବର୍ଷସାରା ଖରାପ ବାୟୁ ସେବନ କରିବାକୁ ବାଧ୍ୟ ହେଉଛନ୍ତି । ଏଲ୍‌ଏନ୍‌ଜେପି ହସ୍ପିଟାଲ୍ ଓ ନିର୍ମାଣ କାର୍ଯ୍ୟ ଯୋଗୁଁ ଦିଲ୍ଲୀ ଗେଟ୍‌ରେ ଟ୍ରାଫିକ୍ ସମସ୍ୟା ବୃଦ୍ଧି ପାଇଛି । ଏହାସହିତ ସାବଦା-ମୁବାରକପୁର କ୍ଲଷ୍ଟରରେ ଅବିକଶିତ କଲୋନୀ ଓ ଖୋଲା ଆବର୍ଜନା ଏବଂ ଭାଲସ୍ୱା-ନନ୍ଦ ନଗରୀ-ଗୋକୁଳପୁରୀ-ବକ୍କରୱାଲା କ୍ଲଷ୍ଟରରେ ଆବର୍ଜନା ପାହାଡ଼ରୁ ନିର୍ଗତ ମିଥେନ୍ ଗ୍ୟାସ୍ ଓ ଡେଆରିନ୍ ରିଲାଇଙ୍କୁ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ଭାବେ ଚିହ୍ନଟ ହୋଇଛି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das